ବର୍ଷ-୨୫, ସଂଖ୍ୟା-୨୫୫
ଭୁବନେଶ୍ୱର
୨୩, ସେପ୍ଟେମ୍ବର, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 255
Bhubaneswar
23, September, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

‘ଚାରିଧାମ’ର ସଫଳତା ଆଶାରେ ଅନୁରାଧା



# ଅରୁଣାଚଳ ପ୍ରଦେଶକୁ ୫୧୦୦ କୋଟି ପ୍ରକଳ୍ପ ଭେଟି

ନୂଆଦିଲ୍ଲୀ, ୨୨।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି, ଅରୁଣାଚଳ ପ୍ରଦେଶର ଇଟାନଗରରେ ପ୍ରାୟ ୫୧୦୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍ଘାଟନ କରିଛନ୍ତି। ଉପସ୍ଥିତ ସମାବେଶକୁ ସମ୍ବୋଧନ କରି, ସେ ପରମାତ୍ମା ଡୋନୟି ପୋଲୋଙ୍କୁ ସ୍ମରଣ କରିବା ସହ ସମସ୍ତଙ୍କ ଉପରେ ତାଙ୍କର କୃପା ରହୁ ବୋଲି ପ୍ରାର୍ଥନା କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ହେଲିପ୍ୟାଡରୁ ସମାବେଶସ୍ଥଳୀ ପର୍ଯ୍ୟନ୍ତ ଯାତ୍ରାରେ ଅଗଣିତ ଲୋକଙ୍କୁ ଭେଟିବା ଏବଂ ଜାତୀୟ ପତାକା ଧରିଥିବା ପିଲା ଓ ଯୁବକମାନଙ୍କୁ ଦେଖିବା, ଅରୁଣାଚଳ ପ୍ରଦେଶର ଉଷ୍ମ ଆତିଥ୍ୟର ଅନୁଭୂତିକୁ ଆହୁରି ଗଭୀର କରିଦେଇଥିଲା। ସେ କହିଥିଲେ ଯେ, ଅରୁଣାଚଳ କେବଳ "ଉଦୟମାନ ସୂର୍ଯ୍ୟର ଭୂମି" ନୁହେଁ, ଏହା ଏକ "ଉତ୍କୃଷ୍ଟ ଦେଶପ୍ରେମର ଭୂମି"। ସେ ଉଲ୍ଲେଖ କରିଥିଲେ ଯେ, ଯେପରି ଜାତୀୟ ପତାକାର ପ୍ରଥମ ରଙ୍ଗ କେଶର, ସେହିପରି ଅରୁଣାଚଳର ଆତ୍ମା ମଧ୍ୟ କେଶରରୁ ଆରମ୍ଭ ହୁଏ। ପ୍ରଧାନମନ୍ତ୍ରୀ କହିଥିଲେ, ଅରୁଣାଚଳର ପ୍ରତ୍ୟେକ ନାଗରିକ ବୀରତ୍ୱ ଓ ସରଳତାର ପ୍ରତୀକ। ରାଜ୍ୟ ପ୍ରତି ତାଙ୍କର ଗଭୀର ସ୍ନେହକୁ ପ୍ରକାଶ କରି ସେ କହିଥିଲେ ଯେ, ପ୍ରତ୍ୟେକ ଗସ୍ତ ତାଙ୍କୁ ଅପାର ଆନନ୍ଦ ଦେଇଥାଏ ଏବଂ ଲୋକଙ୍କ ସହିତ ବିତାଇଥିବା ପ୍ରତ୍ୟେକ ମୁହୂର୍ତ୍ତ ସ୍ମରଣୀୟ।

ସେ ଏହି ସ୍ନେହ ଓ ସମ୍ମାନକୁ ନିଜ ପାଇଁ ଏକ "ମହାନ ସମ୍ମାନ" ଭାବେ ବ୍ୟକ୍ତ କରିଥିଲେ। "ତାୱାଙ୍ଗ ମଠରୁ ନାମସାଇର ସ୍ୱର୍ଣ୍ଣ ପାଗୋଡା ପର୍ଯ୍ୟନ୍ତ, ଅରୁଣାଚଳ ପ୍ରଦେଶ ଶାନ୍ତି ଏବଂ ସଂସ୍କୃତିର ସଙ୍ଗମକୁ ପ୍ରତିନିଧିତ୍ୱ କରେ।" ପ୍ରଧାନମନ୍ତ୍ରୀ ଏହି ପବିତ୍ର ଭୂମିକୁ ନମସ୍କାର କରି ଏହାକୁ "ଭାରତ ମାତାର ଗୌରବ" ବୋଲି ବର୍ଣ୍ଣନା କରିଥିଲେ।



ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ତାଙ୍କର ଆଜିର ଅରୁଣାଚଳ ପ୍ରଦେଶ ଗସ୍ତ ତିନୋଟି ବିଶେଷ କାରଣରୁ ସ୍ୱତନ୍ତ୍ର ଥିଲା। ପ୍ରଥମତଃ, ପବିତ୍ର ନବରାତ୍ରିର ପ୍ରଥମ ଦିନରେ ସୁନ୍ଦର ପର୍ବତମାଳାକୁ ଦେଖିବାର ସୌଭାଗ୍ୟ ମିଳିଥିବାରୁ ସେ ଆନନ୍ଦ ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, ଏହି ଦିନ ଭକ୍ତମାନେ ହିମାଳୟକନ୍ୟା ମା' ଶୈଳପୁତ୍ରୀଙ୍କୁ ପୂଜା କରନ୍ତି। ଦ୍ୱିତୀୟତଃ, ସେ ସାରା ଦେଶରେ ନେକ୍ସଟଜେନ୍ ଜିଏସଟି ସଂସ୍କାର କାର୍ଯ୍ୟକାରୀ କରିବା ସହିତ ଜିଏସଟି ସଂଚୟ ମହୋତ୍ସବ ଆରମ୍ଭ କରିବାର ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ପର୍ବ-ପର୍ବାଣୀ ଋତୁରେ ନାଗରିକମାନେ ଦ୍ୱିଗୁଣିତ ଲାଭ ପାଇଛନ୍ତି। ତୃତୀୟତଃ, ସେ ଅରୁଣାଚଳ ପ୍ରଦେଶରେ ବିଦ୍ୟୁତ୍, ସଂଯୋଗୀକରଣ, ପର୍ଯ୍ୟଟନ ଏବଂ ସ୍ୱାସ୍ଥ୍ୟ ସମେତ ଅନେକ ବିକାଶ ପ୍ରକଳ୍ପର ଉଦ୍ଘାଟନକୁ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ, ଏହା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱିଗୁଣିତ ଲାଭକୁ ପ୍ରତିଫଳିତ କରେ। ଏହି ପ୍ରକଳ୍ପଗୁଡ଼ିକ ପାଇଁ ଅରୁଣାଚଳ ପ୍ରଦେଶର ଲୋକମାନଙ୍କୁ ପ୍ରଧାମନ୍ତ୍ରୀ ହୃଦୟରୁ ଅଭିନନ୍ଦନ ଜଣାଇଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ଜିଏସଟି ସଂଚୟ ମହୋତ୍ସବ ଭାରତର ସାଧାରଣ ଜନତାଙ୍କ ପାଇଁ ଆନନ୍ଦ, ସମୃଦ୍ଧି ଓ ସଫଳତାର ନୂତନ ଅବସର ଆଣିବ।

ଶ୍ରୀ ମୋଦୀ କହିଥିଲେ, ଅରୁଣାଚଳ ପ୍ରଦେଶ ସୂର୍ଯ୍ୟଙ୍କ କିରଣ ପାଇବାରେ ପ୍ରଥମ ସ୍ଥାନ ହୋଇଥିଲେ ବି ଦ୍ରୁତ ବିକାଶର କିରଣ ଏହି ଅଂଚଳରେ ପହଂଚିବା ପାଇଁ ଅନେକ ଦଶନ୍ଧି ସମୟ ନେଇଥିଲା, ଯାହାକି ବେଶ୍ ଦୁର୍ଭାଗ୍ୟଜନକ। ଶ୍ରୀ ମୋଦୀ ୨୦୧୪ ପୂର୍ବରୁ ଅନେକ ଥର ଅରୁଣାଚଳ ଗସ୍ତ ଏବଂ ଏହାର ଲୋକଙ୍କ ମଧ୍ୟରେ ରହିବାକୁ ମନେ ପକାଇଥିଲେ। ସେ କହିଥିଲେ ନିଜର ଭୂମି, ପରିଶ୍ରମୀ ନାଗରିକ ଏବଂ ଅପାର ସମ୍ଭାବନା ସହିତ ଏହି ରାଜ୍ୟ ପ୍ରକୃତିର ପ୍ରଚୁର ଆଶୀର୍ବାଦପ୍ରାପ୍ତ। ବିପୁଳ ଶକ୍ତି ଥିବା ସତ୍ତ୍ୱେ, ପୂର୍ବରୁ ଦିଲ୍ଲୀରୁ ଶାସନ କରୁଥିବା ଲୋକମାନେ ଅରୁଣାଚଳକୁ ନିୟମିତ ଭାବରେ ଅବହେଳା କରିଥିଲେ। ସେ ଅଳ୍ପ କିଛି ରାଜନୈତିକ ଦଳଙ୍କ ମାନସିକତା ପାଇଁ ସମାଲୋଚନା କରିଥିଲେ, ଯେଉଁମାନେ ମନେ କରୁଥିଲେ ଯେ ଅରୁଣାଚଳ ପ୍ରଦେଶର କମ୍ ଜନସଂଖ୍ୟା ଏବଂ କେବଳ ଦୁଇଟି ଲୋକସଭା ଆସନ ଥିବାରୁ ଏହା ଉପରେ ଧ୍ୟାନ ଦେବା ଉଚିତ ନୁହେଁ। ସେ କହିଥିଲେ ଯେ ଏହି ପଦ୍ଧତି ଅରୁଣାଚଳ ଏବଂ ସମଗ୍ର ଉତ୍ତର-ପୂର୍ବକୁ ଯଥେଷ୍ଟ କ୍ଷତି ପହଂଚାଇଛି, ଯାହା ବିକାଶ ଯାତ୍ରାରେ ବହୁତ ପଛରେ ପଡ଼ିଯାଇଥିଲା।

## ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନ ପାଖରେ ବିକ୍ରି ହୋଇପାରିବନି ମଦ

**ଭୁବନେଶ୍ୱର,୨୨।୯ (ମହାଭାରତ):** ରାଜ୍ୟ ସରକାର ଏବଂ ଅବକାରୀ ବିଭାଗ ବେଆଇନ ମଦ ଓ ନିଶା କାରବାରକୁ ରୋକିବା ଦିଗରେ ନିଜର ଆଭିମୁଖ୍ୟକୁ ସବୁବେଳେ ସ୍ପଷ୍ଟ କରିଆସିଛନ୍ତି। ଏହି କ୍ରମରେ ରାଜସ୍ୱ ଆଦାୟ ନୁହେଁ ବରଂ ଲୋକଙ୍କ ଧନଜୀବନ ରକ୍ଷା ସରକାରଙ୍କ ପ୍ରାଥମିକତା ରହି ଆସିଛି। ଏହାକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ଏବଂ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ ଜାରି ରହିଛି। ଚଳିତ ଥରକୁ ମିଶାଇ ବିଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଥର ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ କରାଯାଇ ସାରିଲାଣି। ଏହି ଅଭିଯାନରେ ୭୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ବେଆଇନ ମଦ ଓ ସାମଗ୍ରୀ ଜବତ ହୋଇଛି। ଏଥିସହିତ ଏହି କାରବାରରେ ସମ୍ପୃକ୍ତ ଅନେକଙ୍କୁ ଗିରଫ କରାଯିବା ସହ ଚୋରାଚାଲାଣରେ ବ୍ୟବହୃତ ଗାଡ଼ିକୁ ଚଢ଼ାଉକାରୀ ଦଳ ଜବତ କରିଛି। ତେବେ ନିକଟରେ ଚଳିତ ବିଧାନସଭା ଅଧିବେଶନରେ ମନ୍ତ୍ରୀଙ୍କ ଉତ୍ତରକୁ କିଛି ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଭିନ୍ନ ରୂପରେ ଉପସ୍ଥାପିତ ହୋଇଥିବା ବିଭାଗର ନଜରକୁ ଆସିଛି। ବିଭାଗ ପକ୍ଷରୁ ଏଥିନେଇ ସବୁଜନସାଧାରଣ ତଥା ରାଜ୍ୟବାସୀଙ୍କୁ ଜଣାଇ ଦିଆଯାଉଛି କି ବର୍ତ୍ତମାନ ନୂଆ ମଦ ଦୋକାନ ଖୋଲିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଯୋଜନା ନାହିଁ କିମ୍ବା ନିକଟ ଭବିଷ୍ୟତରେ ମଧ୍ୟ ପ୍ରସ୍ତାବ ନାହିଁ।

# ଅନାସ୍ଥା ପ୍ରସ୍ତାବ ଅଗ୍ରାହ୍ୟ, କଂଗ୍ରେସର ଧାରଣା

ଭୁବନେଶ୍ୱର,୨୨।୯(ମହାଭାରତ): ଆଜି ବିଧାନସଭାର ମୌସୁମୀ ଅଧିବେଶନର ଚତୁର୍ଥ ଦିନରେ ପଂଚାୟତିରାଜ ବ୍ୟବସ୍ଥାରେ ଲୋକପ୍ରତିନିଧିଙ୍କ କ୍ଷମତା ସଂକୁଚିତ କରାଯିବା ପ୍ରସଙ୍ଗକୁ ନେଇ ନାରାବାଜୀ ଓ ହଙ୍ଗାମା କରିଛନ୍ତି। ଶୁକ୍ରବାର ଓ ଶନିବାର ଦିନ ଏହି ଚାଷୀ ସମସ୍ୟା ଓ ସାରର ଅଭାବ ପ୍ରସଙ୍ଗରେ ବିଜେଡି ବିଧାୟକ ମାନେ ହଙ୍ଗାମା କରିଥିବାରୁ ଗୃହରେ କୌଣସି କାମ ହୋଇ ପାରି ନ ଥିଲା। ତେବେ ଆଜି ଏକ ଭିନ୍ନ ପ୍ରସଙ୍ଗ ପଂଚାୟତିରାଜ ବ୍ୟବସ୍ଥାରେ ଲୋକପ୍ରତିନିଧିଙ୍କ କ୍ଷମତା ସଂକୁଚିତ କରାଯିବା ପ୍ରସଙ୍ଗକୁ ନେଇ ଆଜି ମଧ୍ୟ ପ୍ରଥମାର୍ଦ୍ଧ ବୈଠକ ହୋଇ ପାରି ନ ଥିଲା। ଅନ୍ୟ ପକ୍ଷରେ ଆରମ୍ଭ କରିଥିଲେ। ତେବେ ବିରୋଧୀ ଦଳ ବିଜେଡିର ବିଧାୟକମାନେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଲୋକପ୍ରତିନିଧିଙ୍କ କ୍ଷମତା ସଂକୁଚିତ କରାଯିବା ପ୍ରସଙ୍ଗକୁ ନେଇ। ସେମାନେ ହାତରେ ବ୍ୟାନର, ପ୍ଲାକାର୍ଡ ମାନ ଧରି ବିଜେପି ସରକାର ବିରୁଦ୍ଧରେ ନାରାବାଜୀ କରିବା ସହ ଗୃହର ମଧ୍ୟ ଭାଗକୁ ଚାଲି ଆସିଥିଲେ। ବିଜେଡି ବିଧାୟକ ମାନେ ନାରାବାଜୀ କରି କହିଥିଲେ ଯେ ପଂଚାୟତିରାଜ ବ୍ୟବସ୍ଥାକୁ ଦୁର୍ବଳ କରି ରାଜ୍ୟ ସରକାର ବ୍ୟୁରୋକ୍ରେଟ ମାନଙ୍କୁ ଅଧିକ କ୍ଷମତା ଦେବା ସହ ଜନ ପ୍ରତିନିଧି ମାନଙ୍କର କ୍ଷମତାକୁ ସଂକୁଚିତ କରିଛନ୍ତି। ଏହାକୁ କଦାପି ସହନ କରାଯିବ ନାହିଁ ବୋଲି ସେମାନେ ଲଗାତାର ନାରାବାଜୀ କରିବା ଦେଖିବାକୁ ମିଳିଥିଲା।



କଂଗ୍ରେସ ବିଧାୟକ ମାନେ ତାଙ୍କ ଆସନରେ ଠିଆ ହୋଇ ବିଜେପି – ବିଜେଡି ଭାଇ ଭାଇ ଲେଖାଥିବା ପ୍ଲାକାର୍ଡ ମାନ ଧରି ଠିଆ ହୋଇଥିଲେ। ହଙ୍ଗାମା କାରଣରୁ ବାଚସ୍ପତି ସୁରମା ପାଢୀ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଏହି କାରଣରୁ ଆଜି ପ୍ରଶ୍ନକାଳ, ଶୂନ୍ୟ କାଳ ଓ ଅନ୍ୟ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା।

ଆଜି ନିର୍ଦ୍ଧାରିତ ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ବିଧାନସଭା ବାଚସ୍ପତି ସୁରମା ପାଢୀ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବଡସାହି ବିଧାୟକ ସନାତନ ବିଜୁଳିଙ୍କ ମୟୂରଭଂଜ ଜିଲ୍ଲାରେ ଫାଂଡି ଖୋଲା ଯିବା ସମ୍ପର୍କରେ ସ୍ୱରାଷ୍ଟ୍ର ବିଭାଗର ଏକ ପ୍ରଶ୍ନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ଦେବାକୁ ଦେବାକୁ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଡାକିଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମଧ୍ୟ ତାଙ୍କ ଉତ୍ତର ପଢିବା

ବିଜେପି ସରକାରଙ୍କ ବିରୋଧରେ କଂଗ୍ରେସ ବିଧାୟକ ମାନେ ଆଣିଥିବା ଅନାସ୍ଥା ପ୍ରସ୍ତାବ ସୋମବାର ବିଧାନସଭାରେ ଅଗ୍ରାହ୍ୟ ହୋଇଛି। ବାଚସ୍ପତି ନ ଶୁଣିବାରୁ କଂଗ୍ରେସ ସଦ୍ୟମାନେ ହୋହଲ୍ଲା କରିଛନ୍ତି। ସେହି ସମୟରେ ଅନ୍ୟତମ ବିରୋଧୀ କଂଗ୍ରେସ ଦଳର ବିଧାୟକ ମାନେ ସେମାନଙ୍କ ହାତରେ ପ୍ଲାକାର୍ଡ ଧରି ଠିଆ ହୋଇଥିଲେ। ‘ବିଜେପି- ବିଜେଡି ଭାଇ ଭାଇ–ଅନାସ୍ଥା ପ୍ରସ୍ତାବ ଆଣନ୍ତି’ ନାହିଁ ବୋଲି ଏହି ପ୍ଲାକାର୍ଡରେ ଲେଖା ଯାଇଥିଲା। କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡ଼ିଅମ ନିକଟକୁ ଆସି ନାରାବାଜିକରିଥିଲେ। ଶେଷରେ ସଦସ୍ୟମାନେ କକ୍ଷତ୍ୟାଗ କରି ବିଧାନସଭା ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଲେ। ଗଣତନ୍ତ୍ରକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିବା ସହ ତାଙ୍କ ବିରୋଧରେ ଷଡଯନ୍ତ୍ର ହୋଇଥିବା ଅଭିଯୋଗ ଆଣିଛନ୍ତି କଗ୍ରେସ ବିଧାୟକ।

## ଜିଏସ୍‌ଟି ସଂଚୟ ଉତ୍ସବ ପାଳନ କରିବା ଲାଗି ଦେଶବାସୀଙ୍କୁ ଚିଠି ଲେଖିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୨।୯(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ପାର୍ବଣ ଋତୁରେ ‘ଜିଏସଟି ସଂଚୟ ଉତ୍ସବ’ ପାଳନ କରିବା ଲାଗି ସବୁ ଦେଶବାସୀଙ୍କୁ ପତ୍ର ଲେଖିଛନ୍ତି। ‘‘କମ୍ ଜିଏସଟି ଦରର ଅର୍ଥ ହେଉଛି - ପ୍ରତ୍ୟେକ ପରିବାର ପାଇଁ ଅଧିକ ସଂଚୟ ଏବଂ ବ୍ୟବସାୟଗୁଡ଼ିକ ଲାଗି ଅଧିକ ସୁବିଧା,’’ ଶ୍ରୀ ମୋଦୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରିଛନ୍ତି:

‘‘ଚଳିତ ପାର୍ବଣ ଋତୁରେ, ଆସନ୍ତୁ ‘ଜିଏସଟି ସଂଚୟ ଉତ୍ସବ’ ପାଳନ କରିବା! ‘‘କମ୍ ଜିଏସଟି ଦରର ଅର୍ଥ ହେଉଛି - ପ୍ରତ୍ୟେକ ପରିବାର ପାଇଁ ଅଧିକ ସଂଚୟ ଏବଂ ବ୍ୟବସାୟଗୁଡ଼ିକ ଲାଗି ଅଧିକ ସୁବିଧା।’’

## ଆଜି ରତ୍ନଭଣ୍ଡାର ସ୍ଥାନାନ୍ତର

ଭୁବନେଶ୍ୱର, ୨୨।୯(ମହାଭାରତ): ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ରେ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଥିବା ଶ୍ରୀଜୀଉଙ୍କର ଅଳଙ୍କାର ତଥା ମୂଲ୍ୟବାନ ସାମଗ୍ରୀ ଆସନ୍ତା ୨୩ ସେପ୍ଟେମ୍ବର (ମଙ୍ଗଳବାର) ଦିନ ସ୍ଥାୟୀ ରତ୍ନଭଣ୍ଡାରକୁ, ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ସ୍ଥାନାନ୍ତର କରାଯିବ। ଏଥିପାଇଁ ସେପ୍ଟେମ୍ବର ୨୩ ତାରିଖରେ, ସକାଳ ୧୦ଟାରୁ ସର୍ବସାଧାରଣ ଦର୍ଶନ ବନ୍ଦ ହେବା ସହ ଶ୍ରୀମନ୍ଦିର ନାଟମଣ୍ଡ ଏବଂ ଜଗମୋହନ ଶୋଧ କରାଯିବ। ଶ୍ରୀମନ୍ଦିର ମୁଖ୍ୟ ଦେଉଳ ତଥା ଝୁଲଣ ମଣ୍ଡପ ପରିସରକୁ ଭକ୍ତଙ୍କ ପ୍ରବେଶ ବାରଣ ରହିବ। ତେବେ ମହାପ୍ରସାଦ ପାଇବାକୁ ଇଚ୍ଛୁକ ଭକ୍ତମାନେ ଆନନ୍ଦ ବଜାରକୁ ଯାଇ ମହାପ୍ରସାଦ ନେଇ ପାରିବେ। ରତ୍ନଭଣ୍ଡାର ସ୍ଥାନାନ୍ତର କାର୍ଯ୍ୟ ସମାପ୍ତ ପରେ ପ୍ରବେଶ କଟକଣା ପ୍ରତ୍ୟାହାର ତଥା ଦର୍ଶନ ସ୍ୱାଭାବିକ ହେବ।

## ରାଜ୍ୟରେ ଗତ ୩ ବର୍ଷରେ ୨୩ ହଜାର ୧୩୦ ଜଣ ନବଜାତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୨।୯ (ମହାଭାରତ): ନବଜାତ ମୃତ୍ୟୁକୁ ନେଇ ବିଧାନସଭାରୁ ଆସିଲା ଚିନ୍ତାଜନକ ତଥ୍ୟ। କଂଗ୍ରେସ ବିଧାୟକ କାଡ୍ରାକା ଆପାଲା ସ୍ୱାମୀଙ୍କ ପ୍ରଶ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି କି ରାଜ୍ୟରେ ଗତ ତିନିବର୍ଷ ଭିତରେ ୨୩,୧୩୦ଜଣ ନବଜାତଙ୍କ ମୃତ୍ୟୁ ଘଟିଛି। ୩୪ହଜାର ୨୮୪ ଜଣ ଶିଶୁ ମା ଗର୍ଭରେ ମୃତ୍ୟୁ ହୋଇଥିବା ବେଳେ ୨ହଜାର ୬୪ଜଣ ଗର୍ଭବତୀ ରାଜ୍ୟରେ ମରିଛନ୍ତି।

# ୫ ବର୍ଷରେ ୨୯ ହଜାର ଆତ୍ମହତ୍ୟା

**ଭୁବନେଶ୍ୱର,୨୨।୯(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ପ୍ରଶ୍ନୋତ୍ତରବେଳେ ନାରୀ ନିର୍ଯାତନା, ଆତ୍ମହତ୍ୟା ଓ ପଦପଦବୀ ଖାଲି ନେଇ ବିଧାୟକମାନଙ୍କ ପଶ୍ନର ଉତ୍ତର ରଖିଛନ୍ତି।

ବିଧାନସଭାରେ ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ରାଜ୍ୟରେ ବଢୁଛି ଆତ୍ମହତ୍ୟା ପ୍ରବଣତା। ଗତ ୧୫ ମାସରେ ୧୫ ଯୁବତୀ ଏବଂ ମହିଳା ଆତ୍ମଦାହ ଉଦ୍ୟମ କରିଛନ୍ତି। ବିଭିନ୍ନ କାରଣ ପାଇଁ ଆତ୍ମହତ୍ୟା କରିଥିବା ଉତ୍ତରରେ ରଖିଛନ୍ତି ମୁଖ୍ୟମନ୍ତ୍ରୀ। କଟକରେ ୩ଟି, ଭୁବନେଶ୍ୱର ୧, ବାଲେଶ୍ୱର ଏବଂ ବ୍ରହ୍ମପୁରରେ ୨ଟି ମାମଲା ହୋଇଛି। ଗତ ୫ ବର୍ଷରେ ୨୯ ହଜାର ୫୧ ଜଣ ଆତ୍ମହତ୍ୟା କରିଛନ୍ତି। ବିଧାନସଭାରେ ବିଧାୟକ ବିଭୁତି ବଳବନ୍ତରାୟଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ୨୦୨୦ ରୁ ୨୦୨୪ ଭିତରେ ଆତ୍ମହତ୍ୟା ତଥ୍ୟ ଚିନ୍ତାଜନକ। ୨୦୨୪ ରେ ୫ ହଜାର ୭୯୧ ଜଣ ଆତ୍ମହତ୍ୟା କରିଥିବା ବେଳେ ୨୦୨୩ ରେ ୫ ହଜାର ୯୮୯, ୨୦୨୨ ରେ ୬ ହଜାର ୧୪୦, ୨୦୨୧ ରେ ୫ ହଜାର ୬୪୯ ଏବଂ ୨୦୨୦ ରେ ୫ ହଜାର ୪୮୨ ଜଣ ଆତ୍ମହତ୍ୟା କରିଛନ୍ତି।

ପୁରୀ ଜିଲ୍ଲାର ବଳଙ୍ଗା ଘଟଣାରେ ପୀଡିତା କିରୋସିନ ଢାଳି ନିଜ ଜୀବନ ନେଇଥିଲେ ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସେ କିରୋସିନ ଢାଳି ନିଜକୁ ନିଆଁ ଲଗାଇ ଦେଇଥିଲେ ଏବଂ କେହି ତାଙ୍କୁ ଜାଳି ନ ଥିଲେ। ବିଧାନସଭାରେ ଭାଷଣ ଦେଇ, ଓଡ଼ିଶା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଳଙ୍ଗା ପୀଡିତା ୧୪ ଦିନ ଧରି ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ରହିବା ପରେ ଅଗଷ୍ଟ ୨ ତାରିଖରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁ ପୂର୍ବରୁ, ନୂଆଦିଲ୍ଲୀର ସାକେତସ୍ଥିତ ଦକ୍ଷିଣ ଜିଲ୍ଲା କୋର୍ଟ ନମ୍ବର ୩୭ ଦ୍ୱାରା ଧାରା ୧୮୩ ଅନୁଯାୟୀ ରୋଗୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହା ସହିତ ପୀଡିତାଙ୍କ ବୟାନ ଏମ୍ସରେ ଚିକିତ୍ସା କରୁଥିବା ଡାକ୍ତର ରେକର୍ଡ କରିଥିଲେ। ଉଭୟ ବୟାନରେ ପୀଡିତା କହିଛନ୍ତି ଯେ, ସେ ନିଜେ କିରୋସିନ ଢାଳି ନିଜକୁ ନିଆଁ ଲଗାଇ ଦେଇଥିଲେ। ସମସ୍ତ ତଥ୍ୟ ଏବଂ ପ୍ରମାଣକୁ ଆଧାର କରି ତଦନ୍ତ ସମାପ୍ତ କରିବା ପରେ, ବଳଙ୍ଗା ପୁଲିସ ଷ୍ଟେସନ ପକ୍ଷରୁ ସେପ୍ଟେମ୍ବର ୧୭ ତାରିଖରେ କୋର୍ଟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରାଯାଇଥିଲା।



ବିଧାୟକ ଅରୁଣ ସାହୁଙ୍କ ଦ୍ୱାରା ପଚରା ଯାଇଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ଗତ ୧୪ ମାସ ମଧ୍ୟରେ ରାଜ୍ୟରେ ମହିଳା ବିରୋଧୀ ହିଂସାର ୩୭,୦୦୦ରୁ ଅଧିକ ମାମଲା ପଞ୍ଜିକୃତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ପଞ୍ଜିକୃତ ହୋଇଥିବା ମାମଲା ମଧ୍ୟରୁ ୯,୧୮୧ଟି ଅଶାଳୀନ ଆଚରଣ ମାମଲା ରହିଛି।

ସେହିପରି ୨,୯୩୩ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଛି ୧,୨୭୮ଟି ମାମଲା ଯୌନ ନିର୍ଯାତନା ସହିତ ଜଡିତ ୫,୪୬୪ଟି ଯୌତୁକ ସମ୍ବନ୍ଧୀୟ ନିର୍ଯାତନା ମାମଲା ରିପୋର୍ଟ ହୋଇଛି

ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କ୍ୟାମ୍ପସରେ ବଢୁଛି ଆତ୍ମହତ୍ୟା ପ୍ରବଣତା। ଗତ ୧୫ ମାସରେ କ୍ୟାମ୍ପସରେ ଆତ୍ମହତ୍ୟା କଲେଣି ୨୨ ଛାତ୍ରଛାତ୍ରୀ। ବିଧାନସଭା ଉତ୍ତରରୁ ସାମ୍ନାକୁ ଆସିଲା କ୍ୟାମ୍ପସ ଆତ୍ମହତ୍ୟାର ଉଦବେଗ ଜନକ ତଥ୍ୟ। ରାଜ୍ୟର ବିଭିନ୍ନ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନରେ ଆତ୍ମହତ୍ୟା କରିଛନ୍ତି। ସର୍ବାଧିକ ରାୟଗଡାରେ ୪ ଛାତ୍ର ଆତ୍ମହତ୍ୟା କରିଥିବା ବେଳେ କିଟରେ ୨ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି।

ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖି କହିଛନ୍ତି ଯେ, ରାଜ୍ୟର ଦେଢ ବର୍ଷରେ ୪୫୪୪ଟି ମହିଳା ଦୁଷ୍କର୍ମରେ ଶିକାର ହୋଇଛନ୍ତି। ସେଥିରୁ ସମ୍ପୃକ୍ତ ୩୮୦୫ ଜଣ ପୁରୁଷ ଓ ୫୭ ମହିଳା ଗିରଫ ହୋଇଛନ୍ତି। ୩୯୪ ଜଣ ଦଣ୍ଡିତ ହୋଇଛନ୍ତି।

ରାଜ୍ୟର ୨୫ ଜଣ ଆଇଏଏସ ଅଧିକାରୀ ଓ ୨୮ ଜଣ ଆଇପିଏସ ଅଧିକାରୀ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି। ରାଜ୍ୟରେ ମଞ୍ଜୁରି ପ୍ରାପ୍ତ ଆଇଏଏସ ପଦବୀ ସଂଖ୍ୟା ୨୪୮ ରହିଥିବା ବେଳେ ଖାଲି ରହିଛି ୪୫ ଜଣ ଆଇଏଏସ ପଦବୀ। ମଞ୍ଜୁରୀ ପ୍ରାପ୍ତ ଆଇପିଏସ ପଦବୀ ୧୯୫ ଥିବା ବେଳେ ଖାଲି ରହିଛି ୬୬ ଆଇପିଏସ ପଦବୀ। ୨୨୪୮ ଓଏଏସ ପଦବୀ ଥିବା ବେଳେ ଖାଲି ରହିଛି ୩୪୨ ଓଏଏସ ପଦବୀ। ସେହିଭଳି ୮୪୯ ଓପିଏସସି ପଦବୀ ଥିବା ବେଳେ ଖାଲି ଅଛି ୧୪୧ ପଦବୀ। ବିଧାୟକ ମନୋହର ରାନ୍ଧାରୀଙ୍କ ପ୍ରଶ୍ନର ଉତ୍ତର ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

କଂଗ୍ରେସ ବିଧାୟକ କାଡ୍ରାକା ଆପାଲା ସ୍ୱାମୀଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ସମୟ ମଧ୍ୟରେ ଜିଲ୍ଲାରେ ଡାହାଣୀ ସନ୍ଦେହ ଆକ୍ରମଣ ଏବଂ ମୃତ୍ୟୁ ସହିତ ଜଡିତ ୬୩ଟି ଗୁଣିଗାରେଡି ମାମଲା ପଞ୍ଜିକୃତ ହୋଇଛି।

## ନବୀନଙ୍କ ସ୍ୱାସ୍ଥ୍ୟ ନେଇ ବିଜେଡ଼ି-ବିଜେପି ମୁହାଁମୁହିଁ

**ଭୁବନେଶ୍ୱର,୨୨।୯(ମହାଭାରତ):** ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟକୁ ନେଇ ଆଜି ବିଧାନସଭାରେ ବିଜେଡି-ବିଜେପି ମୁହାଁମୁହିଁ ହୋଇଛନ୍ତି। ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପାଇଁ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେପି ବିଧାୟକ ଦାବି କରିଥିବାବେଳେ ବିଜେଡି ଏହାର ପ୍ରତିବାଦ କରିଥିଲା।

ବିଜେପି ବିଧାୟକ ବିଭୁତି ପ୍ରଧାନ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପାଇଁ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଦାବି କରିଛନ୍ତି। ସେ କହିଛନ୍ତି ଯେ, ପୂର୍ବରୁ ପ୍ରଧାନମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟବସ୍ଥା ତଦନ୍ତ ପାଇଁ କହିଥିଲେ। ସୋସିଆଲ ମିଡ଼ିଆରେ ଚର୍ଚ୍ଚା ହେଉଛି, ତାମିଲ ବାବୁ ସକ୍ରିୟ ହେବା ବେଳେ ନବୀନ ବାବୁ ନିଷ୍କ୍ରିୟ ହୋଇପଡନ୍ତି। ନବୀନ ବାବୁ ସକ୍ରିୟ ହେଲେ ତାମିଲ ବାବୁ ସନ୍ନ୍ୟାସ ନିଅନ୍ତି କହିଥିବା ବେଳେ ଯାହାକୁ ନେଇ ଗୃହରେ ତାତି ଦେଖିବାକୁ ମିଳିଛି।

ବିଧାୟକଙ୍କ ବୟାନ ଗୃହ ବିବରଣୀରୁ ବାଦ୍ ଦେବାକୁ ଦାବି କରି ପ୍ରତିବାଦ କରିଥିଲା ବିଜେଡି। ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଲେ ଗୃହରେ ଅପସଙ୍ଗ କୁ ପ୍ରସଙ୍ଗ କରୁଛନ୍ତି। ଏହା ହେବା ଉଚିତ ନୁହେଁ। ଏଭଳି କଥା ଗୃହରେ ଭୁଲ ପରମ୍ପରା ସୃଷ୍ଟି କରୁଛି। ତେଣୁ ଏହାକୁ ଗୃହ ବିବରଣୀରୁ ବାଦ ଦେବାକୁ ଦାବି କରିଥିଲେ ବିଜେଡି ସଦସ୍ୟ। ଏହାକୁ ନେଇ ବାଚସ୍ପତି କହିଲେ ବିରୋଧୀ ଦଳ ନେତାଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ କୌଣସି ତଦନ୍ତ ଆବଶ୍ୟକତା ନାହିଁ। ମୁଁ ଅନୁଭବ କରୁଛି ବିଧାୟକ ଭାବପ୍ରାବଣତାରେ ଏପରି କହି ଦେଇଛନ୍ତି। କିନ୍ତୁ ବିଜେଡି ସଦସ୍ୟଙ୍କ ଜୋରଦାର ପ୍ରତିବାଦ ପରେ ବିଧାୟକ ବିଭୂତି ପ୍ରଧାନ ନିଜ ବୟାନ ପ୍ରତ୍ୟାହାର କରି ନେଇଛନ୍ତି।

## ୫୫ ଲକ୍ଷ ଟଙ୍କା ଆତ୍ମସାତ୍ ଘଟଣାରେ ପ୍ରଧାନଶିକ୍ଷକ ଗିରଫ

ସୁବର୍ଣ୍ଣପୁର, ୨୨।୯(ମହାଭାରତ): ପିଲାଙ୍କୁ ଭଲ ବାଟରେ ଯିବାକୁ ଶିକ୍ଷା ଦେଉଥିବା ପ୍ରଧାନ ଶିକ୍ଷକ ଅବାଟରେ ନିଜେ ଫସିଛନ୍ତି। ସରକାରୀ ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ ସୁବର୍ଣ୍ଣପୁର ଜିଲ୍ଲା ବିନିକାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୌମ୍ୟରଞ୍ଜନ ଖେତି ଗିରଫ ହୋଇଛନ୍ତି। ସେ ୫୫ ଲକ୍ଷ ଟଙ୍କା ହେରଫେର୍ କରିଥିବା ଅଭିଯୋଗ ରହିଛି। କୋଟିପତି ହେବାକୁ ଟିନ୍ ପତି ପ୍ଲାଟ୍ ଫର୍ମରେ ସରକାରୀ ଅର୍ଥ ବିନିଯୋଗ କରିଥିଲେ ପ୍ରଧାନଶିକ୍ଷକ। ଭିଜିଲାନ୍ସର ଜେରା ବେଳେ ସୌମ୍ୟରଞ୍ଜନ ଖେତି ଋଞ୍ଚଲ୍ୟକର ବୟାନ ଦେଇଛନ୍ତି। ସରକାରୀ ପାଣ୍ଠିକୁ ସେ ଅନଲାଇନ ବେଟିଂ ଆପରେ ନିବେଶ କରିଥିଲେ। ଟିନ୍ ପତି ଆପରେ ଅନଲାଇନ୍ ବେଟିଂ ପାଇଁ ୧୧ ଲକ୍ଷ ଟଙ୍କା ସରକାରୀ ଅର୍ଥ ଲଗାଇଛନ୍ତି।

ସୌମ୍ୟରଞ୍ଜନ ଖେତି ୨୯ ସେପ୍ଟେମ୍ବର ୨୦୨୧ରେ ବିନିକା ଆଦର୍ଶ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଭାବେ ଦାୟିତ୍ୱ ଗ୍ରହଣ କରିଥିଲା। ସେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ନିଜ କ୍ଷମତାର ଅପବ୍ୟବହାର କରି ସରକାରୀ ପାଣ୍ଠିର ଅପବ୍ୟବହାର କରିଥିବା ଜଣାପଡ଼ିଥିଲା। ୨୦୨୧-୨୨ ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ଏମଡିଏମ୍, ମୋ ସ୍କୁଲ ଅଭିଯାନ ଏବଂ ବାଳିକା ଛାତ୍ରାବାସ ପାଣ୍ଠିକୁ ଆସିଥିବା ୫୫ ଲକ୍ଷ ୨ ହଜାର ୬୧୦ ଟଙ୍କା ଆତ୍ମସାତ କରି ଥିବା ଜଣାପଡ଼ିଛି ସମ୍ବଲପୁର ଭିଜିଲାନ୍ସ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯିବା ପରେ ଅଭିଯୋଗ ସ୍ୱୟ ପ୍ରମାଣିତ ହୋଇଥିଲା। ଭିଜିଲାନ୍ସ ତାଙ୍କୁ ଗିରଫ କରିଛି ସେଥିମଧ୍ୟରୁ ୧୧ ଲକ୍ଷ ଟଙ୍କା ବେଟିଂ ଆପରେ ଲଗାଇଛନ୍ତି। ଭିଜିଲାନ୍ସ ବିଭାଗ ଜେରା ଜାରି ରଖିଛି।

# ୧୪ ମାସରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ୫୦ କୋଟି ପ୍ରଦାନ

**ଭୁବନେଶ୍ୱର,୨୨।୯(ମହାଭାରତ):** ରାଜ୍ୟ ସରକାର ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଗତ ୧୪ ମାସ ମଧ୍ୟରେ ୪୯ କୋଟି ୬୭ ଲକ୍ଷ ୬୮ ହଜାର ୫୪୮ ଟଙ୍କା ଫେରସ୍ତ କରିଛନ୍ତି। ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀ, ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍ ଅଫ୍ କମ୍ପାନୀ, ହାଇ-ଟେକ୍ ଇଷ୍ଟେଟସ୍ ଗ୍ରୁପ୍ ଅଫ୍ କମ୍ପାନୀର ଏବଂ ମାନ୍ୟବର ତଦନ୍ତ କମିଶନଙ୍କ ଅନ୍ତରୀଣ ରିପୋର୍ଟରେ ସୁପାରିଶ କରାଯାଇଥିବା ଜମାକାରୀଙ୍କୁ ମିଶାଇ ସର୍ବ ମୋଟ ୧ ଲକ୍ଷ ୩୩ ହଜାର ୭୫୫ ଜଣ କ୍ଷତିଗ୍ରସ୍ତ ଜମାକାରୀ ଅନ୍ତର୍ଭୁକ୍ତ। ୪ ଲକ୍ଷ ୭୨ ହଜାର ୬୫୧ ଜଣ କ୍ଷୁଦ୍ର ଜମାକାରୀଙ୍କୁ କର୍ପସ ପାଣ୍ଠିରୁ ଅର୍ଥ ଫେରସ୍ତ ପାଇଁ ସୁପାରିଶ କରିଥିଲେ। ସେମାନଙ୍କ ମଧ୍ୟରୁ ୯୬ ହଜାର ୮୦୧ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୬ କୋଟି ଟଙ୍କା କର୍ପସ ପାଣ୍ଠିରୁ ଫେରସ୍ତ କରାଯାଇଛି। ରାଜ୍ୟ ସରକାର କ୍ଷୁଦ୍ର ଜମାକାରୀ ମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ୩୦୦ କୋଟି ଟଙ୍କାର ଏକ କର୍ପସ୍ ପାଣ୍ଠି ସୃଷ୍ଟି କରିଛନ୍ତି।

ରାଜ୍ୟରେ ଆନୁମାନିକ ୨୪,୭୫,୭୮୨ କ୍ଷତିଗ୍ରସ୍ତ ଜମାକାରୀ ୬ ହଜାର ୮୬୦ କୋଟି ୧୪ ଲକ୍ଷ ୪୨ ହଜାର ୨୬୩ ଟଙ୍କା ବିଭିନ୍ନ ବେଆଇନ୍ ଆର୍ଥିକ ପ୍ରତିଷ୍ଠାନରେ ପୁଞ୍ଜିନିବେଶ କରିଛନ୍ତି। ୩ ଲକ୍ଷ ୧୬ ହଜାର ୦୬୩ ଜଣ ଜମାକାରୀଙ୍କୁ ମୋଟ ୧୨୩ କୋଟି ଟଙ୍କା ଫେରସ୍ତ କରାଯାଇଛି। ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ।

ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣ ଭାରତ ୧ଲକ୍ଷ ୩୪ହଜାର କୋଟି ଟଙ୍କାକୁ ଟପିଯିବ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୨୦୧୩-୧୪ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣଭାର

**ରାଜ୍ୟର ଋଣ ଭାର ୧.୩୪ ଲକ୍ଷ ହଜାର କୋଟି ଟଙ୍କାକୁ ଟପିଯିବ**

୩୮,୬୬୬ କୋଟି ୨୪ଲକ୍ଷ ଟଙ୍କା ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷ ଶେଷସୁଦ୍ଧା ଏହା ୯୬,୩୧୦ କୋଟି ୪୦ଲକ୍ଷ ଟଙ୍କାରେ ପହଂଚିଥିଲା। ଚଳିତ ଆର୍ଥିକ ବର୍ଷ ଅର୍ଥାତ ୨୦୨୫-୨୬ ଶେଷ ସୁଦ୍ଧା ରାଜ୍ୟର ଋଣଭାର ୧,୩୪,୯୧୩ କୋଟି ୮୪ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ଋଣ ପରିମାଣ ହ୍ରାସ କରିବାପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପ ମଧ୍ୟରେ ରାଜସ୍ୱ ବଳକା ସୃଷ୍ଟିକରି ଋଣ ଉପରେ ଥିବା ନିର୍ଭରଶୀଳତାକୁ ହ୍ରାସ କରିଛନ୍ତି। ଜାତୀୟ ସ୍ୱଳ୍ପ ସଂଚୟ ପାଣ୍ଠିରୁ ସରକାର ଆଉ କୌଣସି ଋଣ ଆଣୁ ନାହାନ୍ତି। ୫୦ବର୍ଷର ସୁଧବିହୀନ ଋଣକୁ ପ୍ରାଥମିକତା ଦେଇ ବିଭିନ୍ନ ବିଭାଗରେ ସଂସ୍କାର ଅଣାଯାଇଛି। ଏହି ପଦକ୍ଷେପରୁ ରାଜ୍ୟର ସୁଧଦେୟର ଭାର ହ୍ରାସ ପାଉଛି।

ଗୁଟଖା, ତମାଖୁ, ସିଗାରେଟ, ପାନମସଲା ଆଦିରୁ ରାଜ୍ୟ ସରକାର ଗତ ୧୦ବର୍ଷ ମଧ୍ୟରେ ଭାଟ ଓ ଜିଏସଟି ବାବଦରେ ୬୭୫୦ କୋଟି ଟଙ୍କାର ଅଧିକ ଅର୍ଥ ପାଇଲେଣି। ୨୦୨୪-୨୫ ବର୍ଷରେ ଏହିସବୁ ସାମଗ୍ରୀରୁ ରେକର୍ଡ ପରିମାଣରେ ୧୨୩୪ କୋଟି ଟଙ୍କା ଆଦାୟ ହୋଇଛି। ଗୁଟଖା, ତମାଖୁ ଆଦି ଉପରୁ ରାଜ୍ୟ ସରକାର ଆଦାୟ କରୁଥିବା ଟିକସ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ୨୦୧୮-୧୯ରୁ ନିୟମିତ ଭାବେ ଗୁଟଖା ତମାଖୁ ଆଦିରୁ ଆଦାୟ ଟିକସ ପରିମାଣ ବଢି ବଢି ଚାଲିଛି। ୨୦୧୮-୧୯ ବର୍ଷରେ ଏହି ସାମଗ୍ରୀରୁ ୪୮୦ କୋଟି ଟଙ୍କାର ଟିକସ ଆଦାୟ ହୋଇଥିବାବେଳେ ୨୦୨୩-୨୪ରେ ଏହା ୧୦୧୨ କୋଟି ଟଙ୍କାକୁ ଟପିଯାଇଥିଲା। ଗତ ଆର୍ଥିକ ବର୍ଷରେ ଏହା ୧୨୩୪.୮୮ କୋଟି ଟଙ୍କାରେ ପହଂଚିଛି। ତେବେ ଗୁଟଖା, ତମାଖୁ, ସିଗାରେଟ ଓ ପାନମସଲା ଆଦିର ଉତ୍ପାଦନ, ମହଜୁଦ, ବିପଣନ ଓ ବିକ୍ରି ଉପରେ କଟକଣା ବାବଦୀୟ ତଥ୍ୟ ଅର୍ଥ ବିଭାଗ ନିକଟରେ ନଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଉତରରେ ଉଲ୍ଲେଖ କରିଛନ୍ତି।

## ୧୫ ମାସରେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ୧୯୯ ସରକାରୀ ବାବୁ

ଭୁବନେଶ୍ୱର, ୨୨।୯(ମହାଭାରତ) ୧୫ ମାସରେ ଭିଜିଲାନ୍ସ ହାତରେ ୧୯୯ ସରକାରୀ ବାବୁ ଧରାପଡିଛନ୍ତି। ଗତ ୧୫ ମାସରେ ୭୭ ଟି ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲା ରୁଜୁ କରିଛି ଭିଜିଲାନ୍ସ। ଲାଞ୍ଚ ନେବା ଅଭିଯୋଗରେ ରୁଜୁ ହୋଇଛି ୧୨୨ ଟି ମାମଲା। ମୋଟ ୨୦୨ କୋଟି ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ଜବତ କରିଛି ଭିଜିଲାନ୍ସ। ଗତ ୫ ବର୍ଷରେ ୩ ହଜାର ୬୬୧ ଟି ଦୁର୍ନୀତି ନିବାରଣ ମାମଲା କୋର୍ଟରେ ବିଚାରଧୀନ ଥିବା ବେଳେ ୭୨୨ ଟି ମାମଲା ତଦନ୍ତଧୀନ ରହିଛି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉତ୍ତରରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି।

# ପନୀର ଜଲସା

**ଆବଶ୍ୟକ ସାମଗ୍ରୀ:** ପନୀର, ରିଫାଇନ, ଜୀରା, ହଳଦି ଗୁଣ୍ଡ, କଟା ଯାଇଥିବା ଅଦା, ରସୁଣ, କଞ୍ଚାଲଙ୍କା, ପିଆଜ, ଟମାଟୋ, କ୍ୟାପସିକମ ,ଲୁଣ, ଟମାଟୋ ସସ୍, ଲଙ୍କାଗୁଣ୍ଡ। ଏହାବ୍ୟତୀତ ଆଚ୍ଚର ମସଲା ପାଇଁ ସୋରିଷ, ଜୀରା, ମେଥି, କଳାଜିରା ଓ ପାନମହୁରି।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ କରେଇରେ ତେଲ ଗରମ କରି ପନୀରକୁ ହାଲକା ଭାଜି ବାହାର କରି ଦିଅନ୍ତୁ। ଏହାପରେ ତେଲରେ ଜୀରା, କଟା ଯାଇଥିବା ଅଦା, ରସୁଣ, କଞ୍ଚାଲଙ୍କା, ପିଆଜ, ଟମାଟୋ, କ୍ୟାପସିକମ, ହଳଦି ଗୁଣ୍ଡ ଓ ଲୁଣ ପକାଇ ଭାଜନ୍ତୁ। ପରେ ସେଥିରେ ଭଜା ପନିର, ଟମାଟୋ ସସ୍, ଲଙ୍କାଗୁଣ୍ଡ, ଓ ଚାଟ ମସଲା ପକାନ୍ତୁ। କିଛି ସମୟ ପରେ ଆଚ୍ଚର ମସଲା ପକାଇ ଅଳ୍ପ ପାଣି ଦେଇ ଭଲ ଭାବେ ଫୁଟାନ୍ତୁ। ଏହାପରେ ଗରାମଗରମ ପ୍ଲେଟରେ ପରସନ୍ତୁ।



ଖବର

# ଓଡ଼ିଆ ଅଭିନେତ୍ରୀଙ୍କ ତେଲଗୁ ସିନେମା ବିଉଟି



ଓଡ଼ିଆ ଝିଅ ନିଳାକ୍ଷୀ ପାତ୍ର ନଜର ଆସିଛନ୍ତି ତେଲୁଗୁ ଫିଲ୍ମ 'ବିଉଟି'ରେ । ରାୟଗଡ଼ାରେ ଜନ୍ମିତ ନିଳାକ୍ଷୀ ଫିଲ୍ମରେ ନିଜର ଦମ୍ଦାର ଅଭିନୟ ଲାଗି ଏବେ ଅନେକ ଦର୍ଶକୀୟ ପ୍ରଶଂସା ସାଉଁଣ୍ଟୁଛନ୍ତି ।ଜେଏସ୍ଏସ୍ ବର୍ଦ୍ଧନଙ୍କ ନିର୍ଦ୍ଦେଶିତ ଏ ରୋମାଣ୍ଟିକ ଡ୍ରାମାଟି ସେପ୍ଟେମ୍ବର ୧୯ରେ ରିଲିଜ୍ ହୋଇଥିଲା । ସେଥିରେ ନିଳାକ୍ଷୀଙ୍କ ସହ ଯୋଡ଼ି ବାନ୍ଧିଛନ୍ତି ଅଙ୍କିତ କୋୟା । ଭିକେ ନରେଶ, ବାସୁକୀ ଆନନ୍ଦ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଛନ୍ତି । ଫିଲ୍ମର କାହାଣୀ କଲେଜ ଛାତ୍ରୀ ଅଲେଖ୍ୟା ଓ ପୋଷାକୁକୁରଙ୍କ ପ୍ରଶିକ୍ଷକ ଅର୍ଜ୍ଜୁନଙ୍କର ପ୍ରେମ ଉପରେ ଆଧାରିତ । ଅଲେଖ୍ୟା ଘରୁ ନିଖୋଜ ହୋଇଯିବା ପରେ ପରିବାର ଲୋକେ ଅତି ଆକଲୁତାର ସହ ତାଙ୍କ ସନ୍ଧାନରେ ଲାଗିଯାନ୍ତି । ପିତା ନାରାୟଣଙ୍କର ଦୁନିଆ ଯେପରି ଓଲଟପାଲଟ ହୋଇଯାଏ । ଏହା ଏକ ପ୍ରେମକାହାଣୀ ହୋଇଥିଲେ ମଧ୍ୟ ଏଥିରେ ପିତାପୁତ୍ରୀଙ୍କ ସଂପର୍କକୁ ଖୁବ୍ ଅଧିକ ଗୁରୁତ୍ୱ ଦିଆଯାଇଛି ଯାହାକି ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି ବୋଲି ସମୀକ୍ଷକଙ୍କ ମତ ।ସୂଚନା ଥାଉକି, ପୂର୍ବରୁ ନିଳାକ୍ଷୀ କିଛି ପ୍ରସିଦ୍ଧ ଓଡ଼ିଆ ମ୍ୟୁଜିକ ଭିଡିଓ, ଧାରାବାହିକରେ କାମ କରିସାରିଛନ୍ତି । ଏକ ଓଡ଼ିଆ ଫିଲ୍ମରେ ମଧ ତାଙ୍କୁ ଦେଖିବାକୁ ମିଳିଥିଲା ।



# ଉପହାରରେ ଦିଅନ୍ତୁ ନାହିଁ ପାଣି ପାତ୍ର



ଜଳ ମୁଖ୍ୟତଃ କେଉଁ ଗ୍ରହ ସହ ଜଡ଼ିତ ଓ ଜୀବନରେ ଏହାର ପ୍ରଭାବ କ'ଣ, ତାହା ହୁଏତ ସର୍ଭିଙ୍କୁ ଜାଣାନଥାଏ। ତେବେ ଆସନ୍ତୁ ଜାଣିବା ଜଳ ସହ ଗ୍ରହର କ'ଣ ରହିଛି ସମ୍ବନ୍ଧ।

ଜଳର ମୁଖ୍ୟତଃ ଚନ୍ଦ୍ରମା ଓ ଶୁକ୍ର ଗ୍ରହଙ୍କ ସହ ସମ୍ବନ୍ଧ ରହିଛି। କିଛି ମାତ୍ରାର ଏହାର ସମ୍ବନ୍ଧ ମଙ୍ଗଳ ଗ୍ରହଙ୍କ ସହ ମଧ୍ୟ ରହିଛି। ଜଳର ସଠିକ ପ୍ରୟୋଗ କରିବା ଦ୍ୱାରା ଜାତକରେ ଶୁକ୍ର ଓ ଚନ୍ଦ୍ରମାଙ୍କ ସ୍ଥିତି ଉତ୍ତମ ରହିଥାଏ।

ଶୁକ୍ରଙ୍କ ସ୍ଥିତି ମଜଭୂତ କରିବା ପାଇଁ ଏପରି କରନ୍ତୁ ଜଳର ପ୍ରୟୋଗ -

ପ୍ରତିଦିନ ୨ଥର ସ୍ନାନ କରନ୍ତୁ।

ସ୍ନାନ ଜଳରେ କିଛି ମାତ୍ରାରେ ଗୋଲାପ ଜଳ ମିଶାନ୍ତୁ।

କାଚ ଗ୍ଲାସରେ ନିୟମିତ ଜଳ ପିଅନ୍ତୁ।

ପାଣି ପାତ୍ର ଉପହାରରେ ଦିଅନ୍ତୁ ନାହିଁ।

ଚନ୍ଦ୍ରମାଙ୍କ ସ୍ଥିତି ସୁଦୃଢ ଓ ମାନସିକ ଶାନ୍ତି ପାଇଁ ଏପରି କରନ୍ତୁ ଜଳର ପ୍ରୟୋଗ -

ଘରର ବଗିଚ୍ଚରେ ବହୁ ପ୍ରକାରର ଫୁଲର ବୃକ୍ଷ ଲଗାନ୍ତୁ ଓ ନିୟମିତ ସେଥିରେ ଜଳ ଅର୍ପଣ କରନ୍ତୁ।

ବର୍ଷାର ଜଳ ଏକ କାଚ ପାତ୍ରରେ ନେଇ କିଛି ସମୟ ଯାଏଁ ନିଜ ଶୟନ କକ୍ଷରେ ରଖନ୍ତୁ।

ଚନ୍ଦ୍ରମାଙ୍କ ସ୍ଥିତି ମଜଭୂତ କରିବା ପାଇଁ ସ୍ନାନ କରିବା ସମୟରେ ପ୍ରଥମେ ନାଭିରେ ଜଳ ପକାଇ ସ୍ନାନ କରନ୍ତୁ।

# ଦୈନନ୍ଦିନ ଖାଦ୍ୟକୁ ଗୁରୁତ୍ୱ ଦେଲେ ଦୂର ହେବ ହୃଦଘାତ ସମସ୍ୟା



ହୃଦ୍ଘାତ ଆଜିକାଲିକା ସମୟ ପାଇଁ ଏକ ସାଧାରଣ କଥା। ଅନେକ ଲୋକଙ୍କର ଏହି ସମସ୍ୟାରେ ପ୍ରାଣହାନୀ ଘଟୁଛି। ଏହା ନିୟନ୍ତ୍ରଣାଧୀନ ନହେଲେ ନିମିଷକରେ ଜୀବନ ଚାଲି ଯାଇପାରେ। ବିଶେଷ କରି ଖାଇବା ପିଇବାରେ ଅବହେଳା ହେତୁ ହୃଦ୍ଘାତ ହୋଇଥାଏ। ନିଜର ଠିକ୍ ଭାବେ ଯତ୍ନ ନେଲେ ଆପଣ ନିଜକୁ ହୃଦଘାତଠାରୁ ଦୂରେଇ ରଖିପାରିବେ। ଦୈନନ୍ଦିନ କାର୍ବୋହାଇଡ୍ରେଟ୍ସ, ପ୍ରୋଟିନ୍, ଫ୍ୟାଟ୍, ଭିଟାମିନ୍ ଏବଂ ଫାଇବର୍ ଯୁକ୍ତ କିଛି ନା କିଛି ଖାଦ୍ୟ ଖାଆନ୍ତୁ। ଯଦି ଆପଣ ଓଜନ କମାଇବାକୁ ଚାହୁଁଥାନ୍ତି ତେବେ ପ୍ରୋଟିନ୍ ଖାଇବା ଟିକେ କମ୍ କଲେ ଚଳିବ। ମାତ୍ରାଧିକ ଓଜନ ମଧ ହୃଦ୍ଘାତର କାରଣ ହୋଇଥାଏ। ପ୍ରଚୁର ପରିମାଣର ଫଳ ଓ ସବୁଜ ପରିବା ଖାଆନ୍ତୁ। ବିଶେଷ କରି ଶାଗ ଖାଇବାକୁ ଆଦୌ ଭୁଲନ୍ତୁ ନାହିଁ। ବାଦାମ ଓ ବିଭିନ୍ନ ପ୍ରକାରର ମଞ୍ଜି ଖାଦ୍ୟରେ ସାମିଲ୍ କରନ୍ତୁ। ଶସ୍ୟ ଜାତୀୟ ଖାଦ୍ୟ ଓ ମାଛ ଖାଇବା ଦ୍ୱାରା ବ୍ୟକ୍ତି ସୁସ୍ଥ ରହିଥାଏ। ଜଣେ ସଂପୂର୍ଣ୍ଣ ସୁସ୍ଥ ବ୍ୟକ୍ତିଙ୍କୁ ହୃଦଘାତ କବଳିତ କରିପାରେ ନାହିଁ। ବିଶେଷ କରି ଘରେ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ। ବାହାର ଖାଦ୍ୟ ଯେତେ ନଖାଇବେ ସେତେ ଭଲ। ମନେ ରଖନ୍ତୁ ଆପଣଙ୍କର ଯଦି ସିଗାରେଟ୍ କିମ୍ବା ମଦ୍ୟପାନର ଅଭ୍ୟାସ ଅଛି ତେବେ ଏହାକୁ ନିଶ୍ଚିତ ଭାବେ ଛାଡ଼ିବାକୁ ପଡ଼ିବ। ଏସବୁ ମାନିବା ଦ୍ୱାରା ହୃଦ୍ଘାତକୁ ଏଡ଼ାଇ ଦିଆଯାଇପାରେ।

# ମହିଷାସୁର କୁ ଠାବ ପାଇଁ ରତ୍ନଗିରୀ ବିଜେ କଲେ ମା'ମଙ୍ଗଳା



ଚଳିତ ବର୍ଷ ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥି ରୁ ଶାରଦୀୟ ନବରାତ୍ରି ପୂଜା ଆରମ୍ଭ ହୋଇଛି, ଏ ନେଇ ସାରା ରାଜ୍ୟ ରେ ବିଭିନ୍ନ ଶକ୍ତିପୀଠ ଚଳଚଞ୍ଚଳ ଥିବା ବେଳେ ବର୍ତ୍ତମାନ କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ପୀଠ ରେ ସ୍ୱତନ୍ତ୍ର ରୀତିକାନ୍ତି ଆରମ୍ଭ ହୋଇଯାଇଛି, ଆଜିଠୁ ମା ଙ୍କର ନବପତ୍ରିକା ପୂଜା ଆରମ୍ଭ, ଏନେଇ ସକାଳୁ ମା ଙ୍କର ସ୍ୱତନ୍ତ୍ର ରୀତିକାନ୍ତି ସରିବା ପରେ ମା କମଣୀୟ ବେଶ ରେ ଭକ୍ତ ଙ୍କୁ ଦର୍ଶନ ଦେଇଛନ୍ତି, ଆଜିର ଦିନରେ ମା ମଙ୍ଗଳା ଙ୍କୁ ପାଦ ପଦ୍ମ ଲାଗି ହେବା ସହ ନାଲିକଲି ବେଶ ରେ ବିଭୂଷିତ କରାଯିବ, ଏହାପରେ ରାତ୍ର ସମୟ ରେ ମା ଙ୍କ ଚଳନ୍ତି ପ୍ରତିମା କୁ ସୁସଜିତ ବିମାନ ରେ ବସଜାଇ ରତ୍ନଗିରୀ ବିଜେ ହୋଇଛନ୍ତି, ମା ଆଜି ରତ୍ନଗିରୀ ବିଜେ କରି ମହିଷାସୁର କୁ ଠାବ କରିବେ, ବାଜ, ଢୋଲ, ଶଙ୍ଖ ମୃଦଙ୍ଗ, କରତାଳ, ଛତା ଛତ୍ରୀ ରେ ମା ରତ୍ନଗିରୀ ରେ ପହଞ୍ଚି ମହିଷାସୁର କୁ ଖୋଜି ସେଠି ଭୋଗ ଖାଇ ପୁନଃବାର ଦେଉଳ କୁ ଫେରିଛନ୍ତି,ସେହିପରି ମଙ୍ଗଳ ବାର ଦିନ ମା ଙ୍କର ପାଦପଦ୍ମ ଲାଗି ସହ କଳାକଲି ବେଶ, ବୁଧବାର ପାଦପଦ୍ମ ସହ ନାଲିକଲୀ, ଗୁରୁବାର ପାଦପଦ୍ମ ସହ କଳାକଲୀ, ଶୁକ୍ରବାର ଦିନ ମା ଙ୍କୁ ଭୁଜଲାଗି ହେବ ସେଦିନ ମା ତୀର କମାଣ ବେଶ ରେ ଦର୍ଶନ ଦେବେ, ଶନିବାର ଦିନ ମା କାତିଖର୍ପର ବେଶ, ରବିବାର ଦିନ ମା ଙ୍କ ପୀଠ ରେ ମହାସପ୍ତମୀ ପୂଜା ହୋଇ ସିଂହବାହିନୀ ବେଶ ରେ ଭକ୍ତ ଙ୍କୁ ଦର୍ଶନ ଦେବେ, ସୋମବାର ଦିନ ମା ମହିଷାମର୍ଦ୍ଧିନୀ ବେଶ ରେ ଦର୍ଶନ ଦେବେ, ସନ୍ଧି ପୂଜା ସହିତ ମଧ୍ୟ ରାତ୍ର ରେ କୁଷ୍ମାଣ୍ଡ ବଳି ଦିଆଯିବ, ଏହି ସମସ୍ତ ଶାରଦୀୟ ପୂଜା ମା ଙ୍କ ନିକଟରେ ଷୋଡଶ ଉପଚ୍ଚର ପୂଜା ପଣ୍ଡା ପ୍ରକାଶ କୁମାର ପଣ୍ଡା ନିଷ୍ଠା ର ସହ ତୁଲାଇଥିବେ ବେଳେ ମା ଙ୍କ ନିକଟରେ ମୂଳାଷ୍ଟମୀ ରୁ ମହାଷ୍ଟମୀ ପର୍ଯ୍ୟନ୍ତ ସୁରେଶ ଚନ୍ଦ୍ର ମିଶ୍ର ଙ୍କ ଦ୍ୱାରା ଚଣ୍ଡୀପାଠ କରାଯାଉଛି, ମା ଙ୍କ ଲୀଳା ଅନନ୍ୟ ଆଉ ସ୍ୱତନ୍ତ୍ର, ମା ଙ୍କ ଭକ୍ତ ମାନଙ୍କୁ ଏହି ନବରାତ୍ର ରେ ମା ହି ଟାଣିଆଣିଥାନ୍ତି, ମା ଙ୍କ ଏହି ନବରାତ୍ର ରେ ସମସ୍ତ ବେଶ ଦର୍ଶନ କରିବା ଏକ ସ୍ୱତନ୍ତ୍ର ଯୋଗ ବୋଲି ବରିଷ୍ଠ ସେବାୟତ ତୁଷାର ରଞ୍ଜନ ଦୀକ୍ଷିତ କହିଛନ୍ତି, ଠିକ ସେହିପରି ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାସ କୁହନ୍ତି ମା ଙ୍କର ପ୍ରତ୍ୟେକ ଭକ୍ତ କିପରି ଶୃଙ୍ଖଳା ର ସହ ମା ଙ୍କୁ ଦର୍ଶନ କରିବେ, ଆଉ କାହାର କୌଣସି ଅସୁବିଧା ହେବନାହିଁ ସେଥିପାଇଁ ମନ୍ଦିର ପ୍ରଶାସନ ତରଫରୁ ସମସ୍ତ ବନ୍ଦୋବସ୍ତ ହୋଇଛି, କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ ଏହି ପାର୍ବଣ ରେ ମା ଙ୍କୁ ଦର୍ଶନ କରିବା ସହ ମା ଙ୍କ ପୀଠ କୁ ଆସୁଥିବା ଭକ୍ତ ଙ୍କ ସୁରକ୍ଷା ପାଇଁ ସଦାସର୍ବଦା ତତପର ଅଛନ୍ତି ବୋଲି ମତାମତ ଦେଇଛନ୍ତି, ଏହି ନବରାତ୍ର ସମୟ ରେ ସଦା ସର୍ବଦା ମା ଙ୍କ ଦ୍ୱାର ଫିଟା ଯାଇ ଖୋଲା ରୁହେ, ରାଜ୍ୟ ଓ ରାଜ୍ୟ ବାହାରୁ ଏବେ ମା ଙ୍କ ନିକଟକୁ ହଜାର ହଜାର ସଂଖ୍ୟା ରେ ଶ୍ରଦ୍ଧାଳୁ ଆସୁଛନ୍ତି ଏହି ନବରାତ୍ର ରେ ମା ଙ୍କ ନିକଟରେ ଭୋଗ କରି ଧୂପ ଦୀପ ଜାଳି ଆଶିଷ ଭିକ୍ଷା କରିଛନ୍ତି।

# ମାନସିକ ଦୁଶ୍ଚିନ୍ତା ଦୂର କରେ ଦହି



କ୍ଷୀରରୁ ପ୍ରସ୍ତୁତ ଅନେକ ପଦାର୍ଥ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ। ଏହା ଖାଇବାକୁ ମଧ ସ୍ୱାଦିଷ୍ଟ। ଏଥିରେ ପୁଷ୍ଟିଯୁକ୍ତ, ଭିଟାମିନ,ପ୍ରୋଟିନ ଓ କ୍ୟାଲସିୟମ ଭଳି ଅତ୍ୟାବଶ୍ୟକ ପୋଷକତ□ ରହିଛି। ଏହା ମଧ୍ୟରୁ ଦହି ହେଉଛି ଗୋଟିଏ। ଦହିର ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ବିଶେଷ କରି ଖରାଦିନେ ନିୟମିତ ନିଜ ଖାଦ୍ୟରେ ଦହି ସାମିଲ କରନ୍ତୁ। ଏହାଦ୍ୱାରା ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ଦୂର ହୋଇଥାଏ। ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ।

ଗବେଷଣାରୁ ଜଣାପଡିଛି, ଦହିରେ ଅନେକ ପୋଷକ ତ□ ରହିଛି। ଯାହା ଶରୀର ପାଇଁ ନିତାନ୍ତ ଆବଶ୍ୟକ। ଏଥିରେ କ୍ୟାଲସିୟମର ମାତ୍ରା ଖୁବ ଅଧିକ ଥିବାରୁ ହାଡ ପାଇଁ ଖୁବ ଉପକାରୀ। ହାଡକୁ ସୁସ୍ଥ ରଖିବାରେ ମଧ ସହାୟକ ହୋଇଥାଏ। ଏକ କପ ଦହିରୁ ଦୈନିକ କ୍ୟାଲସିୟମର ମାତ୍ରା ଆବଶ୍ୟକ ଅନୁଯାୟୀ ୪୯ ପ୍ରତିଶତ ମିଳିଥାଏ। ଜାଣନ୍ତୁ ଖରାଦିନେ ନିୟମିତ ଦହି ଖାଇଲେ କି କି ଲାଭ ମିଳିଥାଏ। ଗବେଷଣାରୁ ଜଣାପଡିଛି, ଦହି ହାଲକା ମାତ୍ର ଅନେକ ପୁଷ୍ଟିଯୁକ୍ତ। ଏହା ଶରୀରରେ ଜଳୀୟଅଂଶ ମାତ୍ରାକୁ ସଠିକ ରଖିବା ସହ ଶକ୍ତି ଯୋଗାଇଥାଏ। ଖରାଦିନେ ଦହି ଖାଇବା ଦ୍ୱାରା ଖରାରର କୁପ୍ରଭାବରୁ ରକ୍ଷା ମିଳିଥାଏ। ଶରୀରକୁ ଭିତରୁ ସତେଜ ରଖିବା ସହ କାର୍ଯ୍ୟକରିବାକୁ ଇଚ୍ଛାଶକ୍ତି ବୃଦ୍ଧି କରିଥାଏ। ଦହି ସେବନ ଦ୍ୱାରା ଶରୀରରେ ଉତ୍ତମ ବ୍ୟାକ୍ଟେରିଆ ବୃଦ୍ଧି ହୋଇଥାଏ। ଯାହା ଖାଦ୍ୟକୁ ହଜମ କରିବାରେ ସହାୟକ ହୋଇଥାଏ। ପେଟ ଜନିତ ଅନେକ ସମସ୍ୟା ଦୂର କରିଥାଏ। ଏହାସହ କୋଷ୍ଠକାଠିନ୍ୟ, ବଦହଜମି, ପେଟରେ ଜଳାପୋଡା ଅନୁଭବ ହେବା ମଧ ଦୂର ହୋଇଥାଏ। ଖରାଦିନେ ତ୍ୱଚ୍ଚ ପାଇଁ ଧ୍ୟାନ ଦେବା ମଧ ଆବଶ୍ୟକ। ତେଣୁ ଏହି ସମୟରେ ଦହି ସେବନ କରିବା ଏକ ଉତ୍ତମ ବିକଳ୍ପ। ଦହି ଖାଇବା ସହ ଏହାକୁ ତ୍ୱଚ୍ଚରେ ମଧ ଲଗାଇପାରିବେ। ଖରାର କୁପ୍ରଭାବରୁ ରକ୍ଷା ପାଇବା ପାଇଁ ଦହିର ଫେସପ୍ୟାକ ମଧ ବ୍ୟବହାର କରିପାରିବେ। ଏହା ମୁହଁର କୋଷିକାକୁ ସୁସ୍ଥ ରଖିବା ପାଇଁ ସହାୟକ ହୋଇଥାଏ। ମାନସିକ ଦୁଶ୍ଚିନ୍ତା ଓ ବ୍ୟତିବ୍ୟସ୍ତ ରହୁଥିବା ବ୍ୟକ୍ତି ବିଶେଷ ଦୈନିକ ନିଜ ଖାଦ୍ୟରେ ଦହି ସାମିଲ କରିବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ। ଦହି ମସ୍ତିଷ୍କକୁ ଶାନ୍ତ କରିବାରେ ସହାୟକ ହୋଇଥାଏ।

# ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବେ ରାଜ୍ୟପାଳ

ଭୁବନେଶ୍ୱର,୨୨।୯ (ମହାଭାରତ):ଖୋର୍ଦ୍ଧା ଜିଲ୍ଲାର ଯକ୍ଷ୍ମା ରୋଗୀଙ୍କ ପାଇଁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଖାଦ୍ୟ ବାସ୍କେଟ ପ୍ରଦାନ କରିଛନ୍ତି। ଯକ୍ଷ୍ମା ବିରୁଦ୍ଧରେ ଓଡ଼ିଶାର ଲଢେଇକୁ ସୁଦୃଢ଼ କରିବା ଏବଂ ରୋଗୀମାନଙ୍କୁ ଚିକିତ୍ସା ସମୟରେ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଶନିବାର ରାଜଭବନର ମିନି କନଫରେନ୍ସ ହଲଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଖୋର୍ଦ୍ଧା ଜିଲ୍ଲାର ୧୦୦ ଜଣ ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ବାସ୍କେଟ୍ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କୁ ପ୍ରଦାନ କରିଛନ୍ତି। ଏହି ପଦକ୍ଷେପ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନର ଏକ ଅଂଶ ବିଶେଷ ଯାହା ଅଧୀନରେ ଚିକିତ୍ସା ସମୟରେ ସ୍ଥାୟୀ ପୁଷ୍ଟିକର ସହାୟତା ପ୍ରଦାନ କରିବା ପାଇଁ ରାଜ୍ୟପାଳ ଖୋର୍ଦ୍ଧା ଜିଲ୍ଲାର ଯକ୍ଷ୍ମା ରୋଗୀମାନଙ୍କୁ ନି-କ୍ଷୟ ମିତ୍ର ଭାବେ ପୋଷ୍ୟ ଭାବରେ ଗ୍ରହଣ କରିଛନ୍ତି।



ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକଙ୍କ ଦ୍ୱାରା ପାୱାରପଏଣ୍ଟ ପ୍ରେଜେଂଟେସନ ମାଧ୍ୟମରେ ରାଜ୍ୟରେ ଯକ୍ଷ୍ମା ରୋଗର ବର୍ତ୍ତମାନର ସ୍ଥିତି ଏବଂ ରୋଗ ନିରାକରଣ କରିବା ପାଇଁ ରାଜ୍ୟ ସରକାରଙ୍କ ବହୁମୁଖୀ ପ୍ରୟାସ ସଂପର୍କରେ ତଥ୍ୟ ଓ ବିବରଣୀ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ ଯକ୍ଷ୍ମା ନିରାକରଣ ପ୍ରୟାସକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କର ପ୍ରତିବଦ୍ଧତା ଘୋଷଣା କରି ସମାଜର ଦୁର୍ବଳ ବର୍ଗର ଆଉ ୫୦ ଜଣ ଔଷଧ-ପ୍ରତିରୋଧୀ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ। ଆହୁରି ମଧ ରାଜ୍ୟପାଳ କହିଥିଲେ ଯେ, ବିଶ୍ୱବିଦ୍ୟାଳୟ, କର୍ପୋରେଟ ସେକ୍ଟରର କର୍ତ୍ତୃପକ୍ଷ ଏବଂ ଜନ ହିତୈଷୀମାନେ ନି-କ୍ଷୟ ମିତ୍ର ଭାବେ ଆଗେଇ ଆସି ଯକ୍ଷ୍ମା ମୁକ୍ତ ଓଡ଼ିଶା ପାଇଁ ସାମୁହିକ ଯୋଗଦାନ ନିମନ୍ତେ ଅନୁରୋଧ କରାଯିବ ବୋଲି କହିଥିଲେ।

ପ୍ରାରମ୍ଭରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱଥି ଏସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ରାଜ୍ୟପାଳଙ୍କ ମହନୀୟ ନେତୃତ୍ୱ ତଥା ରାଜ୍ୟକୁ ଯକ୍ଷ୍ମା ମୁକ୍ତ କରିବା ଦିଗରେ ପ୍ରତିବଦ୍ଧତା ପାଇଁ କୃତଜ୍ଞତା ଜଣାଇଥିଲେ। ରାଜ୍ୟପାଳଙ୍କ ଏତାଦୃଶ ପଦକ୍ଷେପ କେବଳ ରୋଗୀଙ୍କ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବ ନାହିଁ, ବରଂ ନୂତନ ସଂକଳ୍ପ ସହ ଯକ୍ଷ୍ମା ମୁକାବିଲା କରିବା ପାଇଁ ସମାଜରେ ସାମୁହିକ ଦାୟିତ୍ୱକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡ. ବୃନ୍ଦା ଡିଙ୍କ ସମେତ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ୧୫ ଉଦ୍ୟାନ କୃଷି ଫସଲ କିସମ ଅନୁମୋଦନ

ଭୁବନେଶ୍ୱର,୨୨।୯ (ମହାଭାରତ): କୃଷି ବିଭାଗ ପ୍ରମୁଖ ଶାସନ ସଚିବ, ଡ଼ ଅରବିନ୍ଦ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ବିହନ ଉପ-କମିଟି ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଲୋଚନା ଓ ସର୍ବସମ୍ମତି କ୍ରମେ ୧୫ଟି ଉଚ୍ଚଗୁଣବତା ସମ୍ପନ୍ନ ଉଦ୍ୟାନ କୃଷି ଫସଲ କିସମକୁ ଅନୁମୋଦନ କରାଯାଇଛି। ସ୍କ୍ରିନିଂ କମିଟି ଦ୍ୱାରା ସୁପାରିଶ କରାଯାଇଥିବା ଫସଲର କିସମ ମଧ୍ୟରେ ଓୟୁଏଟି କଳିଙ୍ଗ ଦ୍ୱାରା ବିକଶିତ ଆଠଟି କିସମ (ଲଙ୍କା, ବାଇଗଣ, ଶାଗ, ଟମାଟ, କାଜୁ, ଆମ୍ବ ଅଦା, କଳା ହଳଦୀ, ଆଳୁ), ସିଟିସିଆରଆଇ ଦ୍ୱାରା ବିକଶିତ ଦୁଇଟି କିସମ (କନ୍ଦମୂଳ, ୟାମ ବିନ୍ ଅର୍ଥାତ୍ ଚିନିଆଳୁ), ଏବଂ ଚେସ୍ ଦ୍ୱାରା ବିକଶିତ ପାଞ୍ଚଟି କିସମ (ଜାମୁରୋଳ, ତିନି ପ୍ରକାର ଶାଗ, ବାଇଗଣ) ଆଜି ଅନୁମୋଦନ ପ୍ରାପ୍ତ ହୋଇଛି। ସିଏଚଇଏସ୍ ଦ୍ୱାରା ବିକଶିତ ଜାମୁରୋଳ କିସମ ଭାରତରେ ଏହି ପ୍ରଜାତିର ପ୍ରଥମ କିସମ ଭାବେ ଅନୁମୋଦନ ଲାଭ କରିଛି। ସେହିଭଳି, କଳା ହଳଦୀ, ଓୟୁଏଟି କଳିଙ୍ଗ ବ୍ଲାକ୍ ହଳଦୀ -୧ ଭାବରେ ମଧ ଜଣା, ଏହାର ଔଷଧୀୟ ଗୁଣ ପାଇଁ ଜଣାଶୁଣା । ସେହିଭଳି, ଓୟୁଏଟି ଦ୍ୱାରା ବିକଶିତ ଆଳୁ କିସମ କଳିଙ୍ଗ ଛୋଟ ଆଳୁ (ଫୁଲବାଣି ଆଳୁ) ଖୁବ ସ୍ୱାଦିଷ୍ଟ ଓ ନିଆରା ସ୍ୱାଦର। ଏହି ସବୁ କିସମ ଗୁଡ଼ିକ ଉଚ୍ଚ ଗୁଣ୍ଡଓସମ୍ପନ୍ନ, ସରଳ ଅମଳ ପଦ୍ଧତି, ଉତ୍ପାଦନ କ୍ଷମତାରେ ପରିପୂର୍ଣ୍ଣ ଅଟେ। ବୈଠକରେ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ୍, ସ୍ୱତନ୍ତ୍ର ଶାସନ ସଚିବ ଦିଲ୍ଲୀପ ପରିଡ଼ା, ଡିନ୍ ରିସର୍ଚ୍ଚ, ଓୟୁଏଟି ନିରଂଜନ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ, ପରିଚାଳନା ନିର୍ଦ୍ଦେଶକ ଓଏସଏସସି ଲିମିଟେଡ୍, ଏରିଆ ମ୍ୟାନେଜର, ଏନଏସସି ଜଗଦୀଶ ମିଶ୍ର ଉପସ୍ଥିତ ଥିଲେ।

# ବି ଭୋକାଲ ସିଏସ୍ଆର୍ ପୁରସ୍କାରରେ ସମ୍ମାନିତ ହେଲା ଟିପିଏସ୍ଓଡିଏଲ୍

ବ୍ରହ୍ମପୁର,୨୨।୯ (ମହାଭାରତ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ସମ୍ମାନ ଜନକ ବି ଭୋକାଲ ସିଏସ୍ଆର୍ ୨୫ ପୁରସ୍କାରରେ ସମ୍ମାନିତ ହୋଇଛି। ଅର୍ଗାନିକ୍ ଫିଙ୍ଗର୍ ମିଲେଟକୁ ପ୍ରୋତ୍ସାହନ ଯୋଗାଉଥିବାରୁ ଶକ୍ତି ବର୍ଗରେ ଟିପିଏସ୍ଓଡିଏଲକୁ ଏହି ପୁରସ୍କାର ମିଳିଛି। ଏହି ପୁରସ୍କାର ଦକ୍ଷିଣ ଓଡ଼ିଶାରେ ଗ୍ରାମୀଣ ଜୀବିକାରେ ଉନ୍ନତି ଆଣିବା ଏବଂ ମହିଳା ନେତୃତ୍ୱାଧୀନ ଚାଷ କାର୍ଯ୍ୟକୁ ପ୍ରୋତ୍ସାହନ ଯୋଗାଇବା କ୍ଷେତ୍ରରେ ଟିପିଏସ୍ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଏ।

ଟିପିଏସ୍ଓଡିଏଲର ଏହି ପ୍ରୋଜେକ୍ଟ କୋରାପୁଟ ଜିଲ୍ଲାର ଏନଜିଓ ପ୍ରଗତିର ସହଭାଗିତାରେ ବୈପାରିଗୁଡା ବ୍ଲକର ଡୋରାଗୁଡ଼ା ଗ୍ରାମପଞ୍ଚାୟତରେ ହୋଇଥିଲା। ଯାହାଦ୍ୱାରା ୧୮ଟି ଗାଁର ୫୧୦ଜଣ ମହିଳା ଏଥିରେ ଉପକୃତ ହୋଇ ପାରିବା ସହ ଆତ୍ମନିର୍ଭରଶୀଳ ହୋଇ ପାରିଛନ୍ତି। ଯେଉଁମାନେ କି ଜନଜାତି ସମୁଦାୟର ଅଟନ୍ତି। ଏହାର ଲକ୍ଷ୍ୟ ଥିଲା ଉନ୍ନତ ଚାଷ କୌଶଳ ପ୍ରୟୋଗସହ ଜୈବିକ ପଦ୍ଧତିରେ ମିଲେଟ୍ ଚାଷକୁ ପ୍ରୋତ୍ସାହନ ଏବଂ ଚାଷୀଙ୍କୁ ବଜାର ସହ ସଂଯୋଗ କରିବା ।ମହିଳା ଚାଷୀମାନେ ମିଲେଟ୍ ଇଣ୍ଟେନସିଫିକେସନ୍ ସିଷ୍ଟମ୍ ଏବଂ ଲାଇନ୍ ଟ୍ରାନ୍ସପ୍ଲାଣ୍ଟିଂ ଭଳି ଉନ୍ନତ ଚାଷ ପଦ୍ଧତିକୁ ଆପଣାଇଥିଲେ। ଯାହା ପାରମ୍ପରିକ ପଦ୍ଧତି ତୁଳନାରେ ଉତ୍ପାଦନକୁ ଦ୍ୱିଗୁଣିତ କରିବାରେ ସମର୍ଥ ହୋଇ ପାରିଥିଲା। ମୋଟ ୨୫୦ ଏକର ଜମିରେ ହୋଇଥିବା ଏହି ଚାଷରୁ ସେମାନେ ୨,୨୦୦ କ୍ୱିଣ୍ଟାଲରୁ ଅଧିକ ମିଲେଟ୍ ଅମଳ କରିବାରେ ସକ୍ଷମ ହୋଇପାରିଛନ୍ତି। ତନ୍ମଧ୍ୟରୁ ବହୁ ଚାଷୀ ସରକାରୀ ମଣ୍ଡିରେ ଏମଏସପି ଅଧୀନରେ ଉତ୍ପାଦ ବିକ୍ରି କରି ଅଧିକ ଆୟ ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି।

୨୧୨ ଜଣ ଚାଷୀ ଜୈବିକ ଶ୍ରୀ ଫାର୍ମର୍ସ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍‌ରେ ଅଂଶୀଦାର ହୋଇପାରିଛନ୍ତି। ଯାହା ଏକ ନିରନ୍ତର ବିକାଶକୁ ସମର୍ଥନ କରେ। ଏଥିସହିତ ଏକ ମିଲେଟ୍ ପ୍ରକ୍ରିୟାକରଣ ୟୁନିଟର ମଧ ସ୍ଥାପନା ହୋଇପାରିଛି। ଯାହା ଆଧୁନିକ ଯନ୍ତ୍ରପାତି ସହିତ, ପରିଷ୍କରଣ, ଡିହସ୍କିଂ ଏବଂ ଗ୍ରାଇଣ୍ଡିଂ ପାଇଁ ବ୍ୟବହୃତ ହୋଇପାରୁଛି। ଏହାସହିତ ଅନେକ ଚାଷୀ ଏହି ପ୍ରକଳ୍ପ ଜରିଆରେ ସରକାରୀ ପ୍ରୋତ୍ସାହନ ଏବଂ ସମର୍ଥନ ପାଇପାରିଛନ୍ତି, ଯାହା କମ୍ପାନୀର ମୂଳ ଲକ୍ଷ୍ୟକୁ ସାଧିତ କରିବା ସହିତ ପ୍ରଭାବଶାଳୀ କରିପାରିଛି।

# ଓଡ଼ିଶା କ୍ରାଫ୍ଟ ଓଡ଼ିଶୀ ସ୍ୱଦେଶୀ ହସ୍ତଶିଳ୍ପ ନିମନ୍ତେ ଯୁଗାନ୍ତକାରୀ ଗବେଷଣା

ଭୁବନେଶ୍ୱର,୨୨।୯ (ମହାଭାରତ): ଏମ୍‌ଜିଏମ ଫାଉଣ୍ଡେସନ ଏବଂ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ ଆର୍ଟ ଆଣ୍ଡ ଡିଜାଇନ ଷ୍ଟୁଡିଓ (ବିଇଏଡିଏସ୍) ଦ୍ୱାରା ଏକ ଅଗ୍ରଣୀ ସାଂସ୍କୃତିକ ପ୍ରଚେଷ୍ଟା ଓଡ଼ିଶା କ୍ରାଫ୍ଟ ଓଡ଼ିଶୀ (ଓସିଓ)ର ପ୍ରୟାସ ଜରିଆରେ ଭୁବନେଶ୍ୱର ମହାନଗର ହସ୍ତଶିଳ୍ପର କାର୍ଯ୍ୟାଭ୍ୟାସ ଉପରେ ଏକ ଅସାଧାରଣ ପ୍ରଦର୍ଶନୀ ଦେଖିବାକୁ ଯାଉଛି। ଓସିଓ 'ଦି ପପୁଲାର ପିପିଲି: ଥ୍ରେଡ୍‌ସ୍ ଅଫ ମେମୋରୀ, ନେଟୱର୍କସ୍ ଅଫ ପାୱର' ଶୀର୍ଷକରେ ଶିବଦାସ ସେନଗୁପ୍ତାଙ୍କ ଦ୍ୱାରା ନିଖୁଣ ଭାବରେ ପ୍ରସ୍ତୁତ ଏହାର ଦ୍ୱିତୀୟ ଗବେଷଣାତ୍ମକ ପ୍ରଦର୍ଶନୀ ଭୁବନେଶ୍ୱରସ୍ଥିତ ଲଳିତ କଳା ଏକାଡେମୀରେ ଆୟୋଜନ କରିଛି, ଯାହା ୨୦୨୫ ସେପ୍ଟେମ୍ବର ୨୧ ତାରିଖ ଅପରାହ୍ନ ୫ଟାରୁ ଉନ୍ମୁକ୍ତ । ଅନେକ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀଠାରୁ ଭିନ୍ନ ଓସିଓର ପ୍ରଦର୍ଶନୀଗୁଡିକ କଳାକାର, ଗବେଷକ ଏବଂ କାରିଗରମାନଙ୍କ ସମ୍ମିଳିତ ଅଂଶଗ୍ରହଣରେ କରାଯାଇଥିବା ଜଟିଳ ଗବେଷଣାଧର୍ମୀ ସର୍ବେକ୍ଷଣକୁ ପରିକଳ୍ପନା କରୁଛି। ଏହି ସଂସ୍କରଣ ଓଡ଼ିଶାର ଜୀବନ୍ତ ଐତିହ୍ୟର ସଂରକ୍ଷଣ ଏବଂ ପୁନଃସୁଦୃଢୀକରଣ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ହେବାକୁ ଯାଉଛି। ଓସିଓର ଦ୍ୱିତୀୟ ଉଲ୍ଲେଖନୀୟ ଏହି କାର୍ଯ୍ୟକ୍ରମ ୨୦୨୫ ଆବାସିକତାର ସାର୍ବଜନୀନ ପରିଣତି ଭାବରେ ଉପସ୍ଥାପିତ ହେବାକୁ ଯାଉଛି, ଯାହା ପିପିଲିର ସୁଦକ୍ଷ ଚାନ୍ଦୁଆ କାରିଗରୀ ଉପରେ ଦୃଷ୍ଟିନିବଦ୍ଧ କରୁଛି।

ଓପନ୍ ଷ୍ଟୁଡିଓ ଓସିଓର ଅନନ୍ୟ ପଦ୍ଧତିର ଏକ ପ୍ରତ୍ୟକ୍ଷ ପରିଣତି ହୋଇଛି, ଯାହା ଲଳିତ କଳା ଏବଂ ହସ୍ତଶିଳ୍ପ ମଧ୍ୟରେ ପାରମ୍ପରିକ ପଦାନୁକ୍ରମକୁ ଚାଲେଞ୍ଜ କରିବା ନିମନ୍ତେ ଜାତିଗତ ଗବେଷଣା ଏବଂ ଆନ୍ତଃ ବିଭାଗୀୟ ସହଯୋଗୀତାକୁ ଅଗ୍ରାଧିକାର ଦେଉଛି। ଶିବଦାସ ସେନଗୁପ୍ତାଙ୍କ ଦ୍ୱାରା ନିଖୁଣ ଭାବରେ ପ୍ରସ୍ତୁତ ଏହି କାର୍ଯ୍ୟକ୍ରମ ତିନିଜଣ ସମକାଳୀନ ବୃତ୍ତିଧାରୀଙ୍କୁ ପିପିଲିର ହସ୍ତଶିଳ୍ପ କାରିଗର ସମୁଦାୟଙ୍କ ମଧ୍ୟରେ ସାମିଲ କରିଛି, ଯେଉଁମାନେ ହେଉଛନ୍ତି ରାଜ୍ ମୌର୍ଯ୍ୟା, ମଧୁଲିକା ଏସ୍ ନାଇଡୁ ଏବଂ ରିଆ ମୋରାସ୍। ମଧୁଲିକା ଏସ୍ ନାଇଡୁ ମୋଟିଫ, କୌଶଳ ଏବଂ ସାମାଜିକ ପଦାନୁକ୍ରମଗୁଡିକ ଜରିଆରେ ପିପିଲିର ଚାନ୍ଦୁଆର ଐତିହାସିକ ବିବର୍ତ୍ତନର ଅନୁଗମନ କରିଛି, ଯାହା ସହାବସ୍ଥାନକାରୀ ହସ୍ତଶିଳ୍ପ ଜ୍ଞାନବିଜ୍ଞାନ ସଂସ୍ଥାପନରେ ଚୂଡାନ୍ତ ହେଉଛି। ରିଆ ମୋରାସ୍ ଅଂଶଗ୍ରହଣକାରୀ ପ୍ରକଳ୍ପସମୂହ ଏବଂ ପଦାର୍ଥଗତ ଅନୁସନ୍ଧାନ ଜରିଆରେ ମହିଳାଙ୍କର ସ୍ୱର ଏବଂ ସାମୂହିକ ଗ୍ରନ୍ଥକାରିତାକୁ ଅଗ୍ରଭାଗରେ ରଖି ସିଲେଇ କୌଶଳକୁ ସନ୍ନିହିତ ଜ୍ଞାନ ଭାବରେ ପରୀକ୍ଷା ନିରୀକ୍ଷା କରୁଛନ୍ତି। ରାଜ ମୌର୍ଯ୍ୟା ଅଭିଲେଖାଗାର ପଦ୍ଧତିସମୂହ ଏବଂ ସାୟାନୋଟାଇପକୁ ବ୍ୟବହାର କରି ହସ୍ତଶିଳ୍ପ ପ୍ରସ୍ତୁତିର ସ୍ମୃତି, ଅନୁପସ୍ଥିତି ଏବଂ ପୁନରାବୃତ୍ତି ହେବାର ପ୍ରକୃତି ଆଦି ପ୍ରତିଫଳିତ କରିବାକୁ ପିପିଲି ଚାନ୍ଦୁଆ ପ୍ରସ୍ତୁତିରେ ଶ୍ରମ ନେଟୱର୍କ ସମ୍ପର୍କରେ ଦସ୍ତାବିଜ ପ୍ରସ୍ତୁତ କରିଛନ୍ତି।

# ଛାତ୍ର ନିର୍ବାଚନ ନହେଲେ ଆନ୍ଦୋଳନ କରିବ କଂଗ୍ରେସ

ଭୁବନେଶ୍ୱର,୨୨।୯ (ମହାଭାରତ): ସରକାରଙ୍କ ଛାତ୍ର ନିର୍ବାଚନକୁ ନେଇ କୌଣସି ଆଗ୍ରହ ନାହିଁ। ସରକାର ନିର୍ବାଚନ କରିବେ ନା ନାହିଁ, ଛାତ୍ର ମହଲରେ ବର୍ତ୍ତମାନ ଅସନ୍ତୋଷର କୁହୁଡି ଘୋଟିବାରେ ଲାଗିଲାଣି । ଏହି ପ୍ରସଙ୍ଗରେ ବରିଷ୍ଠ କଂଗ୍ରେସ ନେତା ଅଜୟ ମହାପାତ୍ର କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ହେଉଛି ଗଣତନ୍ତ୍ରର ଅନ୍ତୁଡ଼ିଶାଳ କିନ୍ତୁ ପରିତାପର ବିଷୟ ସରକାର ଦୀର୍ଘ ବର୍ଷ ହେଲା ନିର୍ବାଚନ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି।



ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ ଛାତ୍ର ସଭାପତି ମନୋଜ ବିଶ୍ୱାଳ ବିଜେପି ସରକାରର ଦୋମୁହାଁ ନୀତି ବର୍ଣ୍ଣନା କରି କହିଲେ, ବିଜେଡି ସରକାରରେ ଥିବାବେଳେ ଛାତ୍ରସଂସଦ ନିର୍ବାଚନ କାହିଁକି ହେଉନି ବୋଲି ବିଜେପି ରଖେଇଥୁଏଇ ଦେଉନଥିଲେ। ନିଜ ଦଳ ସରକାରକୁ ଆସିବା ପରେ ଏବେ କାହିଁକି ନିରବ? ସୌମ୍ୟାଶ୍ରୀ ଆତ୍ମହୁତି ଘଟଣାରେ ଅପରାଧୀ ଭାବରେ ଏବିଭିପି ନେତା ଗିରଫ ହେବା ପରେ ସମଗ୍ର ଓଡିଶା ଛାତ୍ର ସମାଜରେ ବିଜେପି ନିନ୍ଦିତ ହେଇଛି। ତେଣୁ ସରକାରଙ୍କୁ ପରାଜୟର ଭୟ ଘାରିଛି, ଏଥି ସକାଶେ ନିର୍ବାଚନକୁ ସରକାର ଏଡେଇ ଯିବାକୁ ଚାହୁଁଛି। ତେବେ ସରକାର ଯଦି ଆଗାମୀ ୬ ଦିନ ଭିତରେ ଛାତ୍ର ନିର୍ବାଚନ ଘୋଷଣା ନ କରେ ତେବେ ଛାତ୍ର କଂଗ୍ରେସ ରାଜ୍ୟର ପ୍ରତ୍ୟେକ କ୍ୟାମ୍ପସରେ ଦସ୍ତଖତ ଅଭିଯାନ, ବିକ୍ଷୋଭ ପ୍ରଦର୍ଶନ ଏବଂ ବିଶ୍ୱବିଦ୍ୟାଳୟ ଗୁଡିକର ଚାନସେଲରଙ୍କ ସାଥିରେ ଆଲୋଚନା ଆଦି କାର୍ଯ୍ୟକ୍ରମ କରିବ ବୋଲି ଛାତ୍ରନେତା ଶ୍ରୀ ବିଶ୍ୱାଳ ଚେତାବନୀ ଦେଇଛନ୍ତି। ଏହି ଛାତ୍ର ନିର୍ବାଚନ ପ୍ରସଙ୍ଗ ସାମ୍ବାଦିକ ସମ୍ମିଳନୀରେ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଛାତ୍ରନେତା ମନୋଜ ବିଶ୍ୱାଳ, ବିଶ୍ୱ ଭୂଷଣ ଦାସ, ଆଶିଷ ମାହୁନ୍ତ, ସନ୍ଦୀପ ରାଉତରାୟ, ସାଗର ପଟ୍ଟନାୟକ, ବିଭୁତି ମହାପାତ୍ର ଉପସ୍ଥିତ ଥିଲେ।

# କିଟ୍-କିସ୍ ଓ ୟୁନେସ୍କୋ ଏମଜିଆଇଇପି ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୨୨।୯ (ମହାଭାରତ): ଜାତିସଂଘ ଶତତ ବିକାଶ ଲକ୍ଷ୍ୟ (ଏସଡିଜି) ୪.୭ର ଲକ୍ଷ୍ୟକୁ ଆଗକୁ ବଢାଇବା ପାଇଁ ୟୁନେସ୍କୋ ମହାତ୍ମା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍ ଫର ପିସ୍ (ଏମଜିଆଇଇପି) ଓ କିଟ୍-କିସ୍ ମଧ୍ୟରେ ଏକ ସହଯୋଗ ଚୁକ୍ତି ସ୍ୱାକ୍ଷର ହୋଇଯାଇଛି। ଆଜି ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ୟୁନେସ୍କୋ ଏମଜିଆଇଇପି ନିର୍ଦ୍ଦେଶକ ପ୍ରଫେସର ଓବିଜିଓଫର ଅଗିନମଙ୍କ ଉପସ୍ଥିତିରେ ଏହି ବୁଝାମଣା ସ୍ୱାକ୍ଷର ହୋଇଥିଲା। ଏହି ସହଯୋଗିତା ମାଧ୍ୟମରେ ଉଭୟ ପକ୍ଷ ସାମାଜିକ ଏବଂ ଭାବପ୍ରବଣ ଶିକ୍ଷା (ଏସଇଏଲ) ଏବଂ ଗଣମାଧ୍ୟମ ଏବଂ ସୂଚନା ସାକ୍ଷରତା କ୍ଷେତ୍ରରେ ପ୍ରଭାବୀ ପାଠ୍ୟକ୍ରମର ବିକାଶ ସହିତ ଏସଡିଜି ଆହ୍ୱାନର ମୁକାବିଲା ପାଇଁ ଯୁବ ନେତୃତ୍ୱାଧୀନ ଗୋଷ୍ଠୀ ପ୍ରକଳ୍ପ ଆରମ୍ଭ କରିବାରେ ସହଯୋଗ କରିବେ।



ଏହି ସହଯୋଗ ଯୁବଗୋଷ୍ଠୀ ମଧ୍ୟରେ ସହାନୁଭୂତି, ସଚେତନତା, ସହଯୋଗ ଏବଂ ସମାଲୋଚନାମୂଳକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସହଭାଗୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ। ବିଶେଷ କରି ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ସମାଜ ଗଠନ ଦିଗରେ ଯୁବଗୋଷ୍ଠୀ ପାଇଁ ଆବଶ୍ୟକ କୌଶଳଗୁଡିକ ଉପରେ ସେମାନଙ୍କୁ ସଚେତନ କରାଯିବ।

# ଶେଷ ହେଲା ନିପୁଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨।୯ (ମହାଭାରତ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ସରକାରୀ ବିଦ୍ୟାଳୟଗୁଡ଼ିକରେ ଆୟୋଜିତ 'ନିପୁଣ ସପ୍ତାହ' କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଶେଷ ଦିନରେ ବିଦ୍ୟାଳୟଗୁଡ଼ିକରେ ଏକ ଉତ୍ସବମୁଖୀ ପରିବେଶ ସୃଷ୍ଟି ହୋଇଥିଲା। ବହୁ ସଂଖ୍ୟକ ଅଭିଭାବକ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ବିଶେଷ ଭାବେ ମା'ମାନଙ୍କ ପାଇଁ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ମା'ମାନଙ୍କୁ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। କାହାଣୀ କହିବା ଅଧିବେଶନ ଏବଂ ପଠନ ପ୍ରୋତ୍ସାହନ କାର୍ଯ୍ୟକଳାପ ମାଧ୍ୟମରେ ଅଭିଭାବକମାନେ ଶିକ୍ଷାର୍ଥୀଙ୍କୁ ଘରେ ପାଠ ପଢାରେ କିପରି ସହଯୋଗ କରିପାରିବେ ସେ ବିଷୟରେ କୁହାଯାଇଥିଲା। ଏଥିସହ ଶିକ୍ଷାର୍ଥୀମାନଙ୍କ ରିପୋର୍ଟ କାର୍ଡ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦୁଇ ଦିନ ମୌଳିକ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିକ୍ଷାର୍ଥୀମାନେ ଗଣିତ ଖେଳ, ସମସ୍ୟା ସମାଧା, ଗପ ଆଧାରିତ ଗଣିତ କାର୍ଡ ବ୍ୟବହାର କରି ଉତ୍ସାହର ସହ ଗଣିତ କରିଥିଲେ । ତୃତୀୟ ଏବଂ ଚତୁର୍ଥ ଦିନ ମୌଳିକ ସାକ୍ଷରତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିକ୍ଷାର୍ଥୀମାନେ ଗପ, ଗୀତ, ଖେଳ ଓ ବିଭିନ୍ନ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ମୌଖିକ ଭାଷା, ଡିକୋଡିଂ, ପଠନ ଓ ଲିଖନ କରିଥିଲେ। 'ନିପୁଣ ସପ୍ତାହ' କାର୍ଯ୍ୟକ୍ରମ ଶିକ୍ଷାର୍ଥୀମାନଙ୍କର ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ।

# ତୀର୍ଥଯାତ୍ରାରେ ୫ ଜିଲ୍ଲାର ୭୭୫ ବରିଷ୍ଠ ନାଗରିକ

ଭୁବନେଶ୍ୱର,୨୨।୯ (ମହାଭାରତ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ୫ଟି ଜିଲ୍ଲାର ୭୭୫ ତୀର୍ଥଯାତ୍ରୀ ଓ ୨୫ଜଣ ଏସ୍କର୍ଟ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଯୋଗଦେଇ ତୀର୍ଥ ଟ୍ରେନର ଉଦଘାଟନ କରିଥିଲେ। ସମସ୍ତ ତୀର୍ଥଯାତ୍ରୀଙ୍କୁ ଅଧିଷ୍ଠାତ୍ରୀ ମା ବୁଢ଼ୀ ଠାକୁରାଣୀ ପୀଠରୁ ବାହାରି ପବିତ୍ର ଗଙ୍ଗା ଘାଟ, ବାରାଣସୀର ଶୈବ ପୀଠ, ଗଙ୍ଗା ଆଳତି, କାଶୀ ବିଶ୍ୱନାଥ ପରିଦର୍ଶନ କରିବେ। ଶ୍ରୀ ରାମ ଲାଲାଙ୍କ ସାନ୍ନିଧ ଲାଭ କରି ନିଜର ମନସ୍କାମନା ପୁରଣ କରି ଫେରିବେ ବୋଲି କହିଥିଲେ। ୫ ରାତି ଓ ଛଅ ଦିନ ଯାତ୍ରାର ସୁଖମୟ ହେଉ ବୋଲି ପ୍ରଭୁ ଜଗନ୍ନାଥଙ୍କ ଠାରେ କାମନା କରିଥିଲେ। ସାଥିରେ ଯାଉଥିବା ଏସ୍କର୍ଟ ଅଧିକାରୀମାନଙ୍କୁ ତୀର୍ଥଯାତ୍ରୀଙ୍କ ଯେପରି କୌଣସି ଅସୁବିଧା ନହେବ ସେଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ବ୍ରହ୍ମପୁର ରେଳ ଷ୍ଟେସନରୁ ଏହାର ଶୁଭାରମ୍ଭ କରାଯାଇଥିଲା। ଗଞ୍ଜାମ, ଗଜପତି, ବୌଦ୍ଧ, ନୟାଗଡ଼ ଓ କନ୍ଧମାଳର ତୀର୍ଥଯାତ୍ରୀ ଯାତ୍ରା କରିଛନ୍ତି। ଗଜପତି ଜିଲ୍ଲାରୁ ୭୨, ନୟାଗଡ଼ରୁ ୧୧୯, କନ୍ଧମାଳରୁ ୯୧, ବୌଦ୍ଧରୁ ୫୫ ଓ ଗଞ୍ଜାମରୁ ୪୩୮ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ୱି କୀର୍ତି ୱାସନ୍ ସ୍ୱାଗତ ଭାଷଣରେ ତୀର୍ଥର ଆନନ୍ଦ ଉଠାଇ ମନ ଓ ଶରୀରକୁ ପ୍ରଫୁଲିତ ରଖିବାକୁ ପରାମର୍ଶ ଦେଇଥିଲେ ଏବଂ ଯାତ୍ରାର ଶୁଭକାମନା କରିଥିଲେ। ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ ସର୍ବଣ ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଡ଼ ରୁଦ୍ର ନାରାୟଣ ଦାସ, ଜିଲ୍ଲା ସଭାପତି ସରୋଜ ସାବତ ମଞ୍ଚାସୀନ ଥିଲେ। ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥୀ ହାଂସଦା ଧନ୍ୟବାଦ୍ ଅର୍ପଣ କରିଥିଲେ।



# ହିରୋ ମୋଟୋକର୍ପ ଏବଂ ଥମସ ଅପ ଥଣ୍ଡରହ୍ୱିଲସ ୨.୦ ଶୁଭାରମ୍ଭ

ଭୁବନେଶ୍ୱର,୨୨।୯ (ମହାଭାରତ): ଥମସ ଅପ ଯାହାକି କୋକା-କୋଲା କମ୍ପାନୀ ଅଧିନସ୍ଥ ଭାରତର ଅଗ୍ରଣୀ ମୃଦୁପାନୀୟ ବ୍ରାଣ୍ଡ, ଏବଂ ହିରୋ ମୋଟୋକର୍ପ, ପୃଥିବୀର ସବୁଠାରୁ ବୃହତ୍ ମୋଟରସାଇକେଲ ଏବଂ ସ୍କୁଟର ନିର୍ମାଣକାରୀ ପ୍ରତିଷ୍ଠାନ, ପୁଣି ଥରେ ଏକାଠି ହୋଇ ଶକ୍ତି ପ୍ରଦର୍ଶନ କରିଛନ୍ତି ଥଣ୍ଡରହ୍ୱିଲସ ୨.୦ର ଶୁଭାରମ୍ଭ ସହିତ। ଶେଷ ବର୍ଷର ଏଭଳି ଏକ ଆକ୍ରାନ୍ତକାରୀ ମିଳିତ ସହଯୋଗର ସଫଳତା ପରେ ଏହି ଦୁଇ ଆଇକନ ଯୋଡ଼ି ପୁଣି ଥରେ ଯୁବ ଗ୍ରାହକ ମାନଙ୍କ ପାଇଁ ଫେରିଛନ୍ତି ସେମାନଙ୍କୁ ସମ୍ପୂର୍ଣ୍ଣ ନୂତନ ହିରୋ ଏକ୍ସଟ୍ରିମ ୨୫୦ଆର ମାଲିକାନାର ଏକ ସୁଯୋଗ ଦେବା ପାଇଁ ପ୍ରିମିୟମ ୨୫୦ସିସି ଷ୍ଟ୍ରିଟ ଫାଇଟରର ଦମଦାର ତଥା ଦକ୍ଷତାପୂର୍ଣ୍ଣ ଗଠନକୁ ନେଇ। ଏହି ଏକ୍ସକ୍ଲୁଜିଭ ସହଭାଗୀତା ମିଳିତ ଭାବରେ ଥମସ ଅପର କିମ୍ବଦନ୍ତୀୟ ଦୃଢ଼ ସ୍ୱାଦ ତଥା ହିରୋ ଯାନ୍ତ୍ରିକୀ ଦକ୍ଷତା ତଥା ଆଧୁନିକତମ ଜ୍ଞାନକୌଶଳର ଉପସ୍ଥାପନ ସହିତ ସେହି ଆଶାୟୀ ମାନଙ୍କ ପାଇଁ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ କରାଯାଇଛି ଯେଉଁମାନେ କି ଏହାର ପ୍ରତ୍ୟେକ କୋଣ ଅନୁକୋଣରେ ରହିପାରିବେ ଏବଂ ସେମାନଙ୍କୁ ଶକ୍ତିଶାଳୀ ପ୍ୟାକଯୁକ୍ତ ଅଭିଜ୍ଞତା ପ୍ରଦାନ କରାଯିବ। ଏକ୍ସଟ୍ରିମ ୨୫୦ଆର ଯଥାର୍ଥରେ ଏକ ବ୍ୟକ୍ତିଗତ ଦୃଢ଼ ଏବଂ ଚକିତ କଳା ଭଳି ଗଠନ ନେଇ ଆସିଅଛି ଯାହାକି ସଠିକ୍ ଭାବରେ ଥମସ ଅପର ତୋଫାନୀ ଆକର୍ଷଣୀୟତାକୁ ନେଇ ଏକାଠି ହୋଇପାରିଛି। "ଦମ୍ ହେତୋ ସ୍କାନ କରୋ" ଅଭିଯାନକୁ ନେଇ ଏହା ଗ୍ରାହକ ମାନଙ୍କୁ ଥମସ ଅପ ପ୍ୟାକର କ୍ୟୁଆର କୋଡ଼ରେ ସ୍କାନ କରିବା ସହିତ ଏକ ଏକ୍ସଟ୍ରିମ ୨୫୦ଆରକୁ ନିଜସ୍ୱ କରିବା ପାଇଁ ସୁଯୋଗ ଦେବା ନିମନ୍ତେ ଏହାର ବିଶେଷ ସଂସ୍କରଣ ପାଇଁ ଆମନ୍ତ୍ରଣ କରିଛି। ଏହି ପ୍ୟାକ ସମଗ୍ର ଭାରତରେ ରହିଥିବା ପ୍ରତ୍ୟେକ ବଜାର ମାନଙ୍କରେ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ଉପଲବ୍ଧ ହେବ।

ଆସୀସ ମିଧା, ହେଡ୍ ଅଫ ମାର୍କେଟିଙ୍ଗ, ଇଣ୍ଡିଆ ବିୟୁ, ହିରୋ ମୋଟୋକର୍ପ ମତବ୍ୟକ୍ତ କରି କହିଛନ୍ତି, "ଅତି ଆଶ୍ଚର୍ଯ୍ୟଜନକ ଭାବରେ ଥଣ୍ଡରହ୍ୱିଲର ଶେଷ ବର୍ଷରେ ଆସିଥିବା ଆଦୃତତା ଅତି ଦୃଢ଼ ଭାବରେ ଏହା କିଭଳି ଭାବରେ ନୂତନ ପୀଢ଼ିର ଯୁବବର୍ଗଙ୍କ ନିକଟରେ ସଂଯୋଗୀକୃତ ହୋଇପାରିଛି ତାକୁ ପୁନଃ ସଂଜ୍ଞାକରଣ କରିପାରିଛି। ଆଜିର ଯୁବବର୍ଗ ଏଭଳି ଏକ ମେସିନର ଆବଶ୍ୟକ କରୁଛନ୍ତି

# ଉତ୍ସବ ଋତୁରେ ମେନ୍ ଅଫ୍ ପ୍ଲାଟିନମ୍‌ରେ ଏମ୍ ଏସ୍ ଧୋନି ସିଗ୍ନେଚର ଏଡିସନ୍

ଭୁବନେଶ୍ୱର,୨୨।୯ (ମହାଭାରତ): ପ୍ଲାଟିନମ୍ ଗିଲ୍ଡ ଇଟରନ୍ୟାସନାଲ (ପିଜିଆଇ) ଭାରତର ମେନ୍ ଅଫ୍ ପ୍ଲାଟିନମ୍ ବ୍ରାଣ୍ଡ ଏହି ଉତ୍ସବ ଋତୁରେ ଏମ ଏସ ଧୋନି ସିଗ୍ନେଚର ଏଡିସନ୍ ସହିତ ଫେରସ୍ତ କରିଛି - ଅଳଙ୍କାରର ଏକ ଧାଡ଼ି ଯାହା ଏକ ଆଧୁନିକ ଆଇକନର ସ୍ଥାୟୀ ଉତରାଧିକାରୀ ବିଷୟରେ କହିଥାଏ। ମୂଲ୍ୟବାନ ଅଳଙ୍କାରରେ ଶୁଦ୍ଧତାର ସର୍ବୋଚ୍ଚ ମାନଦଣ୍ଡ ମଧ୍ୟରୁ ଗୋଟିଏ, ୯୫% ଶୁଦ୍ଧ ପ୍ଲାଟିନମରେ ନିର୍ମିତ ପ୍ଲାଟିନମ୍ ସ୍ୱାଭାବିକ ଭାବରେ ଧଳା, ଏହା କଦାପି ଫିକା କିମ୍ବା କଳଙ୍କିତ ହୁଏ ନାହିଁ। ପ୍ରତ୍ୟେକ ଖଣ୍ଡ ସ୍ଥାୟୀ ହେବା ପାଇଁ ଡିଜାଇନ୍ କରାଯାଇଛି - ଠିକ୍ ଯେପରି ଏହା ପ୍ରତିନିଧିତ୍ୱ କରୁଥିବା ମୂଲ୍ୟବୋଧ । ଶକ୍ତିଶାଳୀ, ବିରଳ ଏବଂ କାଳଜୟୀ, ପ୍ଲାଟିନମ୍ ସେହି ଗୁଣଗୁଡ଼ିକୁ ପ୍ରତିବିମ୍ବିତ କରେ ଯାହା ଏମ ଏସ ଧୋନିଙ୍କ କ୍ୟାରିୟରକୁ ବ୍ୟାଖ୍ୟା କରିଛି: ସ୍ଥିରତା, ସାନ୍ତ୍ୱନା ଏବଂ ଶାନ୍ତ ଆତ୍ମବିଶ୍ୱାସ।

ସଂଗ୍ରହରେ ସର୍ବଶେଷ ଯୋଗ ଧୋନିଙ୍କ ଯାତ୍ରା ଏବଂ ସ୍ୱତନ୍ତ୍ର ଶୈଳୀରୁ ପ୍ରେରଣା ନେଇଥାଏ । ଭାସ୍କର୍ଯ୍ୟ ଲିଙ୍କ୍ ବ୍ରେସଲେଟ୍ ଠାରୁ ଆରମ୍ଭ କରି ସଂଯୋଗ ଏବଂ ଶକ୍ତିକୁ ପ୍ରତିନିଧିତ୍ୱ କରେ, ଡୁଆଲ-ଟୋନ୍ ଖଣ୍ଡ ଯାହା ସଠିକତା ଏବଂ ସୂକ୍ଷ୍ମ ଚମତ୍କାରତାକୁ ପ୍ରତିଧ୍ୱନିତ କରେ, ଡିଜାଇନ୍ ସର୍ବନିମ୍ନ ତଥାପି ବିବୃତି ସୃଷ୍ଟି କରେ । ପରିଷ୍କାର ରେଖା, ଉଦ୍ଦେଶ୍ୟମୂଳକ ବିବରଣୀ ଏବଂ ଧୋନିଙ୍କ ଦସ୍ତଖତର ଅବିସ୍ମରଣୀୟ ଖଣ୍ଡ ସଂଗ୍ରହର ପ୍ରତ୍ୟେକ ଖଣ୍ଡକୁ ଆଭ୍ୟନ୍ତରୀଣ ମହାନତାର ଚିହ୍ନ କରିଥାଏ । ଏହି ସଂଗ୍ରହକୁ ଯାହା ପୃଥକ କରେ ତାହା ହେଉଛି ଗଭୀର ପ୍ରତୀକବାଦ ସହିତ ସୌନ୍ଦର୍ଯ୍ୟଗତ ବିଶୋଧନକୁ ମିଶ୍ରଣ କରିବାର କ୍ଷମତା । ଏହା କେବଳ ଷ୍ଟାଇଲ୍ ପାଇଁ ପିନ୍ଧାଯାଇଥିବା ଅଳଙ୍କାର ନୁହେଁ, ବରଂ ଏହା କ'ଣ ପାଇଁ ଛିଡା ହୋଇଛି । ଜଣେ ବଂଚୁଥିବା ମୂଲ୍ୟବୋଧର ଏକ ବ୍ୟକ୍ତିଗତ ସ୍ମାରକ, ଏମ ଏସ ଧୋନି ସିଗ୍ନେଚର ଏଡିସନ୍ ଯେତିକି ଅର୍ଥପୂର୍ଣ୍ଣ ସେତିକି ଚମତ୍କାର ଅଟେ । ଏହି ଋତୁରେ, ମେନ୍ ଅଫ୍ ପ୍ଲାଟିନମ୍ ଏକ୍ସକ୍ଲୁସିଭିଟିର ଆଉ ଏକ ସ୍ତର ଯୋଗ କରେ । ସଂଗ୍ରହରୁ ପ୍ରତ୍ୟେକ କ୍ରୟ ସହିତ, ଗ୍ରାହକମାନେ ଜୀବନରେ ଥରେ ସୁଯୋଗ ପାଇବାର ସୁଯୋଗ ପାଇଥାନ୍ତି - ୨୦୨୬ ଆରମ୍ଭରେ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ଏମ ଏସ ଧୋନିଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତ ଏବଂ ଅଭିବାଦନ । ଏହି ସକ୍ରିୟତା ୧୮ ସେପ୍ଟେମ୍ବରରୁ ୧୬ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ବଛା ବଛା ଖୁଚୁରା ଷ୍ଟୋରରେ ଚାଲିଥାଏ, ଯାହା ପ୍ରଶଂସକମାନଙ୍କୁ ପ୍ରଶଂସାକୁ ଏକ ବ୍ୟକ୍ତିଗତ ମୁହୂର୍ତ୍ତରେ ପରିଣତ କରିବାର ଏକ ବିରଳ ସୁଯୋଗ ପ୍ରଦାନ କରେ ।

# ଗାନ୍ଧୀ ଦର୍ଶନ ଉପରେ ବିଭିନ୍ନ ପ୍ରତିଯୋଗିତା

ଭୁବନେଶ୍ୱର,୨୨।୯ (ମହାଭାରତ): ବିଜେବି କଲେଜ ପୁରାତନ ଛାତ୍ରଛାତ୍ରୀ ସଂଗଠନ ବିଜେବି ଫ୍ରେଣ୍ଡ୍ସ ଆନୁକୁଲ୍ୟରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ ଦର୍ଶନ ଉପରେ ଏକ ଆନ୍ତଃ ମହାବିଦ୍ୟାଳୟ ବକ୍ତୃତା, ରଚନା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଓଡିଆ ଓ ଇଂରାଜୀ ଭାଷାରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡିଶାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୩୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଉକ୍ତ ବକ୍ତୃତା ପ୍ରତିଯୋଗିତାରେ ଓଡ଼ିଆ ବିଭାଗରେ ବିଜେବି ମହାବିଦ୍ୟାଳୟର ଦୁର୍ଗାପ୍ରସାଦ ସାହୁ ପ୍ରଥମ, ପ୍ରାଣନାଥ ମହାବିଦ୍ୟାଳୟ ମଧୁସ୍ମିତା ସେନା ଓ ରାଜଧାନୀ ମହାବିଦ୍ୟାଳୟର ଆଲିଶା ସେନାପତି ଯୁଗ୍ମ ଦ୍ୱିତୀୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଦେବାଶିଷ ବାରିକ୍ ଓ ସୋନାଲି ଚମ୍ପତି ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଇଂରାଜୀ ବିଭାଗରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ମାନସୀ ପଣ୍ଡା ପ୍ରଥମ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ଣ୍ଣମାସୀ ଶତପଥୀ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମୀକ୍ଷା ଚୌଧୁରୀ ତଥା ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଆଞ୍ଚଲ ପଣ୍ଡା ଓ ଡିଏଭି ସ୍କୁଲ ଅଫ ମ୍ୟାନେଜମେଣ୍ଟର ଆଦିଶ୍ୟା ମହାପାତ୍ର ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ରବିବାର ଅୟୋଜିତ କୁଇଜ୍ ପ୍ରତିଯୋଗିତାରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଶୁଭମ୍ ନାୟକ ଓ ରୁଦ୍ର ଚୌଧୁରୀ ପ୍ରଥମ, କିଟ୍ ବିଶ୍ୱବିଦ୍ୟାଳୟର ଆଶିଷ ମହାପାତ୍ର ଓ ସୌମ୍ୟଦୀପ୍ ମହାପାତ୍ର ଦ୍ୱିତୀୟ ଓ ମନୀଷା ରାଣୀ ପାଣ୍ଡେ ଓ ତୃପ୍ତିକା ରାଣୀ ପାଣ୍ଡେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରଚନା ପ୍ରତିଯୋଗିତାରେ କୃତୀଛାତ୍ରଛାତ୍ରୀ ମାନଙ୍କ ନାମଲେଖା ମୂଲ୍ୟାଙ୍କନ ପରେ ଘୋଷଣା କରାଯିବ। ପ୍ରତିଯୋଗିତାକୁ ବିଜେବି ଫ୍ରେଣ୍ଡ୍ସର ସଭ୍ୟ ନମିତା ପଟ୍ଟନାୟକ, ପ୍ରଦ୍ୟୋତ କୁମାର ନାୟକ, ଭୁବନାନନ୍ଦ ପଣ୍ଡା, ବିଭାବରୀ ବଳ, ସମ୍ପ୍ରୀତି ପଣ୍ଡା ପ୍ରଭୃତି ସଂଚାଳନ କରିଥିଲେ। ଏସବୁ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅକ୍ଟୋବର ମାସରେ ଗାନ୍ଧୀ ଜୟନ୍ତୀ ଅବସରରେ ବିଜେବି କଲେଜରେ ପାଳିତ ହେବାକୁ ଥିବା ଉତ୍ସବରେ ନଗଦ ଅର୍ଥ ସହିତ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯିବ।



# ଭାଷା ବିବାଦ

ଶହ ଶହ ବର୍ଷ ହେବ ଭାରତରେ ବିଭିନ୍ନ ଭାଷାଭାଷି ଲୋକ ଏକତ୍ର ବାସ କରିଆସୁଛନ୍ତି। ଭାଷାକୁ ନେଇ ଅନେକ ସମୟରେ ବିବାଦ ଏବଂ ତିକ୍ତତା ସୃଷ୍ଟି ହୁଏ। କାରଣ ସମସ୍ତେ ନିଜ ନିଜ ଭାଷାର ଶ୍ରେଷ୍ଠତ୍ୱ ଏବଂ ମହତ୍ୱ ପ୍ରତିବରଦନ କରିବାକୁ ପ୍ରୟାସ କରନ୍ତି। ସମସ୍ତେ ନିଜ ମାତୃଭାଷାକୁ ଭଲ ପାଆନ୍ତି ଏବଂ ଏହାର ଅବମାନନାକୁ କେହି ବରଦସ୍ତ କରନ୍ତି ନାହିଁ। ନିଜ ମାତୃଭାଷାକୁ ଭଲ ପାଇବା ସ୍ୱାଭାବିକ। କିନ୍ତୁ ନିଜ ଭାଷାକୁ ଭଲ ପାଇବାର ଅର୍ଥ ନୁହେଁ ଯେ, ଅନ୍ୟ ଭାଷାକୁ ଘୃଣା କରିବା ବା ସମ୍ପୃକ୍ତ ଭାଷାଭାଷିଙ୍କୁ ଅପମାନିତ କରିବା। ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ ଯାହା ଭାଷା ଭିତ୍ତିରେ ଗଠିତ ହୋଇଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ବେଙ୍ଗଲର ଅନେକ ଅସହିଷ୍ଣୁ ବ୍ୟକ୍ତି ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କହିଥିଲେ। ଓଡ଼ିଆ ଭାଷାକୁ ସ୍ୱୀକୃତି ନମିଳୁ ଏଥିପାଇଁ ପଡ଼ୋଶୀ ରାଜ୍ୟରୁ ଅନେକ ଷଡ଼ଯନ୍ତ୍ର କରିଥିଲେ। ଦକ୍ଷିଣରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ବା ତତ୍କାଳୀନ ମାନ୍ଦ୍ରାଜ ପ୍ରଦେଶର ନେତୃବର୍ଗ ଓଡ଼ିଆ ଭାଷାର ବିଲୋପ ପାଇଁ ଉଦ୍ୟମ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ତେଲୁଗୁ ଏବଂ ବଙ୍ଗଳା ଭାଷାଭାଷି ଲୋକମାନେ ଓଡ଼ିଆ ଭାଷାର ବିଲୋପ ପାଇଁ ଅନେକ ପ୍ରୟାସ କରିଥିଲେ। କିନ୍ତୁ ତାହା ବିଫଳ ହୋଇଥିଲା। ଯଦିଓ ଅନେକ ଓଡ଼ିଆ ଭାଷାଭାଷି ଅଞ୍ଚଳ ପଡ଼ୋଶୀ ରାଜ୍ୟରେ ଚିରଦିନ ପାଇଁ ରହିଗଲା, କିନ୍ତୁ ଓଡ଼ିଆ ଭାଷାର ଅସ୍ତିତ୍ୱକୁ କେହି ଲୋପ କରିପାରିଲେନି। କାରଣ ଓଡ଼ିଆ ଭାଷା ଏକ ଅତି ପ୍ରାଚୀନ, ସମୃଦ୍ଧ ଏବଂ ଶାସ୍ତ୍ରୀୟ ଭାଷା। ଏହାକୁ କେହି ଅଣଦେଖା କରିପାରିବେ ନାହିଁ। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ଏବେ ବି ସଂଘର୍ଷ ଚାଲିଛି। କିନ୍ତୁ ଓଡ଼ିଆ ମାନେ ନିଜ ମାତୃଭାଷାକୁ ଭଲ ପାଉଥିଲେ ମଧ୍ୟ ଅନ୍ୟ ଭାଷାଭକୁ କେବେ ଅସମ୍ମାନିତ କରନ୍ତି ନାହିଁ। କିନ୍ତୁ ଦକ୍ଷିଣ ଭାରତରେ ବିଶେଷ କରି ତାମିଲନାଡୁରେ ଭାଷାଗତ ବିବାଦ ବହୁ ପୁରୁଣା ଏବଂ ଉତ୍କଟ। ସ୍ୱାଧୀନତା ପୂର୍ବରୁ ତାମିଲ ମାନେ ଭାଷା ବିବାଦରେ ସମ୍ପୃକ୍ତ। ତାମିଲ ଏକ ସମୃଦ୍ଧ ଭାଷା। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। କିନ୍ତୁ ତାମିଲମାନେ ବୁଝିବା ଉଚିତ ଯେ, ଭାରତରେ ଅନ୍ୟ ଭାଷା ମଧ୍ୟ ରହିଛି। ଏହାକୁ ମଧ୍ୟ ସ୍ୱୀକାର ତଥା ସମ୍ମାନ କରିବାକୁ ପଡ଼ିବ। ତାମିଲନାଡୁର ସରକାର ବା ସ୍ଥାନୀୟ ରାଜନୈତିକ ଦଳ ପକ୍ଷରୁ ସବୁ ବେଳେ ଅଭିଯୋଗ କରାଯାଇଆସୁଛି ଯେ, ଭାରତ ସରକାର ହିନ୍ଦୁ ଭାଷାକୁ ସେମାନଙ୍କ ଉପରେ ଲଦି ଦେଉଛନ୍ତି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ନିରାଧାର ଏବଂ ସଂକୀର୍ଣ୍ଣ ଚିନ୍ତାଧାରା ସମ୍ପନ୍ନ। ତାମିଲମାନେ ହିନ୍ଦୁକୁ ଭାରତର ଜାତୀୟ ଭାଷା ଭାବେ ସ୍ୱୀକାର କରନ୍ତି ନାହିଁ। ସେମାନେ ସଂସ୍କୃତକୁ ଏକ ମୃତ ଭାଷା ବୋଲି କହନ୍ତି। କିନ୍ତୁ ଏକ ବିଦେଶୀ ଭାଷା ଇଂରାଜୀକୁ ସେମାନେ ଭଲ ପାଆନ୍ତି ଏବଂ ଏହାକୁ ଗ୍ରହଣ କରନ୍ତି। ଏହା ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ତାମିଲ, କନ୍ନଡ଼, ମାଲୟଲାମ ଏବଂ ତେଲୁଗୁ ସମ୍ପ୍ରଦାୟର ଲୋକେ ଦେଶର ବିଭିନ୍ନ ରାଜ୍ୟ ତଥା ଅଞ୍ଚଳରେ ବସବାସ କରୁଛନ୍ତି । ଅନେକ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି। କିନ୍ତୁ ସେମାନେ ନିଜ ରାଜ୍ୟରେ ଅନ୍ୟ ଭାଷା ବିଶେଷ କରି ହିନ୍ଦି ଭାଷାକୁ ପ୍ରଶ୍ରୟ ଦିଅନ୍ତି ନାହିଁ। ଇଂରାଜୀ ହେଉଛି ବିଶ୍ୱ ଭାଷା। ସେହିପରି ହିନ୍ଦି ହେଉଛି ଭାରତର ଜାତୀୟ ଭାଷା ଯାହା ସରକାରୀ ସ୍ୱୀକୃତି ପାଉ ବା ନପାଉ।

"

*୧୯୫୪ ମସିହା ଓଡ଼ିଶା ବିଧାନସଭାରେ ଯେଉଁ ଭାଷା ଆଇନ୍ ପ୍ରଣୟନ କରାଗଲା ସେଥିରେ ସେଥିରେ ଓଡ଼ିଆ ଭାଷା ଆଇନ୍‌ରେ କିଛି ତ୍ରୁଟି ରହିଯାଇଥିଲା । ଯାହା ଫଳରେ କି ଓଡ଼ିଆ ଭାଷାରେ କାର୍ଯ୍ୟ କରିବା ଓ ଖିଲାପ କାରୀଙ୍କୁ ଦଣ୍ଡ ବିଧାନ କରିବା ହୋଇପାରିନଥିଲା । ୨୦୧୬ ସେପ୍ଟେମ୍ବର ୨୯ ତାରିଖରେ ଓଡ଼ିଶା ଭାଷା ଆଇନ୍ ସଂଶୋଧନ କରିବା ପାଇଁ ୧୯୫୪ ମସିହା ଆଇନ ଟି ବହୁମତରେ ବିଧାନସଭାରେ ଗୃହୀତ ହୋଇଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ସରକାରୀ ଭାଷା ହେବା, ସମସ୍ତ କାମ ଓଡ଼ିଆରେ ହେବା ଓ ଓଡ଼ିଆ ଭାଷା ଖିଲାପକାରୀଙ୍କୁ ଦଣ୍ଡବିଧାନ କରିବା ଆଦି ଦାବି ଜୋର ଧରିଲା ।*

# ମାତୃଭାଷାର ବିକଳ୍ପ ନାହିଁ

॥ ଅଜୟ କୁମାର ବେହେରା ॥

ମା'ର ସର୍ବପ୍ରଥମ ଭାଷା ଯେଉଁଟାକି ସେ ଶିଶୁକୁ ପ୍ରଥମରେ କହିଥାଏ, ସେ ଶିଶୁଟି ପାଇଁ ତାହା ପାଲଟିଯାଇଥାଏ ମାତୃଭାଷା । ଭାଷା ହିଁ ଭାବପ୍ରକାଶର ଏକମାତ୍ର ମାଧ୍ୟମ । ପୃଥିବୀରେ ଯେତେବେଳେ କୌଣସି ଭାଷା ନଥିଲା, ସେତେବେଳେ ଆଦିମାନବ ବିଭିନ୍ନ ଧ୍ୱନି ମାଧ୍ୟମରେ ତା' ମନ ହୃଦୟର କଥା, ଦୁଃଖ, ଯନ୍ତ୍ରଣା ଏବଂ ଆନନ୍ଦର ଭାବକୁ ପ୍ରକାଶ କରୁଥିଲା ସେତେବେଳେ ଏହା ଥିଲା ମାନବ ଜାତିର ଏକମାତ୍ର ଭାଷା । ପରବର୍ତ୍ତୀ ସମୟରେ ବିଭିନ୍ନ ଭାଷାର ଆବିର୍ଭାବ ହେଲା । ସେ ଭାଷା ସାହିତ୍ୟର ଭାଷା, ଧ୍ୱନୀ ଭାଷା, ସାଂକେତିକ ଭାଷା, ଲିପି ଭାଷା, କଥିତ ଭାଷା ଇତ୍ୟାଦି। ଏହି ଭାଷା ମାଧ୍ୟମରେ ମନୁଷ୍ୟ ହୃଦୟ ପ୍ରତିଟି ଚିନ୍ତା, ଚେତନା, ଆବେଗକୁ ରୂପ ଦେଉଥିଲା । ମା କ୍ଷୀର ପରି ମାତୃଭାଷା ଅମୃତ ସମାନ ହେଉଥିଲା । ଏହାରି ମାଧ୍ୟମରେ ମନର ଭାବକୁ ସହଜ ଓ ସରଳ ଭାବରେ ବୁଝି ହୁଏ ବା କାହାକୁ ବୁଝାଇହୁଏ । ମା ଠାରୁ ଶିକ୍ଷାଲାଭ କରିଥିବା ପ୍ରଥମ ଭାଷାଟି ଶିଶୁ ପାଇଁ ହୋଇଥାଏ ତାର ମାତୃଭାଷା ।

୧୯୪୭ ମସିହାରେ ଭାରତ ବିଭାଜନ ସମୟରେ ବଙ୍ଗଳା ପ୍ରଦେଶ ଧର୍ମକୁ ନେଇ ଦୁଇଭାଗ ହେଲା । ଏହାର ପଶ୍ଚିମ ଅଂଶଟି ଭାରତ ସହିତ ରହିଲା । ଯାହାକୁ ଆମେ ପଶ୍ଚିମବଙ୍ଗ ବୋଲି କହୁଛୁ । ଏହି ଅଂଶଟି ହିନ୍ଦୁ ଧର୍ମ ପ୍ରବଣ ଅଞ୍ଚଳ । ଏହାର ପୂର୍ବାଂଶଟି ପାକିସ୍ତାନ ସହିତ ମିଶିଲା । ସେତେବେଳେ ଏହାକୁ କୁହାଗଲା ପୂର୍ବ ପାକିସ୍ତାନ । ଏହି ବିଭାଜନ ପରେ ଅର୍ଥନୈତିକ, ସାଂସ୍କୃତିକ, ଭାଷାଗତ ପାର୍ଥକ୍ୟ ନେଇ ପୂର୍ବ ଏବଂ ପଶ୍ଚିମ ପାକିସ୍ତାନ ମଧ୍ୟରେ ସର୍ବଦା କଳହ ଓ ଦ୍ୱନ୍ଦ ଲାଗି ରହିଲା । ଏହାର ପରିମାଣ ଏପରି ହେଲା ଯେ ୧୯୪୮ ମସିହାରେ ପାକିସ୍ତାନ ସରକାର ପୂର୍ବ ପାକିସ୍ତାନ ଉପରେ ଜୋରକରି ଉର୍ଦ୍ଦୁକୁ ଜାତୀୟ ଭାଷା ରୂପେ ଲଦି ଦେଲା । ଏହା ପୂର୍ବ ପାକିସ୍ତାନ ବା ବଙ୍ଗଳାଭାଷା କହୁଥିବା ଲୋକଙ୍କୁ ବାଧିଲା । ତାଙ୍କର ମାତୃଭାଷା ହୋଇଥିବାରୁ ତାଙ୍କ ଉପରେ ଏହା ଲଦି ଦେବା ନେଇ ସେମାନେ ଏହାର ତୀବ୍ର ବିରୋଧ କରିବା ସହିତ ଆନ୍ଦୋଳନ କଲେ । ଢାକା ବିଶ୍ୱ ବିଦ୍ୟାଳୟର ଛାତ୍ରମାନେ ଏହାର ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇ ପଡିଲେ । ସମଗ୍ର ପୂର୍ବ ବଙ୍ଗଳା ଭାଷା କହୁଥିବା ବ୍ୟକ୍ତିମାନେ ମଧ୍ୟ ସାମିଲ ହେଲେ । ଏହାକୁ ଦମନ କରିବା ପାଇଁ ଫେବ୍ରୁଆରୀ ୨୧ ତାରିଖ ୧୯୫୨ ମସିହାରେ ପାକିସ୍ତନ ସରକାରଙ୍କ ପକ୍ଷରୁ ଗୁଳି ଚାଲିଲା ଏବଂ ସେହି ଗୁଳିରେ ଚାରି ଜଣ ଛାତ୍ର ସହିଦ ହେଲେ । ଏହା ଥିଲା ମାତୃଭାଷାର ସୁରକ୍ଷା ଓ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ପ୍ରଥମ ସଂଗ୍ରାମ । ଯେଉଁ ଚାରିଜଣ ଛାତ୍ର ମାତୃଭାଷା ପାଇଁ ନିଜ ଜୀବନକୁ ବାଜି ଲଗାଇଦେଲେ ତାହାର ଉଦାହରଣ ପୃଥିବୀରେ ବିରଳ । ଶେଷରେ ବାଧ୍ୟ ହୋଇ ପାକିସ୍ତାନ ସରକାର ୧୯୫୬ ଫେବ୍ରୁଆରୀ ମାସରେ ବଙ୍ଗଳା ଭାଷାକୁ ସରକାରୀ ଭାଷା ଭାବରେ ସ୍ୱୀକୃତି ଦେଲେ । ବଙ୍ଗଳାଦେଶ ପଶ୍ଚିମ ପାକିସ୍ତାନ ବିରୁଦ୍ଧରେ ସଂଗ୍ରାମ କରି ୧୯୭୧ ମସିହାରେ ସ୍ୱାଧୀନ ହେଲା ଏବଂ ବଙ୍ଗଳାଭାଷା ସେବେଠାରୁ ସରକାରୀ ଭାଷାରୂପେ ସ୍ୱୀକୃତି ଲାଭ କଲା । ଭାଷାକୁ ନେଇ ଯେଉଁ ସବୁ ଘଟଣା ଘଟିଯାଇଥିଲା ତାହା ଉପରେ ତର୍ଜମା କରି ମିଳିତ ଜାତିସଂଘ ୧୭.୧୧.୧୯୯୯ ମସିହାରେ ଭାଷା ପାଇଁ ସହୀଦ ହୋଇଥିବା ଚାରି ଭାଷା ଯୋଦ୍ଧା ସଂଗ୍ରାମୀଙ୍କୁ ସମ୍ମାନ ଜଣାଇ ଫେବ୍ରୁଆରୀ ୨୧କୁ ଆନ୍ତର୍ଜାତିକ ମାତୃଭାଷା ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଭାବେ ନିଷ୍ପତି ନେଲେ ।

୨୦୦୦ ମସିହା ଫେବୃଆରୀ ପରଠାରୁ ପ୍ରତିବର୍ଷ ଭାଷାଗତ ଓ ଚଳଣିଗତ ବିଭିନ୍ନତା ତଥା ବହୁଭାଷାପଣ ପ୍ରଚାର ପାଇଁ ଉକ୍ତ ଦିବସ ପାଳିତ ହୋଇଆସୁଛି। ସମସ୍ତ ଭାଷାକୁ ସମ୍ମାନ ଦେବା, ସୁରକ୍ଷା ଦେବା ସମସ୍ତଙ୍କର କର୍ତବ୍ୟ। ସମଗ୍ର ବିଶ୍ୱରେ ପ୍ରଚଳିତ ୭୧୦୨ ଟି ଭାଷା ମଧ୍ୟରେ ଓଡ଼ିଆ ଭାଷାର ସ୍ଥାନ ୩୭। ନିଶ୍ଚିତ ଏହା ଗର୍ବର ବିଷୟ ମାତ୍ର ଓଡ଼ିଶା ସୀମାନ୍ତରେ ଆମ ମାତୃଭାଷା ଓ ମାତୃଭୂମୀ ପ୍ରତି ଯେଉଁ ସମସ୍ୟା ଉପୁଜିଛି ତାହା ଗମ୍ଭୀର ବିଷୟ। କୋଟିଆ ଠାରେ ଆନ୍ଧ୍ର ତା'ର ଆଧିପତ୍ୟ ଜାହିର କରିବା ସହିତ ସେଠାରେ ନିର୍ବାଚନ କରାଇବା ନିଶ୍ଚିତ ଭାବେ ସମସ୍ତ ସ୍ୱାଭିମାନୀ ଓଡ଼ିଆଙ୍କ ମନରେ ଗଭୀର କୁଠାରଘାତ କରିଛି। ସରକାର ଏ ଦିଗରେ ପୂର୍ବରୁ ସଜାଗ ରହିଥାନ୍ତେ ତେବେ ଏପରି ପରିସ୍ଥିତି ଉପୁଜିନଥାନ୍ତା। ରାଜନୈତିକ ଆରୋପ ପ୍ରତ୍ୟାରୋପ ଛାଡ଼ି ଦଳମତ ନିର୍ବିଶେଷରେ ମାତୃଭୂମୀର ସୁରକ୍ଷା ଲାଗି ସମସ୍ତେ ନିଜ ନିଜ ସ୍ତରରେ ଚେଷ୍ଟା କରିବା ଆବଶ୍ୟକ। ନିଜ ମାତୃଭାଷା ଯାହାକି ସାମୂହିକ ବିକାଶ, ଶାନ୍ତି ପ୍ରତିଷ୍ଠା ଏବଂ ଭାତୃଭାବ ରକ୍ଷା କରି ସାରା ଦେଶରେ ବନ୍ଧୁତ୍ୱ ଭାବ ପ୍ରତିଷ୍ଠା କରାଇବା । ସମସ୍ତ ମାତୃଭାଷାକୁ ଗୁରୁତ୍ୱ ଦେବା ସହ ଭାଷାର ସୁରକ୍ଷା , ସ୍ୱାଭିମାନ ଯେପରି ରହିପାରିବ ସମସ୍ତେ ଚେଷ୍ଟା କରିବା ଉଚିତ୍। ଆମ ଓଡିଶାରେ ଭାଷାର ସମ୍ମାନ ପାଇଁ, ସୁରକ୍ଷା ଓ ସ୍ୱାଭିମାନ ପାଇଁ ଯେଉଁ ମହାପୁରୁଷମାନେ ବଳିଦାନ ଦେଇଛନ୍ତି ସେମାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ, ପଂଚସଖା, ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ବିଶିଷ୍ଟ ଔପନ୍ୟାସିକ ଫକୀର ମୋହନ ସେନାପତି, ହରେକୃଷ୍ଣ ମହତାବ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରମୁଖଙ୍କ ଅବଦାନ ଚିରସ୍ମରଣୀୟ ।

୧୯୫୪ ମସିହା ଓଡିଶା ବିଧାନସଭାରେ ଯେଉଁ ଭାଷା ଆଇନ୍ ପ୍ରଣୟନ କରାଗଲା ସେଥିରେ ସେଥିରେ ଓଡ଼ିଆ ଭାଷା ଆଇନ୍‌ରେ କିଛି ତ୍ରୁଟି ରହିଯାଇଥିଲା । ଯାହା ଫଳରେ କି ଓଡ଼ିଆ ଭାଷାରେ କାର୍ଯ୍ୟ କରିବା ଓ ଖିଲାପ କାରୀଙ୍କୁ ଦଣ୍ଡ ବିଧାନ କରିବା ହୋଇପାରିନଥିଲା । ୨୦୧୬ ସେପ୍ଟେମ୍ବର ୨୯ ତାରିଖରେ ଓଡ଼ିଶା ଭାଷା ଆଇନ୍ ସଂଶୋଧନ କରିବା ପାଇଁ ୧୯୫୪ ମସିହା ଆଇନ ଟି ବହୁମତରେ ବିଧାନସଭାରେ ଗୃହୀତ ହୋଇଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ସରକାରୀ ଭାଷା ହେବା, ସମସ୍ତ କାମ ଓଡ଼ିଆରେ ହେବା ଓ ଓଡ଼ିଆ ଭାଷା ଖିଲାପକାରୀଙ୍କୁ ଦଣ୍ଡବିଧାନ କରିବା ଆଦି ଦାବି ଜୋର ଧରିଲା । ଦୀର୍ଘ ୮୭୮ ଦିନ ଭାଷା ଆନ୍ଦୋଳନର ନୀରବ କଳାପତାକା ପଟୁଆର ଅଭିଯାନ ଫଳରେ ସରକାର ଶେଷରେ ୨୦୧୮ ସେପ୍ଟେମ୍ବର ମାସ ୧୯ ତାରିଖରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ କରାଇଲେ । ଭାଷା ଆନ୍ଦୋଳନ ଏବଂ କେତୋଟି ପ୍ରମୁଖ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମଙ୍କ ଆନ୍ତରିକ ଉଦ୍ୟମ ପ୍ରଚାର ଓ ପ୍ରସାର କ୍ଷେତ୍ରରେ ମଧ୍ୟ ବ୍ୟାପକଭାବେ ସରକାରଙ୍କ ଉପରେ ପ୍ରଭାବ ପକାଇଥିଲା। ଓଡ଼ିଆ ଭାଷା ହେଲା ସରକାରୀ ଭାଷା । ଓଡ଼ିଆରେ ଓଡ଼ିଶା ଶାସନ କରିବା ପାଇଁ ଆଇନ୍ ପ୍ରଣୟନ କରିବାକୁ ସରକାର ବାଧ୍ୟ ହେଲେ ତଥା ଯେଉଁମାନେ ଏହି ଭାଷା ଆଇନ୍‌କୁ ଉଲଘଂନ କରିବେ ତାଙ୍କ ବିରୋଧରେ ଦଣ୍ଡ ବିଧାନର ବ୍ୟବସ୍ଥା କରିବା ପାଇଁ ବିଧାନସଭାରେ ଆଇନ୍ ସଂଶୋଧନ କଲେ । ଏକ ତଥ୍ୟ ଅନୁସାରେ ସମଗ୍ର ଓଡ଼ିଶାରେ ୫୮ ପ୍ରକାରର କଥିତ ଭାଷା ପ୍ରଚଳିତ ଅଛି। ତେବେ ଓଡ଼ିଶାରେ ଓଡ଼ିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ। ସବୁ ସରକାରୀ ଓ ବେସରକାରୀ ସଂସ୍ଥା ଓଡ଼ିଆରେ ନାମ ଫଳକ ଲେଖିବାକୁ ସରକାର ବିଜ୍ଞପ୍ତି ଜାରି କଲେ ମାତ୍ର ଏହା କେତେଦୂର କାର୍ଯ୍ୟକାରୀ କରାଯାଉଛି ତାହା ଦେଖିବା କଥା। ଏପର୍ଯ୍ୟନ୍ତ ଏହା କଡ଼ାକଡ଼ି ଭାବେ ଲାଗୁ କରାନଯିବା କାରଣ କ'ଣ ? ଆମ ମାତୃଭାଷା ପ୍ରତି ସରକାରୀ କର୍ମଚାରୀ ଓ ଅଧିକାରୀମାନେ ମନ ଓ ହୃଦୟରୁ ଏହାର ପ୍ରଚାର ପ୍ରସାର ବହୁଳ ବ୍ୟବହାର କରିବା ପାଇଁ ଚେଷ୍ଟା କରିବା କଥା ମାତ୍ର ଏହା ହେଉନାହିଁ।

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହେବା ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଭାଷା ଆନ୍ଦୋଳନ ଦୀର୍ଘ ୮୭୮ ଦିନ ଚାଲିବା ସହିତ ଏହାର ବହୁ ସକରାତ୍ମକ ପ୍ରଭାବ ସରକାରଙ୍କ ଉପରେ ପଡ଼ିଛି। ଯାହା ଫଳରେ ମାତୃଭାଷାରେ ସରକାରୀ ନଥିପତ୍ର ଲେଖାହେବା, ବିଦ୍ୟାର୍ଥୀଙ୍କ ଚୟନ ପରୀକ୍ଷା ଓଡ଼ିଆରେ ହେବା, ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଓଡ଼ିଆରେ ଆସିବା, ଗୁଗୁଲରେ ଓଡ଼ିଆ ଭାଷା ସ୍ଥାନିତ ହେବା ସହିତ ଏପରିକି ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ଲେଖନୀ ବହୁଳ ମାତ୍ରାରେ ବ୍ୟବହାର ଦେଖିବାକୁ ମିଳୁଛି। ମାତୃଭାଷା ଖିଲାପକାରୀଙ୍କୁ ଦଣ୍ଡ ବିଧାନ ବ୍ୟବସ୍ଥା କରାଯିବା ସହିତ ଏହାର ଉଲ୍ଲଘଂନକାରୀଙ୍କୁ ଦଣ୍ଡବିଧାନ କରିବାକୁ ସରକାରଙ୍କୁ ଭାଷା ଆନ୍ଦୋଳନ ପକ୍ଷରୁ ପତ୍ର ଲେଖାଯାଇଛି। ଓଡ଼ିଆ ଭାଷା ୨୦୧୪ ମାର୍ଚ୍ଚ ୧୧ରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଲା। ଅର୍ଥାତ୍ କେନ୍ଦ୍ର ସରକାର ଏହାକୁ ମାନ୍ୟତା ଦେଲେ। ମାତ୍ର ବହୁ ଦୁଃଖ ଓ କ୍ଷୋଭର ବିଷୟ କେନ୍ଦ୍ର ସରକାରଙ୍କ ବଜେଟ୍‌ରେ ଆମ ଭାଷାକୁ ସଂପୂର୍ଣ୍ଣ ଅବହେଳା କରି ଟଙ୍କାଟିଏ ମଧ୍ୟ ଅନୁଦାନ କେନ୍ଦ୍ର ସରକାର ଦେଇନାହାନ୍ତି। ଏହା ଆମ ମାତୃଭାଷା ପ୍ରତି ବୈମାତୃକ ମନୋଭାବ ନୁହେଁ କି ? ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ- "ଉଚ୍ଚ ହେବା ପାଇଁ କର ଯେବେ ଆଶା ଉଚ୍ଚ କର ଆଗ ନିଜ ମାତୃଭାଷା ।" ଭଷାକୁ ନେଇ କୌଣସି ବୈଷମ୍ୟ ରହିବା ଉଚିତ୍ ନୁହେଁ । ଭାଷା ହେଉଛି ଆମ ଜନନୀ ସଦୃଶ। ଏହା ମଧ୍ୟ ଏକତାର ପ୍ରତୀକ। ଏହା ଆମ ପରମ୍ପରା, ଐତିହ୍ୟ ଓ ସାଂସ୍କୃତିକ ସଂରକ୍ଷକ ତଥା ବାହକ । ଆମ ରାଷ୍ଟ୍ରଭାଷା ହିନ୍ଦୀ ହୋଇଥିଲେ ମଧ୍ୟ ସମସ୍ତ ପ୍ରଦେଶର ଭାଷା ହିଁ ସେମାନଙ୍କର ସ୍ୱାଭିମାନର ପରିଚୟ । କୌଣସି ପରିସ୍ଥିତିରେ ମଧ ମାତୃଭାଷାର ସମ୍ମାନ ସ୍ୱାଭିମାନକୁ ଜଳାଞ୍ଜଳି ଦେବା ଉଚିତ୍ ନୁହେଁ । ମାତୃଭାଷା ପାଇଁ ଆହୁରି ଅନେକ କାମ କରିବା ପାଇଁ ବାକି ଅଛି। ତେଣୁ ସମସ୍ତେ ଯେକୌଣସି କ୍ଷେତ୍ରରେ ଥାଆନ୍ତୁ ନା କାହିଁକି ମା' ମାଟି ଓ ମାତୃଭାଷାର ସୁରକ୍ଷା ଓ ସ୍ୱାଭିମାନ ପାଇଁ ସମସ୍ତେ ଆଗେଇ ଆସିବା ଉଚିତ୍।

ମୁଖପାତ୍ର, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଭୁବନେଶ୍ୱର
ମୋ-୯୯୩୭୬୮୯୬୮୩

# ଈଶ୍ୱରଙ୍କ ଅସଂଖ୍ୟ ନାମ

॥ ସୌର ଚନ୍ଦ୍ର ମହାପାତ୍ର ॥

ଲୋକେ କହନ୍ତି ଗରୁଡ଼ ବିଷ୍ଣୁଙ୍କର ବାହାନ। ଶିବଙ୍କୁ ମଧ୍ୟ ନନ୍ଦୀବାହାନ ବୋଲି ବର୍ଣ୍ଣନା କରାଯାଏ। ସରସ୍ୱତୀଙ୍କୁ ବ୍ରହ୍ମାଙ୍କ ପତ୍ନୀ ବୋଲି କୁହାଯାଏ। ଲୋକେ ଏହିପରି ଅନେକ କଥା କହନ୍ତି। ନାନା ରୂପ ଓ ନାମ ନିଜ ମନର ଭାବନା ଅନୁସାରେ ଗଢ଼ି ସେମାନଙ୍କୁ ଏହିପରି ନାନା ଗୁଣରେ ବିଭୁଷିତ କରନ୍ତି। ଭଲ ଭାବରେ ବିଚାର କଲେ ଗୋଟିଏ ସିଦ୍ଧାନ୍ତରେ ପହଞ୍ଚିବା ଯେ ପରମାତ୍ମା ପ୍ରତ୍ୟେକ ଜୀବ ଦେହରେ ବିଦ୍ୟମାନ ସମଗ୍ର ସୃଷ୍ଟିରେ ପରିବ୍ୟାପ୍ତ। ଯେତେବେଳେ କୁହାଯାଏ 'ଜନ୍ତୁନାଂ ନିରଜନ୍ମଂ ଦୁର୍ଲ୍ଲଭମ୍' ଅର୍ଥାତ୍ ପ୍ରାଣୀମାନଙ୍କ ମଧ୍ୟରେ ମନୁଷ୍ୟ ଜନ୍ମ ସବୁଠାରୁ ଅଧିକ ଦୁର୍ଲ୍ଲଭ, କିନ୍ତୁ ଶବ୍ଦର ଅର୍ଥ ପଶୁ ନୁହେଁ। ଯିଏ ମାତୃଗର୍ଭରୁ ଜନ୍ମ ହୁଏ, ସେ ଜନ୍ତୁ। ତେଣୁ ମଣିଷ ଜନ୍ତୁ ଗୋଟିଏ ମୂଷା ମଧ୍ୟ ଜନ୍ତୁ। ଏଥିପାଇଁ ଆଉ ଗୋଟିଏ ଶବ୍ଦ ଅଛି, ତାହା ହେଲା ପଶୁ। ଯିଏ ସବୁ ପ୍ରାଣୀଙ୍କର ରକ୍ଷଣାବେକ୍ଷଣ କରନ୍ତି ସେ ପଶୁପତି। ଈଶ୍ୱରଙ୍କୁ ପଶୁପତି କୁହାଯାଏ। ସେହି ଅର୍ଥରେ କୃଷ୍ଣଙ୍କର ଆଉ ଗୋଟିଏ ନାମ ହେଲା ଗୋପାଳ। ଗୋ-ବା ପ୍ରାଣୀମାନଙ୍କର ପାଳନ ଯିଏ କରନ୍ତି ସେ ଗୋପାଳ। ଏସବୁ ବିଭିନ୍ନ ନାମ, ବିଭିନ୍ନ ରୂପ ଓ ବିଭିନ୍ନ କଳ୍ପନାର ସମାହାର ଆଣିବାକୁ ହେବ। ବିଷ୍ଣୁଙ୍କୁ ଲକ୍ଷ୍ମୀପତି, ଆଉ ବ୍ରହ୍ମାଙ୍କୁ ସରସ୍ୱତୀନାଥ ବୋଲି ବର୍ଣ୍ଣନା ନକରି, ପରମାତ୍ମାଙ୍କୁ ଗୋଟିଏ ନାମରେ ଅଭିହିତ କଲେ ଭଲ ହେବ। ଧରାଯାଉ ସେ ନାମଟି ହେଲା ପସଲନାଥ। ପରମାତ୍ମାଙ୍କ ପାଇଁ ଏହି ଗୋଟିଏ ନାମ ବ୍ୟବହାର କଲେ ନାମ ଓ ରୂପର ସବୁ ବାଦ-ବିବାଦ ଦୂର ହୋଇଯିବ। ଏ ଶବ୍ଦର ଅର୍ଥ ଜୀବଜଗତର ନାଥ। ପ-ପାର୍ବତୀ, ସ-ସରସ୍ୱତୀ, ଲ-ଲକ୍ଷ୍ମୀ, ଏ ତିନିଜଣଙ୍କର ନାଥ ଯିଏ ସେ ପସଲନାଥ, ଆମେ ଶବ୍ଦଟିକୁ ଏପରି ଅର୍ଥ କରିପାରିବା।

ଆମେ ବର୍ତ୍ତମାନ ଏହି ଦେବମାନଙ୍କର ବାହନ ଗୁଡ଼ିକର ଅର୍ଥ ବିଷୟରେ ଚିନ୍ତା କରିବା। ଏହି ତିନି ବାହାନ ହେଲେ ଗରୁଡ଼, ନନ୍ଦୀ ଏବଂ ହଂସ। ଆମେ ଏହି ବାହାନତ୍ରୟଙ୍କୁ ମଧ୍ୟ ଗୋଟିଏ ନାମରେ ପରିଚିତ କରାଇପାରିବା। ତିନିଦେବତାଙ୍କୁ ଯଦି ଆମେ ବିହଗ ବାହାନ କହିବା, ତାହାହେଲେ ସାମ୍ୟ ଆସିଯିବ। ବି-ବୃଷଭ, ହ-ହଂସ, ଗ-ଗରୁଡ଼। ତେଣୁ ସବୁ ଦେବତା ମାନଙ୍କର ବାହାନ ଗୁଡ଼ିକ ପାଇଁ ଗୋଟିଏ ଶବ୍ଦ ହୋଇଗଲା। ଶଙ୍କର ଶିଷ୍ୟ ଏହି ଭାବରେ ହିଁ ଶ୍ରୀପତି ଶବ୍ଦଟି ବ୍ୟବହାର କରିଛନ୍ତି। ସେଥିରେ ସଜ୍ଜନସଙ୍ଗ ଶବ୍ଦଟି ମଧ ସେ ପ୍ରୟୋଗ କରିଛନ୍ତି। ସେ କହିବାର ଅର୍ଥ



ହେଲା କେବଳ ସତସଙ୍ଗ ହିଁ ଦୁଷ୍ଟଚିନ୍ତାକୁ ଦୂର କରିପାରିବ। ଏଥିପାଇଁ ପୂଜା, ଉପାସନା, ତୀର୍ଥଭ୍ରମଣ ଯଥେଷ୍ଟ ହେବନାହିଁ। ସାଧୁ-ସଜ୍ଜନଙ୍କ ସଙ୍ଗେ ରହିଲେ ସ୍ୱତଃ ଶୁଦ୍ଧଭାବ ଓ ଶୁଦ୍ଧଗୁଣ ବଢ଼ିବ। ମଣିଷର ଭଲଗୁଣ ତାର ସଙ୍ଗ ଉପରେ ନିର୍ଭର କରେ। ତେଣୁ ସଦଗୁଣ ପରିପୋଷଣ କରିବାକୁ ଚାହିଁଲେ ସର୍ବଦା ସତସଙ୍ଗ କରିବା। ସତସଙ୍ଗ ସେଥିପାଇଁ ଏତେ ଦରକାରୀ ବୋଲି ଶଙ୍କରଶିଷ୍ୟ ଶ୍ଳୋକଟିର ତୃତୀୟ ପାଦରେ କହିଛନ୍ତି।

ଶ୍ଳୋକଟିର ଚତୁର୍ଥ ପାଦରେ ଦୀନ-ଦୁଃଖୀଙ୍କୁ ଧନଦାନ କରିବା ପାଇଁ କୁହାଯାଇଛି। ସନ୍ନ୍ୟାସୀମାନଙ୍କର ତ ପରିବାର ନାହିଁ, ସେମାନଙ୍କୁ ଦାନ କରିବା ଏତେ ଆବଶ୍ୟକ ନାହିଁ, ବରଂ ଦୁଃଖୀ ପରିବାରର ଦୁଃଖମୋଚନ ପାଇଁ ଯଥାସମ୍ଭବ ଦାନ କରିବା ଉଚିତ। ଯାହା ରୋଜଗାର କରିବ, ସେଥିରୁ କିଛି ଅଂଶ ଭବିଷ୍ୟତ ପାଇଁ ଓ ପିଲାମାନଙ୍କ ପାଇଁ ସଞ୍ଚୟ କରିବ, କିଛି ଅଂଶ ସତକର୍ମ, ଦାନ-ଧର୍ମରେ ଖର୍ଚ୍ଚ କରିବ। ତାହାହେଲେ ଯାଇ ଧନର ସତବିନିଯୋଗ ହେଲା ବୋଲି କୁହାଯିବ। ଅଧିକାଂଶ ଲୋକ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ସେମାନଙ୍କର କାମନା ପୂର୍ଣ୍ଣ ହେଲେ। ନିଜର ଅଭିଳାଷ ଅନୁସାରେ ଜୀବନ ନ ଚାଲିଲେ ଈଶ୍ୱରଙ୍କୁ ବିଶ୍ୱାସ କରୁଛ କିଏ ? ମାତ୍ର ଏସବୁ ବିଚାର ସହିତ ଈଶ୍ୱରଙ୍କ ଅସ୍ତିତ୍ୱର କିଛି ସମ୍ବନ୍ଧ ନାହିଁ। ମନର ଦୁଷ୍ଟ ଭାବନା କ୍ରମଶଃ ଅଭ୍ୟାସରେ ପରିଣତ ହୋଇଯାଏ। ଏହି ଦୁରାଭ୍ୟାସକୁ ନିସ୍ପୃହ ସାଧନା ବିଧି ଦ୍ୱାରା ଦୂର କରିହେବ ନାହିଁ। ଗୋଟିଏ ଛୋଟ କଥନିକାଟି ଉପସ୍ଥାପନ କରୁଛି। ଜଣେ ଲୋକ ଅଗ୍ନିମାନ୍ଦ୍ୟ ରୋଗ ଭୋଗୁଥିଲେ। ସେ ଅନେକ ଔଷଧ ଖାଇଲା, ମାତ୍ର କିଛି ଲାଭ ହେଲା ନାହିଁ। ରୋଗଟି କ୍ରମଶଃ ଚିରସ୍ଥାୟୀ ହୋଇଗଲା। ସୌଭାଗ୍ୟକୁ ସେଠାକୁ ଜଣେ ସାଧୁ ଆସିଲେ, ଆଉ ତାର ରୋଗର ଉପଶମ ପାଇଁ ତାକୁ ପାଟିରେ ଖଣ୍ଡ ଲୁଣ ରଖି ଶୋଷିବାକୁ କହିଲେ। କିଛି ସମୟ ଏପରି କଲାପରେ ତାକୁ ଅନେକ ଭଲ ଲାଗିଲା। ସେଇ ଲୋକ ଉତ୍ସବ ଦିନ ମାନଙ୍କରେ ପିଲାମାନଙ୍କୁ ମିଠେଇ ବାଣ୍ଟେ। ଗୋଟିଏ ଦୀପାବଳୀ ଉତ୍ସବରେ ଲଡୁ ବାଣ୍ଟିବା ପାଇଁ ଠିକ କରି ସେ ଦୋକାନକୁ ଦୋକାନ ବୁଲି ଲଡୁ ଚାଖିଲା। ମାତ୍ର ସବୁଯାକ ତାକୁ ଲୁଣିଆ ଲାଗିଲା। ଜଣେ ଦୋକାନୀ ସେ ଲୋକଟି ପାଟିରେ ଲୁଣ ରଖିବା କଥାଟି ଜାଣିଥିଲା ତେଣୁ ଲଡୁ ଚାଖିବା ଆଗରୁ ପ୍ରଥମେ ତାକୁ ପାଟି ଭଲ କରି ଧୋଇବାକୁ କହିଲା। ପାଟି ଧୋଇସାରିଲା ପରେ ଲୋକଟି ଲଡୁ ଚାଖି ଦେଖିଲା ଠିକ ମିଠା ଲାଗୁଛି। ଦୁରାଭ୍ୟାସର ବଶ ଥିବାଯାଏ ଆମ୍ଭେମାନେ ସତସଙ୍ଗର ମଧୁରତା, ପବିତ୍ରତା ଅନୁଭବ କରି ପାରିବା ନାହିଁ। ମନକୁ ନିର୍ମଳ କଲେଯାଇ ଆମେ ସତସଙ୍ଗ ଦ୍ୱାରା ଉପକୃତ ହେବା, ଆଉ ଆତ୍ମାର ଆନନ୍ଦ ପାଇପାରିବା।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୦୦୪୪୬୬

# ଫୁଲ

ଅନୀତା ପଟ୍ଟନାୟକ

ନନ୍ଦବାବୁ ଓ ତାଙ୍କର ପତ୍ନୀ ସୁଗନ୍ଧାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ଥିଲେ। ଝିଅ କୋମଳ ଓ ପୂଜା ଓ ପୁଅ ଉପହାର ସବୁବେଳେ ଛୁଟି ଦିନ ମାନଙ୍କରେ ବିଭିନ୍ନ ଦର୍ଶନୀୟ ସ୍ଥାନକୁ ବୁଲିଯିବାକୁ ଭଲ ପାଉଥିଲେ। ସୁଗନ୍ଧା ମନ୍ଦିର ପରିଦର୍ଶନକୁ ଭଲ ପାଉଥିଲେ। ଆନନ୍ଦଙ୍କୁ ଝରଣା ଓ ଜଙ୍ଗଲିଆ ସ୍ଥାନ ତାଙ୍କର ବହୁତ ପସନ୍ଦ ଥିଲା। କୋମଳ ଓ ପୂଜାଙ୍କୁ ବିଭିନ୍ନ ଉଦ୍ୟାନ ବୁଲିବାକୁ ଭଲ ଲାଗୁଥିଲା। ଉପହାର ପଶୁପକ୍ଷୀ ଜୀବଜନ୍ତୁ ଥିବା ସ୍ଥାନକୁ ଯିବାକୁ ପସନ୍ଦ କରୁଥିଲା।

ଉପହାର ମନରେ ଅନେକ ପ୍ରଶ୍ନ। ଯଥା ଉଦ୍ୟାନ ତିଆରି କରିବା ବିଭିନ୍ନ ପ୍ରକାର ଫୁଲରେ ଉଦ୍ୟାନକୁ ସଜାଇବା ଇତ୍ୟାଦି। ଏକ ମୂଲ୍ୟହୀନ କାର୍ଯ୍ୟକ୍ରମ। ସେ ଏପରି ଭାବେ କାରଣ ବୁଲିଯିବା କଥା ଭାବିବା ମାତ୍ରେ କୋମଳ ଓ ପୂଜା ବିଭିନ୍ନ ଉଦ୍ୟାନର ନାମ ନେଇଥାନ୍ତି। ବାପା ବିଭିନ୍ନ ଝରଣା ଓ ଜଙ୍ଗଲର ନାମ ନେଇ ସେଠାକୁ ନେବାକୁ ଚେଷ୍ଟା କରନ୍ତି। ମାଙ୍କର ଉପଦେଶ ପିଲାଙ୍କୁ ସବୁବେଳେ ମନ୍ଦିର ବୁଲାଇ ନେବା କଥା। ଉପହାରର ମତକୁ କେହି ପସନ୍ଦ କରନ୍ତି ନାହିଁ। ତେଣୁ ତାର ମନରେ ଭାରି ଦୁଃଖ। ଦିନେ ରାଜ୍ୟପାଳଙ୍କର ଉଦ୍ୟାନ ଜନସାଧାରଣଙ୍କ ନିମନ୍ତେ ଖୋଲାଯାଇଥିଲା। କୋମଳ ଓ ପୂଜାଙ୍କର ଅନୁରୋଧ କ୍ରମେ ଆନନ୍ଦ, ସୁଗନ୍ଧା, ଉପହାର ସମସ୍ତେ ମିଶି ଉଦ୍ୟାନକୁ ବୁଲି ବାହାରିଲେ। ଉପହାର କୋମଳକୁ ପଚାରିଲା ତତେ ଫୁଲ ଦେଖିବାକୁ କାହିଁକି ଭଲ ଲାଗେ ? ସେ କହିଲା ମତେ ସପ୍ତରଙ୍ଗ ଭଲ ଲାଗେ। ଫୁଲ ମଧ୍ୟରେ ସେ ସପ୍ତରଙ୍ଗକୁ ଦେଖିଲେ ମତେ ଆହୁରି ଭଲ ଲାଗେ। ଉପହାରକୁ ଏକଥା ପସନ୍ଦ ହେଲାନାହିଁ। କହିଲା ବାଘ ନିଶ ମହଲାନା। ପୂଜା କହିଲା ଠିକ କହିଛୁ। ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦିଆ, ଲାଲ, ନାରଙ୍ଗୀ ଏସବୁ ରଙ୍ଗ ଠାକୁରଙ୍କର ଅତିପ୍ରିୟ। ସୁଗନ୍ଧା କହିଲେ ବିଭିନ୍ନ ଠାକୁରଙ୍କର ପୂଜାରେ ବିଭିନ୍ନ ପ୍ରକାରର ଫୁଲ ବ୍ୟବହାର କରାଯାଇଥାଏ। ଯଥା ଶିବଙ୍କର ଅତିପ୍ରିୟ ଫୁଲ ଗୁଡ଼ିକ ହେଉଛି ଅରଟ, ଦୁଦୁରା, କେତକୀ ଇତ୍ୟାଦି। ଲକ୍ଷ୍ମୀଙ୍କର ପ୍ରିୟରଙ୍ଗ ଧଳା, ତେଣୁ ଟଗର, ମଲ୍ଲୀ, ରାଜନୀଗନ୍ଧା, ଧଳ ଅପରାଜିତା, ଗଙ୍ଗଶିଉଳି, ପାରିଜାତ ଇତ୍ୟାଦି ତାଙ୍କୁ ପ୍ରଦାନ କରାଯାଇଥାଏ। ମା'ମଙ୍ଗଳାଙ୍କର ପ୍ରିୟ ଫୁଲ ମନ୍ଦାର, ଦେବୀ ସରସ୍ୱତୀ, ଲକ୍ଷ୍ମୀଙ୍କର ଅନ୍ୟତମ ପ୍ରିୟ ଫୁଲ ହେଉଛି ପଦ୍ମ। ସେଥିପାଇଁ ଲକ୍ଷ୍ମୀଙ୍କର ଅନ୍ୟନାମ ପଦ୍ମାଳୟ। କୃଷ୍ଣଙ୍କର ପ୍ରିୟଫୁଲ ମାଳତୀ, ଗୋଲାପ। ଜଗନ୍ନାଥଙ୍କର ପ୍ରିୟ ଫୁଲ ମଲ୍ଲୀ ଓ କନିଅର।

ଉପହାର କହିଲା ବାପା ସାର ଆମକୁ ପଢ଼ାଉଥଲା ବେଳେ କହୁଥିଲେ ଚନ୍ଦ୍ର ଓ କଇଁ ଫୁଲର ଅଭେଦ ସମ୍ପର୍କ ରହିଛି। ଚନ୍ଦ୍ର ଉଦୟ ହେଲେ କଇଁଫୁଲ ଫୁଟେ। ସୂର୍ଯ୍ୟଙ୍କ ସହିତ ସୂର୍ଯ୍ୟମୁଖି ଓ ପଦ୍ମଫୁଲର ନିବିଡ଼ ସମ୍ପର୍କ। ସୂର୍ଯ୍ୟଙ୍କ ଗତିଅନୁସାରେ ସୂର୍ଯ୍ୟମୁଖି ଫୁଲର ମୁଖ ତାଙ୍କ ଆଡ଼କୁ ଗତି କରିଥାଏ ଓ ପଦ୍ମଫୁଲ ସୂର୍ଯ୍ୟଉଦୟ ହେଲେ ଫୁଟେ। ପୂଜା କହିଲା ଆମ ସାର କହୁଥିଲେ ଆମ ସ୍କୁଲରେ ଗୋଟିଏ ପ୍ରତିଯୋଗିତା ହେବ। ଯେଉଁମାନେ ପଚାଶରୁ (୫୦) ଉର୍ଦ୍ଧ୍ୱ ଫୁଲର ନାମ କହିପାରିବେ ସେମାନଙ୍କୁ ପୁରସ୍କୃତ କରାଯିବ। ଆଜି ଅନେକ ଫୁଲର ନାମ ମୁଁ ମନେରଖି ପାରିଛି ଲଙ୍କା-ମନ୍ଦାର, ଟଗର, ଚମ୍ପା, ମଲ୍ଲୀ, ଗୋଲାପ, କନିୟର, ସଦାବିହାରୀ, ଅପରାଜିତା, ଗେଣ୍ଡୁ, ସୁଗନ୍ଧରାଜ, ଅରଖ, ଗୋଲାପ, ନାଗେଶ୍ୱର, କାଠଚମ୍ପା, ସ୍ୱର୍ଣ୍ଣଚମ୍ପା, କୃଷ୍ଣଚୂଡ଼ା ଇତ୍ୟାଦି। ଆନନ୍ଦ କହିଲେ ଫୁଲର ଅନେକ ଅଂଶ ଅଛି। ଯଥା ବଡ଼, ପାଖୁଡ଼ା, କେଶର ଇତ୍ୟାଦି। ମା ସୁଗନ୍ଧା କହିଲେ ଫୁଲକୁ ଅନେକ ପ୍ରକାରରେ ବ୍ୟବହାର କରାଯାଏ। ଯଥା ପୂଜା, ସାଜସଜ୍ଜା ଇତ୍ୟାଦିରେ। ଉପହାର କହିଲା ହଁ, କାଲି ଏକ ବାହାଘର ଗାଡ଼ିରେ ଫୁଲ ସଜ୍ଜା ହୋଇଥିଲା ଏହି ସମୟରେ କିଛି ଦକ୍ଷିଣ ଭାରତୀୟ ନାରୀ ଖସାରେ ଜୁଇଫୁଲ ଲଗାଇ ଉପହାରର ପାଖଦେଇ ଚାଲିଯିବାରେ ସେ ମାକୁ ସେମାନଙ୍କ ଆଡ଼କୁ ନିର୍ଦ୍ଦେଶ କରି ତାଳି ମାରିବାରେ ଲାଗିଲା।

ପୂଜା ଫୁଲଚାଷ ବିଷୟରେ କହିବାକୁ ଯାଇ କହିଲା ସାର କହୁଥିଲେ ଫୁଲଚାଷ ଅତ୍ୟନ୍ତ ଲାଭଦାୟକ। ଲିମ୍ବଫୁଲ, କଖାରୁଫୁଲ ଲୋକମାନେ ଖାଦ୍ୟରେ ଗ୍ରହଣ କରନ୍ତି। ଫୁଲରୁ ମହୁ, ଔଷଧ ଓ ତେଲ ତିଆରି କରାଯାଏ। ଅନେକ ଫୁଲରୁ ମହୁ, ଔଷଧ ଓ ତେଲ ତିଆରି କରାଯାଏ। ଅନେକ ଫୁଲ ଜଙ୍ଗଲରେ ମଉଳି ଯାଆନ୍ତି ଓ ଜଳରେ ପଦ୍ମ ଓ କଇଁଫୁଲ ଫୁଟିଥାଏ। ମହୁମାଛିକୁ ଆକର୍ଷିତ କରିବା ପାଇଁ ରାତିରେ ସୁଗନ୍ଧା ଓ ଧବଳ ରଙ୍ଗର ଫୁଲ ଫୁଟିଥାଏ। ଏତେକଥା ଜାଣି ଉପହାର କହିଲା ବାପା ଭଗବାନ କେବେ ବି ଚୋରି ଫୁଲ ଗ୍ରହଣ କରୁନଥିବେ। ପ୍ରାତଃ ଭ୍ରମଣ ସମୟରେ ଅନ୍ୟ ବଗିଚାରୁ ଫୁଲ ଚୋରି କରି ଠାକୁର ପୂଜା କରିବା ଅପେକ୍ଷା ଫୁଲ କୁଣ୍ଡ ଆଣି ସେଥିରେ ଫୁଲଗଛ ଲଗାଇ ଠାକୁରଙ୍କୁ ପ୍ରଦାନ କଲେ ଭଲ ହୁଅନ୍ତା। ମୁଁ ମୋ ସାଙ୍ଗ ମାନଙ୍କୁ କହି ବି ଗଛ ଲଗାଇବା ଓ ଫୁଲ ଫୁଟାଇବା।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ
ଦୂରଭାଷ : ୯୬୯୨୯୮୦୦୨୬

## କୁଳନ୍ତିରା ବାଗିଲୋ ରେମା' ଭୂ ବାସିନୀଙ୍କ ଅର୍ଣ୍ଣ ପ୍ରଦାଇନି ବେଶ



ବାଲିପାଟଣା :(ମହାଭାରତ)ବାଲିପାଟଣା ବ୍ଲକ ଅନ୍ତର୍ଗତ ପମ୍ପାଲ ପଞ୍ଚାୟତ ଅଞ୍ଚଳର ଆରାଧ୍ୟଦେବୀମା'ଭୁବାଶିନିଙ୍କ ପୀଠରେ ଷୋଳ ପୂଜା ଯଥାବିଧି ମୁତାବକ ଚାଲିଛି।୧୬ ଦିନଯାକ ମା'ଙ୍କୁ ବିଭିନ୍ନ ବେଶରେ ସଜେଇ ଦିଆଯାଏ। ୧୬ ପୂଜା ନୀତିକାନ୍ତି ଭିତରେ ଷୋମବାର ମା'ଙ୍କ ଅର୍ଣ ପ୍ରଦାଇନି ବେଶବହୁତ ସୁନ୍ଦର। ଆଜି ମା'ଙ୍କୁ ଅର୍ଣ୍ଣ ପ୍ରଦାଇନୀ ବେଶ କରାଯାଇଛି ବୋଲି ପୂଜକ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା କହିଛନ୍ତି !ପରେ ପ୍ରାର୍ଥନା କରାଯାଇ କର୍ପୁର,ହଳଦୀ, ଚୁଆ, ଅଙ୍ଗୁର, ଚନ୍ଦନରେମା'ଙ୍କୁଅଙ୍ଗଲାଗି କରି ସ୍ନାନ କରାଇ ପାଟବସ୍ତ୍ର ପରିଧାନ କରାଯାଏ। ସକାଳ ଆଳତି ବେଳେ ବାଳଭୋଗ ଲାଗି କରାଯାଏ।ମଧ୍ୟାହ୍ନରେ ମାନସିକଧାରୀ ଶ୍ରଦ୍ଧାଳୁ କିମ୍ବା ଯଜମାନଙ୍କ ଭୋଗ ଲାଗି କରାଯାଏ। ସନ୍ଧ୍ୟା ସମୟରେ ଖିରି,ଖେଚୁଡ଼ି, ଡାଲମା ଓ ମାଛ ମହୁର ଆଦି ଭୋଗ କରାଯାଏ। ମା ଙ୍କର ମାଛ ଭୋଗ ଅତି ପ୍ରିୟ !କାହିଁ କୋଉ କାଳରୁ ଏହି ପାରମ୍ପରିକ ନୀତି ରହି ଆସିଛି ବୋଲି ଗ୍ରାମବାସୀ ଓ ମା ଭୁ ବାସିନୀ ଚାରି ଟେବୁଲ୍ ଟ୍ରଷ୍ଟର ଅଧକ୍ଷ ପ୍ରୀୟଞ୍ଜନ ସ୍ୱାଇଁ କହିଛନ୍ତି !

## ଟ୍ରାଫିକ ଜାମରେ ଫସିଲା ଆମ୍ବୁଲାନ୍ସ: ଚାଲିଗଲା ଯୁବକଙ୍କ ଜୀବନ

ପାରାଦୀପ, (ମହାଭାରତ) : ପାରାଦୀପ ବିଶ୍ୱକର୍ମା ପୂଜା ଟ୍ରାଫିକ ପରିଚାଳନାରେ ତ୍ରୁଟି ଓ ରାସ୍ତା ଜାମ୍ ହେବାରୁ ଅଢେଇ ଘଣ୍ଟା ଧରି ଫସି ରହିଲା ଆମ୍ବୁଲାନ୍ସ । ଚିକିତ୍ସାରେ ବିଳମ୍ବ ହେବାରୁ ଚାଲିଗଲା ଯୁବକଙ୍କ ଜୀବନ । ମୃତକ ମହେଶ୍ୱର ଦାସଙ୍କ ପୁଅ ରାକେଶ ଦାସ (୨୧ବର୍ଷ) ବୋଲି ଜଣାପଡ଼ିଛି । ସୂଚନା ମୁତାବକ, ରବିବାର ଅହେତୁକ ଭିଡ଼ ଯୋଗୁ ଅପରାହ୍ନ ୫ ଟାରୁ ଥାନା ଛକଠାରୁ ଦୋଛକି ପର୍ଯ୍ୟନ୍ତ ଟ୍ରାଫିକ ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ସେହି ସମୟରେ ନେହେରୁ ବଙ୍ଗଳାର ମହେଶ୍ୱର ଦାସଙ୍କ ପୁଅ ରାକେଶ ଦାସ ଦୁର୍ଘଟଣାରେ ଗୁରୁତର ହୋଇ ଅଠରବାଙ୍କି ମେଡ଼ିକାଲକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ଡ଼ାକ୍ତର ତୁରନ୍ତ କଟକ ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ତୁରନ୍ତ ଆମ୍ବୁଲାନ୍ସ ଡ଼ାକି ଅପରାହ୍ନ ୫ ଟାରେ କଟକ ଅଭିମୁଖେ ବାହାରିଥିଲେ। କିନ୍ତୁ ଜାତୀୟ ରାଜପଥ ୫୩ ଜାମ୍? ହୋଇଯାଇଥିଲା। ସେହି ଭିଡ଼ରୁ ମୁକୁଳିବା ପାଇଁ ଆମ୍ବୁଲାନ୍ସକୁ ଦୀର୍ଘ ଅଢେଇ ଘଣ୍ଟା ଲାଗିଥିଲା। ଅଠରବାଙ୍କିରୁ ୫ ଟାରେ ବାହାରି ଦୋଛକିରେ ସନ୍ଧ୍ୟା ୭ ଟା ୩୦ ରେ ପହଞ୍ଚିଥିଲା। ସେହି ଅଢେଇ ଘଣ୍ଟା ମଧ୍ୟରେ ଗୋଟିଏ ଅକ୍ସିଜେନ ସରି ଆଉ ଗୋଟିଏ ଅକ୍ସିଜେନ ଲଗାଯାଇଥିଲା। ଯିବା ବାଟରେ କନ୍ଦରପୁର ନିକଟରେ ଗୁରୁତର ଯୁବକଙ୍କ ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ କଟକ ବଡ ମେଡ଼ିକାଲରେ ପହଞ୍ଚି ଡ଼ାକ୍ତରଙ୍କୁ ଦେଖାଇଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ମୃତକଙ୍କ ଭାଇ ସୂଚନା ଦେବା ସହ ଟ୍ରାଫିକ ବ୍ୟବସ୍ଥାକୁ ଦାୟୀ କରିଛନ୍ତି । ସୂଚନାଥାଉକି, ବିଶ୍ୱକର୍ମା ପୂଜା ମହୋତ୍ସବ ପୂର୍ବରୁ ଜିଲ୍ଲା ପ୍ରଶାସନ ବାରମ୍ବାର ପ୍ରସ୍ତୁତି ବୈଠକ କରି ଟ୍ରାଫିକ ନିୟନ୍ତ୍ରଣ ପାଇଁ ଅପରାହ୍ନ ଠାରୁ ରାସ୍ତାରେ ଭାରୀଯାନ ପରିବହନ ବନ୍ଦ କରିବା, ରାସ୍ତା କଡରେ ଭାରୀଯାନ ପାର୍କିଙ୍ଗ ହଟାଇବା ନେଇ ନିଷ୍ପତି ନେଇଥିବା ବେଳେ କିପରି ସନ୍ଧ୍ୟାରେ ଭାରୀଯାନ ଚଳାଚଳ କରୁଥିଲା ତାହା ଏବେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ଅନ୍ୟପକ୍ଷରେ ଏହି ଭାରୀଯାନ ଚଳାଚଳ ଏବଂ ଇଫକୋ ଛକରେ ସିଗନାଲ ଟ୍ରାଫିକିଙ୍ଗ ଯୋଗୁଁ ଏପରି ଟ୍ରାଫିକ ଜାମ ଲାଗି ରହିଥିଲା । ଯେଉଁଥିପାଇଁ ଦୀର୍ଘ ଘଣ୍ଟା ଧରି ଟ୍ରାଫିକ ଜାମ ଲାଗିରହି ଏହିପରି ଅଭାବଣୀୟ ଘଟଣା ଘଟିଥିବା କୁହାଯାଉଛି । ତେବେ ଏହି ଘଟଣା ଯୋଗୁଁ ଆମ୍ବୁଲାନ୍ସ ସମେତ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏବଂ ସାଧାରଣ ଜନତା ଦୀର୍ଘ ଘଣ୍ଟା ଫସି ରହିଥିଲେ । ଯାହାକୁ ନେଇ ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହି ଘଟଣାର ତଦନ୍ତ କରିବେ ବୋଲି କହିଛନ୍ତି ।

## ୧୨ବର୍ଷରେ ବଦଳିଲେଣି ୫ଜିଲ୍ଲାପାଳ: ବଦଳୁ ନାହାନ୍ତି ଜିଲ୍ଲା କ୍ରୀଡା ଅଧିକାରୀ

କେନ୍ଦ୍ରାପଡ଼ା, (ମହାଭାରତ) : ଜଣେ ସରକାରୀ ଅଧିକାରୀଙ୍କ କାର୍ଯ୍ୟକାଳ ସର୍ବନିମ୍ନ ୩ବର୍ଷ ହେଇଥିଲେ ମଧ ୧୦ବର୍ଷରୁ ଉର୍ଦ୍ଧ ହେବ ବଦଳୁ ନାହାନ୍ତି କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡାଅଧିକାରୀ ଏହା ଭିତରେ ୫ଜଣରୁ ଉର୍ଦ୍ଧ ଜିଲ୍ଲାପାଳଙ୍କ ବଦଳି ହୋଇଥିଲେ ବି ଅନ୍ୟ ବିଭାଗର ଅଧିକାରୀଙ୍କ ବଦଳି ହୋଇଥିଲେ ବି ଏହି ଅଧିକାରୀଙ୍କ ବଦଳି ହେଉ ନାହିଁ କିମ୍ବା ଏହି ବିଭାଗ ଉପରେ ଜିଲ୍ଲାପାଳଙ୍କର ଦୃଷ୍ଟି ପଡୁନାହିଁ। ମନ ଇଛା ଚାଲିଛି ଜିଲ୍ଲା କାର୍ଯ୍ୟାଳୟ। କାହାର ଛତ୍ରଛାୟା ରହୁଛି ବାବୁଙ୍କ ମୁଣ୍ଡ ଉପରେ ସେ ଚୌକି ଛାଡିବାକୁ ନାରାଜ। ସରକାର ବଦଳିଗଲା ନୂତନ ମୋହନ ସରକାର ଆସିଲା ପରେ ବି ବଦଳୁ ନାହାନ୍ତି ଅଧିକାରୀ, ନା ବଦଳୁଛନ୍ତି କେନ୍ଦ୍ରାପଡ଼ା ଖେଳାଳି ଛାତ୍ରଛାତ୍ରୀଙ୍କ ଭାଗ୍ୟ। କ୍ରୀଡା ଯୁବସେବା ବିଭାଗ ଓ ଜିଲ୍ଲା ଉପକ୍ରୀଡା ଆନୁକୂଲ୍ୟରେରେ ଆଜି ସେବା ପକ୍ଷ ପାଳନ ଗଣଦୌଡ଼ ଅବସରରେ ଜିଲ୍ଲାର ବିଭିନ୍ନ ସ୍କୁଲ କଲେଜ ମାନଙ୍କରୁ ବହୁ ସଂଖ୍ୟରେ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଖରୁ ଗରାପୁର ଡାକ ବଙ୍ଗଳା ଛକ ପର୍ଯ୍ୟନ୍ତ ଏକ ଗଣ ଦୌଡ଼ ପ୍ରତିଯୋଗିତା କରାଯାଇଥିଲା । ଯେଉଁଥିରେ ଜିଲ୍ଲାର ଜିଲ୍ଲାପାଳ ଶ୍ରୀଯୁକ୍ତ ରଘୁରାମ ଆର ଆୟର, ମହାକାଳପଡା ବିଧାୟକ ଶ୍ରୀ ଦୁର୍ଗା ପ୍ରସନ୍ନ ନାୟକ ସମେତ ବହୁ ମାନ୍ୟ ଗନ୍ୟ ବ୍ୟକ୍ତ ମାନେ ଯୋଗଦେଇଥିଲେ । ସବୁଠାରୁ ବ୍ୟତିକ୍ରମ ବିଷୟ ଏହି ଗଣ ଦୌଡ଼ପରେ ଛାତ୍ର ଛାତ୍ରୀ ମାନଙ୍କୁ ଜିଲ୍ଲା କ୍ରୀଡା ଅଧିକାରୀ ସୁଷମ ଖାଦ୍ୟ ବଦଳରେ ଶୁଖିଲା ବରା ପିଆଜି ଖାଇବାକୁ ଦେଉଛନ୍ତି । ଯେ ଦେଖୁନହାନ୍ତି କିଭଳି ବରାରୁ ତେଲ ଖସିପଡୁଛି । ଛାତ୍ରଛାତ୍ରୀମାନେ ଦୌଡିକି ଆସିଲା ପରେ ଏହି ଶୁଖିଲା ବରା ପିଆଜି ଖାଇଲେ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବ ନାଁ ଭଲ ରହିବ ଆପଣମାନେ କୁହନ୍ତୁ ? ଯେଉଁଠି କୁନି କୁନି ଛାତ୍ରଛାତ୍ରୀ ମାନେ ଦୌଡିକି ଆସିଲେ ସେମାନଙ୍କୁ କଦଳୀ, କମଳା, ସେଓ ସହ ଗ୍ଲୁକୋସ ଦେବା କଥା ସେଠି ପିଲା ମାନଙ୍କୁ ଶୁଖିଲା ବରା ପିଆଜି ଦିଆଯାଉଛି ଓ ଏହା କେତେଦୂର ଠିକ ଆପଣ ମାନେ କୁହନ୍ତୁ ? ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କିପରି କ୍ରୀଡା ବିଭାଗ ଏହିଭଳି ଶୁଖିଲା ବରା ଦେଇପାରୁଛନ୍ତି ତାହା ସାଧାରଣରେ ବଡ ଆଲୋଚନାର ବିଷୟ ହୋଇଛି । ଯେଉଁ ଛାତ୍ରଛାତ୍ରୀମାନେ ଆମ ଦେଶ ଭବିଷ୍ୟତ ସେମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଜିଲ୍ଲା କ୍ରୀଡା ଅଧିକାରୀ କେତେ ଯନ୍ତବାନ ତାହା ଏହିଠାରୁ ଜଣାପଡୁଛି । କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଜିଲ୍ଲାରେ ବହୁ ବର୍ଷ ହୋଇଯିବ ରହିଲାପରେ ମଧ କ୍ରୀଡ଼ାବିତ ମାନଙ୍କୁ ଦୌଡ଼ କୁଦ ପରେ କଣ ଖାଇବାକୁ ଦିଆଯାଏ ଲାଗୁଛି ତାହା ମଧ ଆଜିଯାଏ ଶିଖିପାରିଲେ ନାହିଁ। ଯଦି ଏହିଭଳି କର୍ମଚାରୀ ଆମ ଜିଲ୍ଲାରେ ରୁହନ୍ତି ତେବେ କ୍ରୀଡ଼ାବିତ ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା କଣ ହେବ ତାହା କିଏ କହିବ ?

## ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲ୍ଲାପାଳ ଅଫିସି ସମ୍ମୁଖରେ ଆହୋରାତ୍ର ଧାରଣା ଦେଲା ମିଳିତ କ୍ରିୟା ଅନୁଷ୍ଠାନ




କେନ୍ଦ୍ରାପଡା, (ମହାଭାରତ) : ସ୍ୱାଧୀନତାର ୭୯ ବର୍ଷ ପରେ ମଧ ନାହିଁ ନାହିଁର ଜିଲ୍ଲ ବିକାଶର ୨୯ତମ ସ୍ଥାନରେ ଥିବା କେନ୍ଦ୍ରାପଡା ଜିଲ୍ଲାର ଲୋକେ ସାଧାରଣ ସ୍ୱାସ୍ଥ୍ୟ ସେବାରୁ ବଂଚିତ ।ଜିଲ୍ଲାର ଛାତି ଚିରି ୫୩ନମ୍ବର ଜାତୀୟ ରାଜପଥ ଏବଂ ରେଳପଥ ଯାଇଛି ।କେନ୍ଦ୍ରାପଡା ବାସୀ ଦେଶର ବିକାଶ ପାଇଁ ହଜାର ହଜାର ଏକର ଜମି ଦେଇଛନ୍ତି। ପାଇଛନ୍ତି କଣ ବୋଲି ଆଜି ପ୍ରଶ୍ନ ପଚାରୁଛନ୍ତି ? ପ୍ରତିଦିନ ସେହି ରାସ୍ତାରେ ଯାଉଥିବା ଲୋକେ ଆକ୍ସିଡେଣ୍ଟ ରେ ଖଣ୍ଡିଆଖାବରା ହୁଅନ୍ତି ତ ମୃତ୍ୟୁବରଣ କରନ୍ତି ।ଅର୍ଥନୈତିକ ଅସମ ବିକାଶର କଥା ଯଦି କହିବା ତେବେ କେନ୍ଦ୍ରାପଡା ଜିଲ୍ଲାକୁ ନମୁନା ଭାବେ ଗ୍ରହଣ କରାଯାଇ ପାରେ। ଯେତେବେଳେ ରାଜ୍ୟରେ ତିନିଟି ମେଡିକାଲ କଲେଜ ଥିଲା ସେତେବେଳଠୁ ଅର୍ଥାତ ୨୦୧୫ମସିହା ଠାରୁ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲ୍ଲାରେ ଆନ୍ଦୋଳନ ଆରମ୍ଭ ହେଇଛି। ସେତେବେଳେ ସମସ୍ତ ବିରୋଧୀ ରାଜନୈତିକ ଦଳ, ଗଣସଙ୍ଗଠନ, ସାମାଜିକ ସଂଗଠନ, ବୁଦ୍ଧିଜୀବୀ ସମ୍ପ୍ରଦାୟ ନିଜସ୍ୱ ଭାବେ ଆନ୍ଦୋଳନ କରିଆସିଛନ୍ତି ।ଏହା ମଧ୍ୟରେ ୩ରୁ ୧୭ମେଡିକାଲ କଲେଜ ରାଜ୍ୟରେ ଘୋଷଣା ହେଇଛି। ସରକାର ପରେ ସରକାର ବଦଳିଛି। କିନ୍ତୁ କେନ୍ଦ୍ରାପଡା ଜିଲ୍ଲା ଯେଉଁ ଦୁଃଖିଆକୁ ସେହି ଦୁଃଖିଆ। ରାଜନୈତିକ ପଶା ପାଲିରେ କେନ୍ଦ୍ରାପଡା ବଳି ପଡିଛି। ଅତୀତରେ କ୍ଷମତାରେ ଥିବା ଦଳ ନିରବ ରହିଥିବାବେଳେ,ଗତକାଲି ଆନ୍ଦୋଳନ କରୁଥିବା ଦଳ ଆଜି କ୍ଷମତାକୁ ଯିବା ପରେ ନିରବ ରହୁଛି। ଏହି ଛାଇ ଆଲୁଅ ଖେଳ ଜିଲ୍ଲାର ବିକାଶ ପାଇଁ କାଳ ହୋଇଛି ।ଅନ୍ୟ ପକ୍ଷରେ ଆନ୍ଦୋଳନର ଜୁଆର ଯେତିକି ଉତ୍ତାଳ ହେଉଛି ପ୍ରତିଶ୍ରୁତିର ବନ୍ୟା ସେତିକି ପ୍ରଖର ହୋଇଛି ।ପୂର୍ବ ସରକାରଠୁ ଏବର ସରକାର ପ୍ରତିଶୃତି ପରେ ପ୍ରତିଶ୍ରୁତି ।ଫଳ କିନ୍ତୁ ଶୂନ। ଯଦି ହିସବାକୁ ନେବା କେନ୍ଦ୍ରାପଡାର ଶ୍ରୀବଳଦେବ ଜୀଉଙ୍କ ମନ୍ଦିର ନିକଟରେ ଜିଲ୍ଲା ମେଡିକାଲ ଥିଲାବେଳେ ପଟ୍ଟାମୁଣ୍ଡାଇରେ ଗୋଟିଏ ଉପଖଣ୍ଡ ସ୍ତରୀୟ ମେଡିକାଲ ଅଛି। ଏହାସହିତ ତିନୋଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସାରା ଜିଲ୍ଲାରେ ୪୬ଟି ନୂଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। କିନ୍ତୁ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହୋଇ ଅର୍ଦ୍ଧାଧିକ ଲୋକ କଟକ ବଡ଼ ଡ଼ାକ୍ତରଖାନା ଯାଇଥାନ୍ତି ।ବର୍ଷ ବର୍ଷ ଧରି ଚାଲିଥିବା ଏହି ପ୍ରକ୍ରିୟାର କୌଣସି ପରିବର୍ତନ ନାହିଁ। ଏହା ବିରୁଦ୍ଧରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲ୍ଲାବାସୀ ଏକଜୁଟ। ଯେପର୍ଯ୍ୟନ୍ତ ମେଡିକାଲ କଲେଜ ଘୋଷଣା ହୋଇନି ସେପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ।ମେଡିକାଲ କଲେଜ ପ୍ରତିଷ୍ଠାରେ କେନ୍ଦ୍ରାପଡା ୩୦ନମ୍ବର ଜିଲ୍ଲା ନହେଉ। ଏହି ପରିପ୍ରେକ୍ଷୀରେ ଓଡିଶା ବିଧାନସଭାର ଚାଲିଥିବା ମୌସୁମୀ ଅଧିବେଶନରେ ମୋହନ ସରକାର ବିଧାନସଭାରେ କେନ୍ଦ୍ରାପଡାରେ ମେଡିକାଲ କଲେଜ ଘୋଷଣା କରିବା ଦାବିରେ ଆସନ୍ତା ସେପଟ୍ମ୍ବର ୨୨ତାରିଖ ୨୦୨୫, ସୋମବାର ଠାରୁ ଜିଲ୍ଲାପାଳ ଅଫିସି ସମ୍ମୁଖରେ ଅନୁଷ୍ଠିତ ଆହୋରାତ୍ର ଗଣଧାରଣାର ପ୍ରଥମ ଦିନରେ ଅଧ୍ୟାପକ ଅଜୟ ସାମଲ ସଭାପତିତ୍ୱ କରିଥିଲେ। ଏହି ଗଣ ଧାରଣାରେ ବିଜେଡିର ରାଜ୍ୟ ନେତା ରବି ସାମଲ, କଂଗ୍ରେସ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ଜିଲ୍ଲା ସମ୍ପାଦକ ବିକାଶ ବେଉରା, ଆମଆଦି ଜିଲ୍ଲା ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡା, କଂଗ୍ରେସ ରାଜ୍ୟ ସମ୍ପାଦିକା ସସ୍ମିତା ପଣ୍ଡା, ନିରାକାର ଜେନା,କେଦାର ସାମନ୍ତରାୟ, ମୁକ୍ତାର ଖାଁ, ଭାଗିରଥି ଜେନା, ମହେନ୍ଦ୍ର ପଟ୍ଟନାୟକ, ଆଦିକନ୍ଦ ରାଉଳ, ନରୋତ୍ତମ ପାର୍ଥସାରଥୀ, ଉପେନ୍ଦ୍ର ନାଥ ପରିଡା, ରାଜକୁମାର ବିଶ୍ୱାଳ, ବ୍ରଜକିଶୋର ବିଶ୍ୱାଳ, ପ୍ରଭାକର ସାମଲ, ବିଦ୍ୟୁତ ଖୁଣ୍ଟିଆ, ବିଦ୍ୟୁତ ପଲେଇ,ଗୋଲକ ଚନ୍ଦ୍ର ମହାଭୋଇ, କିଶୋର ସାହୁ, ସୋହାନା ବିବି, ରବୀନ୍ଦ୍ର ସାମଲ, ରବୀନ୍ଦ୍ର ଜେନା, ସନାତନ ତରାଇ, ରାଧାକାନ୍ତ ଦାସ, ସୀତାକାନ୍ତ ନାୟକ, ସଞ୍ଜୟ ବସନ୍ତିଆ, ପ୍ରତାପ ନାୟକ, ବିଦୁଭୂଷଣ ମହାପାତ୍ର, ଜଗତଜୀବନ ଦାଶ, ରଶ୍ମିରଞ୍ଜନ ଚୌଧୁରୀ, କ୍ଷୀରୋଦ ପଣ୍ଡା, ବିଜୟ ପରିଡା,ବିଚିତ୍ରକୁମାର ରାଉତ ପ୍ରମୁଖ ବକ୍ତବ୍ୟ ରଖି ଏହି ଐତିହାସିକ ଲଢେଇରେ ସାରା ଜିଲ୍ଲାର ଆବଳ ବୃଦ୍ଧ ବନିତା, ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନକୁ ଚଳେଇ ରଖିବା ପାଇଁ ଅନୁରୋଧ କରିଥିଲେ।ପ୍ରକାଶ ଥାଉକି ଆଜି ବିଧାନସଭାରେ କେନ୍ଦ୍ରାପଡ଼ାର ମାନ୍ୟବର ବିଧାୟକ ଗଣେଶ୍ୱର ବେହେରା ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି ଉପସ୍ଥାପିତ କରିଛନ୍ତି। ଦାବି ହାସଲ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ ବୋଲି ଆନ୍ଦୋଳନକାରୀ ମାନେ ଘୋଷଣା କରିଛନ୍ତି।

## ବଜ୍ର ଘାତରେ ଦୁଇ ଯୁବକ ମୃତ

ପାଟଣାଗଡ଼, (ମହାଭାରତ): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡା ଥାନା ବାଗଦୋର ପଞ୍ଚାୟତ ମାଳପଡା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ବଜ୍ର ଘାତରେ ଦୁଇ ଯୁବକଙ୍କର ମୃତ୍ୟୁ ହୋଇଛି । ମୃତ ଯୁବକ ଦ୍ୱୟ ହେଲେ ମାଳପଡା ଗ୍ରାମର ଟିକେଧର ମାଝୀ ଓ ଲାଠୋର ଥାନା ମାଳପଡ଼ା ଗ୍ରାମର ଦିଲିପ ଧରୁଆ । ସୁଚନା ଅନୁସାରେ ମୃତ ଟିକେଧର ଓ ଦିଲିପ ଉକ୍ତ ଗ୍ରାମର ଅନିତ ଦୁରରେ ଥିବା ଏକ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ସେହି ସମୟରେ ପ୍ରବଳ ବର୍ଷା ସହ ଘଡଘଡି ହେବା ଯୋଗୁଁ ସେମାନେ ଗଛ ତଳେ ଠିଆ ହୋଇଥିଲେ । ସେହି ସମୟରେ ବଜ୍ରାଘାତରେ ଦୁଇ ଯୁବକଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଖବରପାଇ ସ୍ଥାନୀୟ ପୁଲିସ ଘଟଣା ସ୍ଥଳକୁ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତର ଖାନାକୁ ପଠାଇଛି । ଶବ ବ୍ୟବଚ୍ଛେଦ ପରେ ପରିବାରର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୁତ୍ରରୁ ଜଣାପଡିଛି ।

## ମୃଦୁ ପାନୀୟ ବଣ୍ଟନ କରି ପୂଜା ବଜାରରେ ମାର୍କେଟ ନେଲା ପାରାଦୀପ ଟ୍ରେଲର ଓ ଗ୍ୟାସ ଟ୍ୟାଙ୍କର ମାଲିକ ସଙ୍ଘ




ପାରାଦ୍ୱୀପ, (ମହାଭାରତ) : ଚଳିତ ପାରାଦୀପ ର ପ୍ରସିଦ୍ଧ ବିଶ୍ୱକର୍ମା ପୂଜାରେ ଜୟଦେବ ସଦନ ଛକ ପଡିଆରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱକର୍ମା ଙ୍କ ଆକର୍ଷଣୀୟ ମୂର୍ତ୍ତି ସାଙ୍ଗକୁ ସୁସଜ୍ଜିତ ତୋରଣ ଓ ଆଲୋକ ସଜ୍ଜା ଉଚ୍ଚ କୋଟିର ହୋଇଥିବା ବେଳେ ବିଭିନ୍ନ ପେଣ୍ଡାଲରେ ନାମିଦାମୀ ଓଡ଼ିଆ ଓ ହିନ୍ଦୀ ଜଗତର କଣ୍ଠଶିଳ୍ପୀ ଓ କଳାକାର ମାନଙ୍କର ସଙ୍ଗୀତ ସନସ୍ତଙ୍କୁ ମନ୍ତ୍ର ମୁଗ୍ଧ କରିଛି । ଏହି ପୂଜା ଉତ୍ସବ ୬ ଦିନ ଧରି ସଫଳତାର ସହ ଚାଲିଥିବା ବେଳେ ଲକ୍ଷାଧିକ ଆଗନ୍ତୁକଙ୍କ ଭିଡ଼ ଲାଗି ରହିଛି । ଏହି ପରିପ୍ରେକ୍ଷୀରେ ପାରାଦୀପ ଟ୍ରେଲର ଓ ଗ୍ୟାସ ଟ୍ୟାଙ୍କର ମାଲିକ ସଙ୍ଘ ମିଳିତ ସମନ୍ୱୟ କମିଟି (ଜେସିସି) ପକ୍ଷରୁ ପ୍ରଥମ ଥର ପାଇଁ ସାଧାରଣରେ ମାଗଣା ମୃଦୁ ଥଣ୍ଡା ପାନୀୟ (ମକଟେଲ) ବଣ୍ଟନ କରାଯାଉଛି । ତେବେ ଦୈନିକ ସନ୍ଧ୍ୟାରେ ହଜାର ହଜାର ଲୋକ ବିଭିନ୍ନ ସ୍ୱାଦର ଦାମୀ ପାନୀୟ ପିଇବା ସହିତ ସଂଘର ଏପରି ଉଦ୍ୟମକୁ ପ୍ରଶଂସା କରି ଏଥର ପୂଜାରେ ଟ୍ରେଲର ଓ ଗ୍ୟାସ ଟ୍ୟାଙ୍କର ମାଲିକ ସଙ୍ଘ ମାର୍କେଟ ନେଲା ବୋଲି ଆଲୋଚନା କରୁଛନ୍ତି । ଏହି କେନ୍ଦ୍ରକୁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌରାଧକ୍ଷ ବସନ୍ତ ବିଶ୍ୱାଳ,ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ ଟ୍ରେଲର ଜେସିସି ର ଏଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଅନ୍ୟପକ୍ଷରେ ବିଭିନ୍ନ ଅନୁଷ୍ଠାନ ଓ ଶ୍ରମିକ ସଙ୍ଘ ନିୟମିତ ପୂଜା କରିଆସୁଥିବା ବେଳେ ଅସହ୍ୟ ଗୁଳୁଗୁଳି ଓ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜନସାଧାରଣ ଙ୍କୁ ଥଣ୍ଡା ପାନୀୟ ସେବା ଯୋଗାଇବା ଉଦ୍ଦେଶ୍ୟରେ ଏହି କେନ୍ଦ୍ର ସ୍ଥାପନ କରାଯାଇଥିବା ନେଇ ଟ୍ରେଲର ଓ ଗ୍ୟାସ ଟ୍ୟାଙ୍କର ମାଲିକ ସଙ୍ଘ ମିଳିତ ସମନ୍ୱୟ କମିଟି ଅଧକ୍ଷ ତଥା ଚର୍ଚ୍ଚିତ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ସୂଚନା ଦେଇଛନ୍ତି । ତେବେ ଏହି ପାନୀୟ ବଣ୍ଟନ କାର୍ଯ୍ୟକ୍ରମ କୁ ସଂଘର କର୍ମକର୍ତ୍ତା ପ୍ରକାଶ ଜେନା,ତୁଷାରକାନ୍ତ ଭୋଇ, କର୍ମେଶ୍ୱର ସ୍ୱାଇଁ, ଶ୍ରୀକାନ୍ତ ସାମଲ, ଅରୁଣ ମଙ୍ଗରାଜ, ଆଲୋକ ଦାସ, ସତ୍ୟଜିତ ପ୍ରଧାନ, ଆଶୁତୋଷ ସ୍ୱାଇଁ, ନଗେନ୍ଦ୍ର ରାଉତ, ମନୋଜ ସ୍ୱାଇଁ, ଅରକ୍ଷିତ ମାଝୀ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ । ତେବେ ସାତଦିନ ବ୍ୟାପି ଏହି ମହୋତ୍ସବ ଆସନ୍ତା ୨୩ ତାରିଖ ମଙ୍ଗଳବାର ଦିନ ଉଦଯାପିତ ହୋଇ ବୁଧବାର ଦିନ ସାମୁହିକ ଭଷାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ ।

## ସିମିଳିବାଞ୍ଚା ଗ୍ରାମ ପଞ୍ଚାୟତ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି, (ମହାଭାରତ) : ଆଜି ପଡିଆ ବ୍ଲକ୍ ସିମିଳିବାଞ୍ଚା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୭୨ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା। ସେଥି ମଧ୍ୟରୁ ୨୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୫୦ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଶିବିରରେ ରାସନ୍ କାର୍ଡ, ବିଜୁଳି ସଂଯୋଗୀକରଣ, ଜମିଜମା, ଚାକିରୀ, ପାନୀୟ ଜଳ, ସାମାଜିକ ସୁରକ୍ଷା ପେନସନ ଏବଂ ରାସ୍ତା ଓ କୋଠାବାଡ଼ି ଓ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣୀ ହୋଇଥିଲା। ଏହି ଶୁଣାଣୀରେ ରାସନ୍ କାର୍ଡ, ଶ୍ରମ କାର୍ଡ, ଆଧାର କାର୍ଡ ଅପଡେଟ, ସ୍ୱାସ୍ଥ୍ୟ କାର୍ଡ, ସାମାଜିକ ସୁରକ୍ଷା ପେନସନ ଓ ଜଙ୍ଗଲ ଜମି ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନଲାଇନ୍ ସେବା ଯୋଗାଇ ଦିଆଯାଇଥିଲା। ଜନ ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ସିମିଳିବାଞ୍ଚା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ନେତାଜୀ ମେମୋରିଆଲ ବିଦ୍ୟା ଭବନ, ଏମ.ଭି-୬୧ ଗସ୍ତ କରି ମଧ୍ୟାହ୍ନ ଭୋଜନର ମାନ ପରଖିବା ସହ ଛାତ୍ର ଛାତ୍ରୀଙ୍କ ସହ କଥା ହୋଇ ପିଲାଙ୍କ ପାଠପଢା, ସୁବିଧା ଅସୁବିଧା ବୁଝିଥିଲେ ଓ ତତ୍ ସହିତ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଅନ୍ୟାନ୍ୟ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି । ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଉପ ଜିଲ୍ଲାପାଳ ଅଶ୍ମି ଏ ଏଲ୍ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପଡିଆ ବିଡିଓ, ସହାୟକ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ମେଗା ରକ୍ତଦାନ ଦାନ ଶିବିର

କେନ୍ଦୁଝର, (ମହାଭାରତ) : ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଜୟନ୍ତୀ ତଥା ସେବାପକ୍ଷ ଅବସରରେ ଭାରତୀୟ ଜନତା ପାର୍ଟି ଜିଲ୍ଲା କାର୍ଯ୍ୟାଳୟରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ଏହି ଶିବିରରେ ଉତ୍ସାହିତ ରକ୍ତଦାତା ଙ୍କ ନିକଟରୁ ୧୭୨ ୟୁନିଟ ରକ୍ତ ସଂଗୃହିତ ହୋଇ ମାନବ କଲ୍ୟାଣ ନିମନ୍ତେ ଜିଲ୍ଲା ରକ୍ତ ଭଣ୍ଡାର କୁ ପ୍ରେରଣ କରାଯାଇଥିଲା। କେନ୍ଦୁଝରର ସାଂସଦ ଅନନ୍ତ ନାୟକ ଏବଂ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଏହି ଶିବିରରେ ଉପସ୍ଥିତ ରହି ଶିବିରକୁ ଉଦଘାଟନ କରିବା ସହିତ ଭାରତମାତା ଙ୍କ ଫୋଟ ଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସେହିପରି ବିଜେପି ପୂର୍ବତନ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା,ବିଜେପି ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ, ସାଂସଦ ପ୍ରତିନିଧି ହରିହର ମହାନ୍ତ, ଦିଲ୍ଲୀପ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ ଏବଂ ଶମ୍ଭୁନାଥ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ଏବଂ ଜ୍ଞାନ ରଂଜନ ସାମନ୍ତ ସିଂହାର, ଜିଲ୍ଲା ଉପସଭାପତି ଗୋପୀନାଥ ରାମ,ଜିଲ୍ଲା ସମ୍ପାଦକ ଦୀପକ ଜେନା ଏବଂ ଯଶସ୍ୱିନୀ ବଳ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଭାଗିରଥି ସିଂହ ପ୍ରମୁଖ ତଥା ଅନ୍ୟ ନେତୃବର୍ଗ ମାନେ ଉପସ୍ଥିତ ରହି ରକ୍ତଦାନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତ ଭଣ୍ଡାର ର ଡାକ୍ତର ବିପିନ ବିହାରୀ ପାତ୍ର ଙ୍କ ତତ୍ୱାବଧାନ ରେ ତଥା ସମସ୍ତ ସହଯୋଗୀ କର୍ମଚାରୀ ଙ୍କ ସହଯୋଗରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସାଂସଦ ଶ୍ରୀ ଅନନ୍ତ ନାୟକ ଏବଂ ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ରକ୍ତଦାତା ଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଜେପି ର ମଣ୍ଡଳ ସଭାପତି ତଥା ମୋର୍ଚ୍ଚାର ନେତୃତ୍ୱ ଓ କାର୍ଯ୍ୟକର୍ତ୍ତା ମାନଙ୍କ ସହଯୋଗରେ ଏହି ରକ୍ତଦାନ ଶିବିର ସାଫଲ୍ୟମଣ୍ଡିତ ହୋଇଥିଲା।

## ଉଦୟଗିରିରେ ସ୍ୱଚ୍ଛତା ପକ୍ଷ ପାଳିତ

ବାଲିଚନ୍ଦ୍ରପୁର, (ମହାଭାରତ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଜୟନ୍ତୀ ଅବସରରେ ଆଜି ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରି ଠାରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଥିଲା। ଏଥିରେ ଉଦୟଗିରି ବୁଦ୍ଧଦେବ କଲେଜ ଛାତ୍ରଛାତ୍ରୀ, ବୁଦ୍ଧ ମହୋତ୍ସବ ସମିତିର ସଭ୍ୟ ସଭ୍ୟା, ସ୍ଥାନୀୟ ସ୍ୱୟଂ ସହାୟିକା ଗ୍ରୁପର ମହିଳା ମାନେ, ଲୋକ ପ୍ରତିନିଧି ଓ଼ ସ୍ଥାନୀୟ ଭଦ୍ରଲୋକ ମାନେ ଭାଗ ନେଇଥିଲେ । ଜିଲ୍ଲାପାଳ ଅମ୍ବର କୁମାର କର, ତହସିଲଦାର ମାନସ କୁମାର ତ୍ରିପାଠୀ, ବିଡ଼ିଓ ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ଟୁରିଷ୍ଟ ଅଧିକାରୀ ତାପସ କୁମାର ସାହୁ, ସହକାରୀ କଲେକଟର (ତାଲିମ ) ସୁରଙ୍କିତ ସାହୁ, ବୁଦ୍ଧ ଦେବ କଲେଜ ଅଧକ୍ଷ ଦୁଃଶାସନ ସାହୁ ଓ଼ ସାଥିମାନେ, ସରପଞ୍ଚ ଶୋଭା ବଜ୍ରକବାଟ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ଜିଲ୍ଲା କର୍ତୃପକ୍ଷ, ପର୍ଯ୍ୟଟନ ବିଭାଗ, ଓ଼ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମେଗା ସ୍ୱଚ୍ଛତା କାର୍ଯ୍ୟକ୍ରମ ରେ ମାଧପୁର ବୌଦ୍ଧ ମହା ବିହାର ଓ଼ ତୋଷାଳୀ ଅଭ୍ୟର୍ଥନା କେନ୍ଦ୍ର ପରିସରକୁ ସଫେଇ କରାଯାଇଥିଲା ।

## ଲକ୍ଷ୍ମୀପୂର ପଞ୍ଚାୟତ ସମିତିରେ ବଡ ପରିମାଣରେ ଜନଶୁଣାଣି




ଲକ୍ଷ୍ମୀପୂର, (ମହାଭାରତ) : ଆଜି ଲକ୍ଷ୍ମୀପୂର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପ୍ରାଙ୍ଗଣରେ ବଡ ପରିମାଣରେ ମିଳିତ ଜନଶୁଣାଣି ଆୟୋଜିତ ହୋଇଥିଲା । ଏହି ଅବସରରେ କୋରାପୁଟ ଜିଲ୍ଲାପାଳ, ଜିଲ୍ଲା ପୋଲିସ ଅଧୀକ୍ଷକ (ଝଚ), ଉପ ଜିଲ୍ଲାପାଳ, ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ । ଶୁଣାଣିରେ ଲକ୍ଷ୍ମୀପୂର ବ୍ଲକର ବିଭିନ୍ନ ଗ୍ରାମରୁ ସେକଡ଼ାଧିକ ଲୋକ ଯୋଗଦେଇ, ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ କରିଥିଲେ । ପ୍ରାୟ ୭୦ଟି ଅଭିଯୋଗ ଏହି ଶୁଣାଣିରେ ଦାଖଲ ହୋଇଥିଲା ବୋଲି ସୂତ୍ରରୁ ଜଣାପଡିଛି । ଅଭିଯୋଗମାନଙ୍କ ମଧ୍ୟରୁ ଅଧିକାଂଶ ପାଣି ସମସ୍ୟା, ରାସ୍ତାର ଦୁରବସ୍ଥା, ପ୍ରଧାନମନ୍ତ୍ରୀ ଆବାସରେ ଅନିୟମିତତା, ବିଜୁଳି ସୁବିଧା, ପ୍ରଶାସନିକ ଅବହେଳା, ଓଡ଼ିଆ ମାଟିରେ ଲୋକଙ୍କ ଜୀବନୋପାର୍ଜନ ସମସ୍ୟା ସହିତ ସମ୍ବନ୍ଧିତ ଥିଲା । ଜନସାଧାରଣଙ୍କୁ ଧୈର୍ଯ୍ୟର ସହ ଶୁଣି, ଜିଲ୍ଲାପାଳ ଶ୍ରୀ ସତ୍ୟବାନ ମହାଜନ ସମସ୍ତଙ୍କୁ ନିଶ୍ଚିତ କରିଥିଲେ ଯେ ଅଭିଯୋଗଗୁଡିକୁ ଗୁରୁତ୍ୱ ର ସହିତ ନେଇ ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ଆହୁରି କହିଥିଲେ, "ଜନତାଙ୍କ ଅଭିଯୋଗ ଓ ସମସ୍ୟାକୁ ସିଧାସଳଖ ଶୁଣିବା, ପ୍ରଶାସନର ପ୍ରାଥମିକ କର୍ତ୍ତବ୍ୟ । ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଏକାଗ୍ର ଚେଷ୍ଟା କରିବ ।" ଏହି ଜନଶୁଣାଣି ପ୍ରତିକ୍ରିୟାରେ ସ୍ଥାନୀୟ ଲୋକେ ପ୍ରଶାସନଙ୍କୁ ସ୍ୱାଗତ କରିଥିଲେ ଓ ଆଶା ବ୍ୟକ୍ତ କରିଥିଲେ ଯେ ଦୀର୍ଘଦିନ ଧରି ସମସ୍ୟା ରେ ପଡିରୋହିଥିବା ସମସ୍ୟାମାନଙ୍କର ସମାଧାନ ଏହି ପଦକ୍ଷେପରେ ସମ୍ଭବ ହେବ । ସାଧାରଣ ଲୋକଙ୍କ ଉପସ୍ଥିତି, ପ୍ରଶାସନର ସିଧାସଳଖ ହସ୍ତକ୍ଷେପ ଓ ସମସ୍ୟା ସମାଧାନରେ ଦିଆଯାଇଥିବା ଆଶ୍ୱାସନ, ଏହି ଲକ୍ଷ୍ମୀପୂର ଜନଶୁଣାଣିକୁ ବିଶେଷ ଗୁରୁତ୍ୱପୂର୍ଣ୍ଣ କରିଥିବା ଦେଖିବାକୁ ମିଳିଥିଲା ।

## ଅଜଣା ଗାଡି ଧକ୍କାରେ ବାଇକ୍ ଆରୋହୀ ମୃତ

ବିଷମ କଟକ, (ମହାଭାରତ): ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ଥାନା ଅନ୍ତର୍ଗତ ହାଟମୁନିଗୁଡ଼ା ପଞ୍ଚାୟତର ବୁର୍ଜୁଗୁଡା ପେଟ୍ରୋଲ ପମ୍ପ ନିକଟରେ ରବିବାର ରାତିରେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ବନ୍ଧୁଗୁଡା ଗ୍ରାମର କାର୍ତ୍ତିକ ଡୁଙ୍ଗାଙ୍କ ପୁଅ ପ୍ରଧାନ ଡୁଙ୍ଗା (୩୫) ବାଇକ୍‌ରେ ସୈଦାପତ୍ର ସାମଗ୍ରୀ କିଣି ଘରକୁ ଯାଉଥିବା ବେଳେ ରାତି ୧୦ଟାରୁ ୧୧ଟା ମଧ୍ୟରେ ଏକ ଅଜଣା ଗାଡି ଧକ୍କା ମାଡ଼ିଥିଲା। ଏହି ଧକ୍କାରେ ସେ ଘଟଣାସ୍ଥଳରେ ଫିଟିହୋଇ ମୃତ୍ୟୁବରଣ କରିଥିଲେ। ସକାଳେ ଗ୍ରାମବାସୀମାନେ ରାସ୍ତାରେ ପଡ଼ିଥିବା ମୃତଦେହ ଓ ଭାଙ୍ଗିଯାଇଥିବା ବାଇକ୍‌କୁ ଦେଖି ମୃତକଙ୍କ ପରିବାରକୁ ଖବର ଦେଇଥିଲେ ପରେ ପରିବାର ବର୍ଗ ଓ ସ୍ଥାନୀୟ ଲୋକ ରାଜରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ



ପାଟଣା:-(ମହାଭାରତ)ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସୋମବାର ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସାଧାରଣ ଜନତାଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା ।ଏଥିରେ ଉଚ୍ଚ ରକ୍ତ ଚାପ, ମଧୁମେହ ରକ୍ତ ହୀନତା, ଯକ୍ଷ୍ମା ସିକିଲସେଲ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ପୁଷ୍ଟି ହୀନତା, ଦାନ୍ତ ପରୀକ୍ଷା, ମୁଖ ଗହ୍ୱର, ସ୍ତନ କର୍କଟ, କିଶୋରୀ ବାଳିକା ଙ୍କ ଯତ୍ନ ଆଦିର ଡାକ୍ତର ମାନଙ୍କ ଦ୍ୱାରା ପରୀକ୍ଷା ସହିତ ସ୍ୱାସ୍ଥ୍ୟ ଗତ ପରାମର୍ଶ ଦିଆ ଯାଇଥିଲା । ପୁଷ୍ଟି ସାର ଖାଦ୍ୟର ଶରୀର ପାଇଁ କେତେ ଆବଶ୍ୟକତା ରହିଛି ତା ଉପରେ ଗୁରୁତ୍ୱ ଦିଆ ଯିବା ସହ ସଚେତନତା ପାଇଁ ପରାମର୍ଶ ଦିଆ ଯାଇଥିଲା । କାର୍ଯ୍ୟକ୍ରମ ରେ କେନ୍ଦୁଝର ସାଂସଦ ପାଟଣା ପ୍ରତିନିଧି ପ୍ରହ୍ଲାଦ ପଲେଇ, ପାଟଣା ବିଧାୟକ ପ୍ରତିନିଧି କମଳା କାନ୍ତ ଦାଶ, ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ଶୁଭେନ୍ଦୁ ସାଗର କୁମାର ନାଏକ, ପାଟଣା ସୁରକ୍ଷା କମିଟି ଆବାହକ ବିଜୟ ରତ୍ନ ପତି,ସାମାଜିକ କର୍ମୀ ଯୁଗଳ କିଶୋର ଦାଶ ପ୍ରମୁଖଙ୍କ ସହିତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଗୀତାଞ୍ଜଳି ପାତ୍ର, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରାଧାରମଣ ସାହୁ, ଡାକ୍ତର ଯାଜ୍ଞସେନୀ ମହାନ୍ତ , ଡ଼ାକ୍ତର କାଶିଶ ଗୁପ୍ତା , ଆୟୁଷ ଡାକ୍ତର ପାର୍ଥସାରଥୀ ଦାଶ, ପ୍ରମୁଖ ସାମିଲ ଥିଲେ । କାର୍ଯ୍ୟକ୍ରମରେ ଜନ ସ୍ୱାସ୍ଥ୍ୟ ଅଧିକାରୀ ସରୋଜିନୀ ସେଠୀ, ବିପିଏମ ଦୀପକ କୁମାର ନାୟକ, ଓ ଅନ୍ୟ କର୍ମଚାରୀ ମାନେ ପରିଚାଳନା ଗତ ସହଯୋଗ ଯୋଗାଇଥିଲେ ।

## ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନର ପରିବେଶ ଓ ଶିକ୍ଷାଦାନ ଅବ୍ୟବସ୍ଥା



କେନ୍ଦୁଝର,(ମହାଭାରତ):ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନର ପରିବେଶ ଓ ଶିକ୍ଷାଦାନ ଅବ୍ୟବସ୍ଥା ନେଇ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ବିନିଦା ପଞ୍ଚାୟତ ମସାଣିଯୋଡି ଜୁଆଙ୍ଗ ସାହି ବାସିନ୍ଦା ଜିଲ୍ଲାପାଳ ଙ୍କୁ ଅଭିଯୋଗ କରିଛନ୍ତି ।ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନର ଜରିଆରେ କେବଳ ପିଭିଟିଜି ଜୁଆଙ୍ଗ ଛାତ୍ରୀ ଙ୍କୁ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଶିକ୍ଷାଦାନ ଚଳିଛି ।ଛାତ୍ରୀବାସରେ ୨ଶହ ଛାତ୍ରୀ ରହୁଛନ୍ତି ।ତେବେ ଏତେ ସଂଖ୍ୟାରେ ରହୁଥିବାରୁ ପାଠପଢା ପାଇଁ ବିଦ୍ୟାଳୟରେ ବହୁ ସମସ୍ୟା ଦେଖାଦେଇଛି ।ଶିକ୍ଷାଦାନ ର ଅବ୍ୟବସ୍ଥା,ଯୋଗ୍ୟ ଶିକ୍ଷକର ଅଭାବ,ଛାତ୍ରୀ ମାନଙ୍କୁ ନିମ୍ନ ମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି।ଯକାହାରି ଦେହ ଖରାପ ହେଲେ ମେଡିକାଲ ନେବାର ସୁବିଧାନାହିଁ ।ବିଦ୍ୟାଳୟରେ ପାଣିର ସମସ୍ୟା ରହିଥିବା ରୁ ପିଲାମାନେ ବହାର ବନ୍ଧକୁ ଗାଧୋଇାକୁ ଯାଉଛନ୍ତି ।ବ୍ୟବହୃତ ବହୁପରିମାଣରେ ପଲିଥିନ ବହୁପରିମାଣରେ ସ୍କୁଲ ବାହାରେ ପକାଯାଉଥିବାରୁ ଗୃହପାଳିତ ଗାଈ ଗୋରୁ ଖାଇ ମୃତ୍ୟୁ ବରଣ କରୁଥିବା ଜଣାପଡିଛି ।ବିଦ୍ୟାଳୟ ଦଣ୍ଡମୁକ୍ତ ହୋଇଥିଲେହେଁ ଛାତ୍ରୀମାନଙ୍କୁ ମାଡମାରି ନିର୍ଯ୍ୟାତନା ଦିଆଯାଉଛି ।ଏନେଇ ଅଭିଭାବକ ମାନେ ବିରୋଧ କଲେ ଧମକ ଚମକ ଦିଆଯାଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି ।ଗାଁର ପ୍ଲଟନଂ ୮୩/୮୯ କିସମ ଗ୍ରାମ ଜଙ୍ଗଲ ସରକାରୀ ଜମି ଜର ଜରଜବରଦସ୍ତ ଦଖଲ କରିଛି ।ପ୍ରକଳ୍ପ ର ସ୍କୁଲ କମିଟି ଗଠିତ ହୋଇନଥିବାବେଳେ ଗାର୍ଡଆନ ବୈଠକ ବସୁନିୟଚିକିତ୍ସା ଅଭାବରୁ ଦୁଇଜଣ ଛାତ୍ରୀ ମୃତ୍ୟୁ ବରଣ କରିଛନ୍ତି ।ଏଠାରେ ୧୨ଜଣ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ମଧ୍ୟରୁ ଚାରିଜଣ ଶିକ୍ଷକ ରହିଥିବା କୁହାଯାଉଛି ।ପ୍ରଭାକର ଜୁଆଙ୍ଗ,ସୁରେଶ ଜୁଆଙ୍ଗକୃଷ୍ଣଚନ୍ଦ୍ର ଜୁଆଙ୍ଗ,ସଞ୍ଜୟ ଜୁଆଙ୍ଗ,ଗୋବର୍ଦ୍ଧନ ଜୁଆଙ୍ଗ,ନିଳମଣି ଜୁଆଙ୍ଗ,ପ୍ରଦୀପ କୁମାର ଜୁଆଙ୍ଗ,ଅଭି ଜୁଆଙ୍ଗ,ଶରତ କୁମାର ବାରିକ୍,ତନୁ ଜୁଆଙ୍ଗ,ଈଶ୍ୱର ଜୁଆଙ୍ଗ,ପ୍ରକାଶ ଜୁଆଙ୍ଗ,ନବ ଜୁଆଙ୍ଗ ପ୍ରମୁଖ ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନ ବିରୁଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

## ଡେଙ୍ଗୁ ଓ ମ୍ୟାଲେରିଆ ଉପରେ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର (ମହହାଭାରତ): ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ଲକ୍ଷ୍ମୀନାରାୟଣ କଲେଜ ଠାରେ ଆଜି ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଡେଙ୍ଗୁ ଓ ମ୍ୟାଲେରିଆ ରୋଗର କାରଣ ଓ ନିରାକରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହା ଆଇନଗତ ଅନୁପାଳନ ଆୟୋଗ ଓ ଗ୍ରାହକ କଲ୍ୟାଣ ତରଫରୁ ମିଳିତ ପଦକ୍ଷେପ ଅଟେ । ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇ ମୁଖ୍ୟ ଅତିଥିଭାବେ ଉକ୍ତ କଲେଜ ର ଅଧ୍ୟକ୍ଷ ନିରାକାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନ ର ଉପଦେଷ୍ଟା ଭକ୍ତବତ୍ସଳ ମହାନ୍ତି, ସମ୍ମାନିତ ଅତିଥିଭାବେ ଡାକ୍ତର ପୁଷ୍ପାରାଣୀ ପଟ୍ଟନାୟକ, ଡାକ୍ତର ପ୍ରିୟବ୍ରତ ଦାସ, ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସାହୁ, କଲ୍ୟାଣ କୁମାର ସାହୁ ଓ ଅଲେଖ ପ୍ରସାଦ ସାହୁ ଯୋଗଦାନ କରିଥିଲେ । ପ୍ରଥମେ ମା ତାରିଣୀ ଓ ପ୍ରଭୁ ଲକ୍ଷ୍ମୀନାରାୟଣ ଙ୍କ ଫଟୋ ଚିତ୍ରରେ ଧୂପଦୀପ ପ୍ରଜ୍ୱଳନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଉପଦେଷ୍ଟା ଭକ୍ତବତ୍ସଳ ମହାନ୍ତି। କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ପ୍ରଗତି ସଂଗଠନ ର ସଭାପତି ମନୋଜ କୁମାର ମହାନ୍ତ । ସମ୍ପାଦକ ରଞ୍ଜିତ କୁମାର ମହାନ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । କିପରି ଏଡିସ ମଶା କାମୁଡ଼ିଲେ ଡେଙ୍ଗୁ ଓ ମାଇ ଏନୋଫିଲସ ମଶା କାମୁଡିବା ଦ୍ୱାରା ମ୍ୟାଲେରିଆ ହୋଇଥାଏ ସେ ସମ୍ପର୍କରେ ରିଫ୍ଲେକ୍ଟର ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ କୁହାଯାଇଥିଲା , ତ୍ୱ ସହିତ କେଉଁ ପଦକ୍ଷେପ ଗ୍ରହଣ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନ ତ୍ରିଲୋଚନ ମହାନ୍ତ, ସୁବାଷ୍ ମହାନ୍ତ,ସଞ୍ଜୟ କୁମାର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ,ବିପିନ ବିହାରୀ ମହାନ୍ତ,ତାପସ ଲୋହାର, ହୃଷୀକେଶ ମହାନ୍ତ ଓ ଅନ୍ୟାନ୍ୟ ସଭ୍ୟ ସଭ୍ୟା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଶେଷ ପର୍ଯ୍ୟାୟରେ ପାରାଦୀପ ବିଶ୍ୱକର୍ମା ପୂଜା

## ବିବିଏମଏସ, ଜେଟିଓଏ,ପିଟିଓଏ,ପିଡିଓଏ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା



ପାରାଦୀପ(ମହାଭାରତ): ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ସଫଳତାର ସହ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ।ସାତଦିନ ବ୍ୟାପି ଏହି ମହୋତ୍ସବ ସେପ୍ଟେମ୍ବର ୨୩ ତାରିଖ ମଙ୍ଗଳବାର ଦିନ ଉଦଯାପିତ ହୋଇ ବୁଧବାର ଦିନ ସମସ୍ତ ମେଢ଼ ସାମୁହିକ ଭାବେ ବିସର୍ଜନ ହେବ । ତେବେ ଏଥର ପୂଜାରେ ମୂର୍ତ୍ତି, ବାହ୍ୟ ଓ ଭିତର ସମେତ ଆଲୋକ ସଜ୍ଜାରେ ଭାରତୀୟ ବନ୍ଦର ମଜଦୁର ସଙ୍ଘ (ବିବିଏମଏସ), ଜଗନ୍ନାଥ ଟ୍ରକ ଓନର୍ସ ଆସୋସିଏସନ (ଜେଟିଓଏ), ପାରାଦୀପ ଟ୍ରକ ଓନର୍ସ ଆସୋସିଏସନ (ପିଟିଓଏ), ପାରାଦୀପ ଡମ୍ପର ଓନର୍ସ ଆସୋସିଏସନ (ପିଡିଓଏ) ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ଦେଖିବାକୁ ମିଳିଛି । ତେବେ ମଙ୍ଗଳବାର ଅନ୍ତିମ ଦିବସ ସନ୍ଧ୍ୟାରେ ପୂଜା ସୂଚନା କେନ୍ଦ୍ରରେ ଆୟୋଜିତ ହେବାକୁ ଥିବା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଏମାନଙ୍କ ମଧ୍ୟରୁ କିଏ କୋଉଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବେ ତାହା ଜଣାପଡିବ । ତେବେ ଚଳିତଥର ପାରାଦୀପ ପୋର୍ଟ ମଜଦୁର ସଙ୍ଘ (ପିପିଏମଏସ) ପ୍ରଥମଥର ପୂଜା ମୈଦାନ କୁ ଓହ୍ଲାଇଛି । ୟୁନିୟନ ସଭାପତି ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଏବଂ କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରାଙ୍କ ତତ୍ତ୍ୱାବଧାନରେ ଯଥା ରିତିନୀତିରେ ୟୁନିୟନ ପରିସର ନିକଟରେ ମହା ସମାରୋହରେ ପୂଜା ଉତ୍ସବ ପାଳନ କରାଯାଉଛି ।

## ପାଟଣାଗଡ଼ ଠାରେ ତହଁକ କୁଟୁମ୍ବ ର ୧୧ ତମ ନୂଆଖାଇ ଭେଟଘାଟ



ପାଟଣାଗଡ଼ ( ମହାଭାରତ ) ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଠାରେ ତହଁକ୍ କୁଟୁମ୍ ର ନୁଆଁଖାଇ ଜୁହାର୍ ଭେଟ୍, ଶତାଧିକ କବି କଳାକାର ଏକାଠି ବସି ଖାଇଲେ ନୂଆଁଚୂରାକୁଣା । ସଂସ୍କୃତି ହିଁ ଗୋଟିଏ ଅଞ୍ଚଳକୁ ପରିଚୟ ଦେଇଥାଏ । ପଶ୍ଚିମ ଓଡିଶା ଲୋକ ତିହାର୍ ନୁଆଁଖାଇ ସମସ୍ତଙ୍କୁ ଗୋଟିଏ ସୁତାରେ ବାନ୍ଧି ରଖିବାରେ ମୂଖ୍ୟ ଭୂମିକା ନେଇଥାଏ ଏହି ବାର୍ତ୍ତା ନେଇ ପଶ୍ଚିମ ଓଡିଶାର ଅଗ୍ରଣୀ ଅନୁଷ୍ଠାନ ତହଁକ କୁଟୁମ ସ୍ଥାନୀୟ ପାଟଣାଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ୧୧ ତମ ନୂଆଁଖାଇ ଜୁହାର ଭେଟ୍ କାର୍ଯ୍ୟକ୍ରମ ଆୟୋଜିତ କରିଛି । ପ୍ରଥମେ ଅଧିଷ୍ଠାତ୍ରୀ ଦେବୀ ମାଁ ପାଟଣେଶ୍ୱରୀ ଙ୍କ ମନ୍ଦିରରେ ତହଁକ ମୁଖିଆ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ତାପରେ ପଶ୍ଚିମ ଓଡିଶାର ଦିବଂଗତ ସାରସ୍ୱତ ସାଧକ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ତାଙ୍କ ସ୍ମୃତି ରେ ନୁଆଁଖାଇ ମଞ୍ଚ□ ସମର୍ପଣ କରାଯାଇଥିଲା । କୁଟୁମ୍ ଏଗାର ବର୍ଷ ପୁରଣ ହୋଇଥିବାରୁ ଏଗାର ଜଣ ନାରୀ କବୟିତ୍ରୀ ଙ୍କ ଦ୍ୱାରା ଏଗାର ଟି ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରାଯାଇଥିଲା । ପରେ ପଶ୍ଚିମ ଓଡିଶାର ପାରମ୍ପରିକ ରିତିନୀତି ଅନୁସାରେ ସମସ୍ତେ ତଳେ ବସି ସରିଆଁ ଧାନର ଚୂରାକୁଣା ଓ ଆରସା ପିଠା ଇଷ୍ଟଦେବୀ ଙ୍କୁ ସମର୍ପଣ କରି ସେବନ କରିଥିଲେ । ପ୍ରଥମ ଅଧିବେଶନ ରେ ସମାଜସେବୀ ରାଜେଶ ଶର୍ମା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସଂଘର ସଭାପତି ସମାଜସେବୀ ସୁଶିଲ ଗୁରୁ, ସମ୍ମାନିତ ଅତିଥି ଭାବେ ଡ. ନିରଞ୍ଜନ ପଣ୍ଡା, ଆଇନଜୀବୀ ଆଶିଷ କୁମାର ଚନ୍ଦନ, ସାଂସ୍କୃତିକ ପରିଷଦ ସମ୍ପାଦକ ଦିଲ୍ଲିପ କୁମାର ମିଶ୍ର, ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ଭୋକ୍ତା, କବି ନିରଞ୍ଜନ ପଣ୍ଡା ମଞ୍ଚାସୀନ ରହି କୋସଲି ଭାସାର ସରକାରୀ ମାନ୍ୟତା ଓ ନୂଆଁଖାଇ, ପୁଷପୁନି ପରି ମହାନ ପରମ୍ପରାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ତହଁକ ସଂପାଦକ ରାଜେଶ ଦଣ୍ଡସେନା ତହଁକ ର ଏଗାର ବର୍ଷର ଯାତ୍ରା ଓ ସଂସ୍କୃତି ଉପରେ ବିଭିନନ୍ନ କାର୍ଯ୍ୟକ୍ରମ କରିଥିବା ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ । ମୁଖ୍ୟ ପ୍ରଭାରୀ ଶ୍ରୀୟାକାନ୍ତ ଦାସ ସ୍ୱାଗତ ଅଭିଭାଷଣ ଦେଇ ଥିବାବେଳେ ତହଁକ ମୁଖ୍ୟ ସଂପାଦକ ଅର୍ଜୁନ କୁମାର ସାହୁ ସଭା ପରିଚାଳନା କରିଥିଲେ । ଯୁବ କବି ଗୋବର୍ଦ୍ଧନ ନାଏକଙ୍କ ଅନମୁନସିଆ କାବ୍ୟ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କୋସଲି ଭାସା ପ୍ରଚାରପ୍ରସାର ରେ ନିଜକୁ ସମର୍ପିତ କରିଥିବା କବୟିତ୍ରୀ ଜ୍ୟୋତିରାଣୀ ମିଶ୍ର ଓ ପୁଷ୍ପାଞ୍ଜଳି ମେହେର ଙ୍କୁ ତହଁକ ନାରୀ ପ୍ରତିଭା ସମ୍ମାନ ରେ ସମ୍ମାନିତ କରାଯାଇଥିଲା । ଦ୍ୱିତୀୟ ଅଧିବେସନରେ କବି ଗୋପିନାଥ ଦଣ୍ଡସେନାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କୋସଲି କବିତା ଆସରରେ କବି ମଧୁସୂଦନ ଦାସ୍, ରାଜେନ୍ଦ୍ର ମହାନ୍ତି, ସଂଯୁକ୍ତା ପରିଚ୍ଛା, ରାଣା ପ୍ରଧାନ, ତନ୍ମୟୀ ଅଗସ୍ତି , ସୁଶାନ୍ତ ବାଗ ଅତିଥି ଭାବେ ମଞ୍ଚାସୀନ ଥିଲେ । କବି ଦିଲିପ ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଧର୍ମେନ୍ଦ୍ର ପ୍ରଧାନ ସଭାପରିଚାଳନା କରିଥିଲେ । କବିତା ଆସରକୁ ଭରତ ମେହେର, ନିକିତା ସା, ସୁଦେଷନା ମିଶ୍ର, ପ୍ରଭାସିନୀ ଭୋଇ, ଅକ୍ରୁର ବାଗ୍, ସାଲିନୀ ସା, ଗିରିଶ ପାତ୍ର, ବିବେକା ପ୍ରଧାନ ସଂଯୋଜନା କରିଥିଲେ ।

## ଶିକ୍ଷକଙ୍କ ବଦଳିକୁ ବାତିଲ କରିବା ନେଇ ବିଦ୍ୟାଳୟ ଗେଟରେ ତାଲା ପକେଇ ଧାରଣା ଦେଲେ ଗ୍ରାମବାସୀ



ରାଇଘର, (ମହାଭାରତ):ଶିକ୍ଷକଙ୍କ ବଦଳିକୁ ବାତିଲ କରିବା ନେଇ ବିଦ୍ୟାଳୟ ଗେଟରେ ତାଲା ପକେଇ ଧାରଣା ଦେଲେ ଗ୍ରାମବାସୀ । ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମଞ୍ଜୁଷାପାରା ଗ୍ରାମର ଶିକ୍ଷକ ଶ୍ରୀ ଚନ୍ଦନ କୁମାର ସେଠି ବିଗତ ୨୦୨୪ ସେପ୍ଟେମ୍ବର ୧୧ ତାରିଖରେ ଭାରଶୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଞ୍ଜୁଷାପାରା ପ୍ରାଥମିକ ବିଦ୍ୟାଳୟରେ ବଦଳି/ଡେପୁଟେସନ ହୋଇ ଯାଇଥିଲେ । ସରକାରଙ୍କ ନିୟମ ଅନୁଯାଇ ପୁନର୍ବାର ଭାରଶୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଜୋଇନିଙ୍ଗ ବା ଯୋଗଦେବା ନିମନ୍ତେ ତାରିଖ ସେପ୍ଟେମ୍ବର ରେ ଏକ ନୋଟିସ ହୋଇଛି ଏବଂ ମଞ୍ଜୁଷାପାରାରେ ପୁରୁଣା ଶିକ୍ଷକ ଶ୍ରୀ ରାଜେନ୍ଦ୍ର ନାଗେଶଙ୍କୁ ଯୋଗଦେବା ନିମନ୍ତେ ନିର୍ଦ୍ଦେଶ ହୋଇଛି କିନ୍ତୁ ମଞ୍ଜୁଷାପାରା ଗ୍ରାମବାସୀ ଓ ଛାତ୍ର/ଛାତ୍ରୀ ଚନ୍ଦନ ସାରଙ୍କୁ ଆଉ ଛାଡିବାକୁ ନାରାଜ । ଜିଦ ଧରିଛନ୍ତି ଆମକୁ ଚନ୍ଦନ ସାର ଦରକାର ରାଜେନ୍ଦ୍ର ସାର ଦରକାର ନାହିଁ ।ଚନ୍ଦନ ସାର ଆମକୁ ଭଲ ପାଠ ପଢାନ୍ତି, ଭଲ ଡିଉଟି କରନ୍ତି ଏବଂ କେହି ସ୍କୁଲ ନଆସିଲେ ଘରେ ଡାକିବା ପାଇଁ ନିଜେ ଯାଆନ୍ତି । ରାଜେନ୍ଦ୍ର ସାର ଆସିଲେ ଆମେ ସବୁ ବର୍ବାଦ ହୋଇଯିବୁ ତେଣୁ ସରକାରଙ୍କୁ ପିଲା ଓ ଗ୍ରାମବାସୀଙ୍କ ଗୁହାରି ଶୁଣିବାକୁ ଦାବି ହୋଇଛି ।

## ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଙ୍କୁ ଇଓଡବ୍ଲୁର ନୋଟିସ

## ୮୦ କୋଟି ଟଙ୍କା ଲୁଟ୍ ର ଇଓଡବ୍ଲୁ କରୁଛି ତଦନ୍ତ

ଭାପୁର, ( ମହାଭାରତ ) : ନୟାଗଡ଼ ଭାପୁରରେ ଇଓଡବ୍ଲୁ ପକ୍ଷରୁ ଛାଉଭିଉୟ ଅଧ୍ୟକ୍ଷାଙ୍କ ଜାଲ ଦସ୍ତଖତ କରି ଦୁଇ ଶହ ଛଅ କୋଟି ଟଙ୍କା ର ଫଲ୍ସ ବିଲ୍ କରି ଟଙ୍କା ହଡ଼ପ କରିବା ଅଭିଯୋଗରେ ଭାପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଗୟାଧର ପରିଡ଼ା ଏବଂ ତାଙ୍କ ସହଯୋଗୀ ବନ୍ଧୁ ଜ୍ୟୋତି ରଞ୍ଜନ ପଣ୍ଡା ଏବଂ ଯୋଗୀନାଥ ସ୍ୱାଇଁଙ୍କୁ ଇଓଡବ୍ଲୁ ପକ୍ଷରୁ ନୋଟିସ ଜାରୀ କରାଯାଇଛି । ଏଥିସହ ତଦନ୍ତରେ ସହଯୋଗ କରିବା ପାଇଁ ଇଓଡବ୍ଲୁ ରେ ହାଜର ପାଇଁ କୁହାଯାଇଛି । ଏହାକୁ ନେଇ ଭାପୁର ରାଜନୈତିକ ମହଲରେ ହଲଚଲ ଦେଖିବା ପାଇଁ ମିଳିଛି । ଅଭିଯୋଗ ଅନୁଯାୟୀ ୨୦୨୨ ମସିହାରେ ଭାପୁର ବ୍ଲକରେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ବେହେରା ଙ୍କ ଜାଲ ଦସ୍ତଖତ କରି ଦୁଇ ଶହ ଛଅ କୋଟି ଟଙ୍କା ଫଲ୍ସ ବିଲ୍ କରି ଟଙ୍କା ହଡ଼ପ କରିବା ଘଟଣା ଲୋକାୟୁକ୍ତ ତଦନ୍ତରେ ଧରା ପଡିଥିଲା । ଏହାପରେ ଡିପାଟମେଣ୍ଟାଲ୍ ଆକ୍ସନ ହୋଇଥିଲା । ଏହି ମାମଲାରେ ବ୍ଲକର ତିନି ଜଣ ଜେଇ ନିଲମ୍ବିତ ହୋଇଥିବା ବେଳେ ସେମାନଙ୍କ ପାଖରୁ ମଧ୍ୟ ହଡ଼ପ ଟଙ୍କା ଆଦାୟ ହୋଇଛି । ଅନ୍ୟ ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ଘଟଣାରେ ଭାପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ବେହେରା ହାଇ କୋର୍ଟରେ ଅଭିଯୋଗ କରିଥିଲେ । ହାଇ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଇଓଡବ୍ଲୁ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି । ଅଭିଯୋଗ ଅନୁଯାୟୀ ଭାପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କ ଜାଲ ଦସ୍ତଖତ ବ୍ୟବହାର କରି ପୂର୍ବତନ ଉପାଧ୍ୟକ୍ଷ ଗୟାଧର ପରିଡ଼ା ଏବଂ ତାଙ୍କର ଦୁଇ ସହଯୋଗୀ ବନ୍ଧୁ ଜ୍ୟୋତି ରଞ୍ଜନ ପଣ୍ଡା ଏବଂ ଯୋଗୀନାଥ ସ୍ୱାଇଁ ମିଶି ବ୍ଲକର ୮୦ କୋଟି ଟଙ୍କା ଲୁଟ୍ କରିଥିବା ନେଇ ଶାନ୍ତିଲତା ହାଇକୋର୍ଟ ରେ ଅଭିଯୋଗ କରିଥିଲେ ।ଏହି ଘଟଣା ରେ ଇଓଡବ୍ଲୁ ପକ୍ଷରୁ ଭାପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଗୟାଧର ଏବଂ ତାଙ୍କ ଦୁଇ ସହଯୋଗୀ ବନ୍ଧୁଙ୍କୁ ତଦନ୍ତ ରେ ସହଯୋଗ କରିବା ପାଇଁ ନୋଟିସ୍ ହୋଇଥିବା ସୂଚନା ମିଳିଛି । ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭାପୁର ବ୍ଲକର ୮୦ କୋଟି ଟଙ୍କା ଦୁର୍ନୀତି କୁ ନେଇ ମୁହାମୁହିଁ ହୋଇଥିଲେ ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ଏବଂ ପୂର୍ବତନ ଉପାଧ୍ୟକ୍ଷ ଗୟାଧରଙ୍କ ମଧ୍ୟରେ । ଫତେଗଡ ଥାନାରେ କେଶ୍ କରିଥିଲେ ଶାନ୍ତିଲତା । ଏବେ ଗୟାଧର ପରିଡ଼ା ନୟାଗଡ଼ ଜିଲ୍ଲାର କଟକ ସାଂସଦ ଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି । କେନ୍ଦ୍ର ଓ ରାଜ୍ୟ ରେ ବିଜେପି ସରକାର ଥିବାରୁ କଟକ ସାଂସଦ ବିଜେପି ର ହୋଇଥିବାରୁ ଏବଂ ଖଣ୍ଡପଡ଼ା ବିଧାୟକ ଙ୍କ ଅତି ଘନିଷ୍ଠ ସହଯୋଗୀ ଗୟାଧର ହୋଇଥିବାରୁ ସାଧାରଣ ରେ ଚର୍ଚ୍ଚା ହେଉଛି କି ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଗୟାଧର ପରିଡ଼ା ଏହି ୮୦ କୋଟି ଟଙ୍କା ର ହେରଫେର ମାମଲାରେ ଇଓଡବ୍ଲୁ କରୁଥିବା ତଦନ୍ତ ରେ ସହଯୋଗ କରିବେ ନା ଇଓଡବ୍ଲୁ ଚୁପ୍ ବସିବ ।

## ଆସିକାର ବିଭିନ୍ନ ଦେବୀ ପୀଠରେ ଶାରଦୀୟ ନବରାତ୍ର ପୂଜା ଆରମ୍ଭ



ଆସିକା (ମହାଭାରତ): ଆସିକା ସହର ତଥା ଏହାର ଆଖପାଖ ଗ୍ରାମାଞ୍ଚଳର ବିଭିନ୍ନ ଦେବୀ ପୀଠ ରେ ଶରତ କାଳୀନ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଯାଇଛି । ଆଜି ସକାଳୁ ପଣ୍ଡିତ ମାନଙ୍କ ଦ୍ୱାରା ଋଷିକୂଲ୍ୟା ନଦୀରୁ ଗଙ୍ଗା ଆବାହନ, ବେଲଧିବାସ, ଅଙ୍କୁରା ରୋପଣ,ସୂର୍ଯ୍ୟ ପୂଜା, କଳସ ପୂଜା, ସଂକଳ୍ପ, ଦୀପ ସ୍ଥାପନ, ରକ୍ଷା ବନ୍ଧନ, ବ୍ରାହ୍ମଣ ବରଣ, ଦେବୀ ଆବାହନ, ପୀଠ ପୂଜା, ଆବରଣ ପୂଜା,ଗ୍ରହ ପୂଜା, ଦେବୀଙ୍କ ଷୋଡଶ ଉପଚାର ପୂଜନ, ହବନ, ଆ । ର ତ 1 , ପୁଷ୍ପାଞ୍ଜଳି ,ଇତ୍ୟାଦି ଅନୁଷ୍ଠିତ ହୋଇଥିଲା । ସହରର ବିଜେ ଦକ୍ଷିଣ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା ଖମ୍ବେଶ୍ୱେରୀ, ଏନ ଏ ସି ର ୱାର୍ଡ ନମ୍ବର ୧୩ ରେ ବିଜେ ଶ୍ୟାମାକାଳୀ, ସୁନାମ୍ବ ସାହିରେ ବିଜେ ଦଣ୍ଡ କାଳୀ, ବସ ଷ୍ଟାଣ୍ଡ ଠାରେ ବିଜେ ମା ବୁଢ଼ୀ ଠାକୁରାଣୀ, ତ୍ରିବିଧେଶ୍ୱେର ମନ୍ଦିର ରେ ବିଜେ ମା ପାର୍ବତୀ, ତାଲୁକା ରୋଡ ରେ ବିଜେ ବୈଷ୍ଣଦେବୀ ପୀଠ ରେ ନବ ଦିନାତ୍ମକ ଦେବୀ ପୂଜା ଅନୁଷ୍ଠିତ ହୋଇଯାଇଛି ।

## ୧୦୪ ଅଭିଯୋଗର ଶୁଣାଣୀ କଲେ ଜିଲ୍ଲାପାଳ



ଉଦଳା (ମହାଭାରତ ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ, ମୟୂରଭଞ୍ଜ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ବରୁଣ ଗୁଣ୍ଟୁପାଲି ଯୋଗ ଦେଇ ୧୦୪ ଗୋଟି ଜନ ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍‌ଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ଲକ୍ଷ୍ମୀକାନ୍ତ ପତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ ଯ ସମସ୍ତ ଅଭିଯୋଗ ମଧ୍ୟରେ ୮୬ ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୮ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୫ ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ ଜଣଙ୍କୁ ୫ ହଜାର ଲେଖାଏଁ ୧୫ ହଜାର, ଜଣଙ୍କୁ ୧୦ ହଜାର ଏବଂ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ମୋଟ ୩୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ କପ୍ତିପଦା ବ୍ଲକ ଶ୍ରୀ ସାଇ, ମାଙ୍କଡାଶୁଣୀ, ବିରାଟେଶ୍ୱରୀ, ମା ମଙ୍ଗଳା, ମା ବନଦୁର୍ଗା ଆଦି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କମ୍ ପରିମାଣର ସ୍କୁଲ ପୋଷାକ ଯୋଗାଇବା ଦାୟିତ୍ୱ ଦେଇ ଅନ୍ୟ ସଂସ୍ଥାକୁ ଅଧିକ ଯୋଗାଇବା ଦାୟିତ୍ୱ ଦେବା, ଝିଙ୍କପଦା, ବଣିଆଗାଁ, ସୌଭାଗ୍ୟଦେଇପୁର, ମାଛିଆ ଏବଂ ସୁଡୁସୁଡିଆ ରାଜସ୍ୱ ଗ୍ରାମକୁ କପ୍ତିପଦା ଏନଏସି ସ୍କେଚ୍ ମ୍ୟାପରୁ ବାଦ ଦେବା, ତଳିଆ ଗ୍ରାମର କୌଣସି ରାସ୍ତା ତଥା ଜମି ମାପ ନ କରିବା, ଗୌଡଗାଁ, କୁଆଗୋଠଣା, ନଛିପୁର ଏବଂ ଚୁଇଁପୋଷି ଗ୍ରାମରେ ବୁଲା ଷଣ୍ଢ ଚାଷ ନଷ୍ଟ କରୁଥିବାରୁ ସେମାନଙ୍କ ରକ୍ଷଣାବେକ୍ଷଣ ଦାୟିତ୍ୱ ସରକାରୀ ସ୍ତରରେ ନେବା,ମାଙ୍କଡାପଡା ପ□ାୟତ ପୋଷିସାହି ରୁ ଗୟଳମରା ରାସ୍ତା ନିର୍ମାଣ, ଗୋପବନ୍ଧୁନଗର ବ୍ଲକ ତଳକଡଦା ଗ୍ରାମରେ ଏସଟି ପ୍ରାର୍ଥୀନି ନ ଥିବା ହେତୁ ଅଙ୍ଗନବାଡି କେନ୍ଦ୍ର ପାଇଁ ଏସସି ପ୍ରାର୍ଥୀନୀ ଶିକ୍ଷୟିତ୍ରୀ ଚୟନ ନିମନ୍ତେ ଆଦେଶ ପ୍ରଦାନ ।

## ବ୍ଲକସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିର



ନୂଆଗାଁ (ମହାଭାରତର) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ପରିସରରେ ଥିବା ରାଜୀବଗାନ୍ଧୀ ସଦଭାବନା ଗୃହରେ ନୟାଗଡ଼ ଜିଲ୍ଲାପାଳଙ୍କ ବ୍ଲକ୍ ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ନୟାଗଡ କର୍ଣ୍ଣଦେବ ସମାଦ୍ଦାର , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁଶାନ୍ତ କୁମାର ଦାସ,ଏସପି ଏସ ସୁଶ୍ରୀ,ନୂଆଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡା, ଅମୃତ କୁମାର ରାଉଳ ,ତହସିଲଦାର ହେମନ୍ତ କୁମାର ନାୟକ, ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ସହ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଉକ୍ତ ଅଭିଯୋଗ ପ୍ରକୋଷ୍ଠରେ ମୋଟ ୭୯ଟି ଆପତ୍ତି ଅଭିଯୋଗ ହୋଇଥିଲା । ସେଥି ମଧ୍ୟରୁ ୭୦ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୦୯ଟି ଗ୍ରାମ୍ୟ ସମସ୍ୟା ଅଭିଯୋଗ ହୋଇଥିଲା ।ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆଧାରିତ ୦୧ଟି ହୋଇଥିବା ବେଳେ ରେଡ଼କ୍ରସ ରୁ କୌଣସି ଅଭିଯୋଗ ହୋଇନଥିଲା ।

## ବକ୍ସର-ଟାଟା ସୁପରଫାଷ୍ଟ ଏକ୍ସପ୍ରେସରେ ଅଗ୍ନିକାଣ୍ଡ



ଜାମତାରା : ଟ୍ରେନର ଏକ ବଗିରେ ହଠାତ୍ ଲାଗିଲା ନିଆଁ । ଅଳ୍ପକେ ବର୍ତ୍ତିଲେ ଯାତ୍ରୀ । ଏଭଳି ଏକ ଘଟଣା ଘଟିଛି ଝାଡଖଣ୍ଡର ଜାମତାରା ଜିଲ୍ଲାରେ । ବକ୍ସର -ଟାଟା ସୁପରଫାଷ୍ଟ ନାମକ ଟ୍ରେନ ଆଜି ବଡ଼ ଦୁର୍ଘଟଣାରୁ ଟଳି ଯାଇଛି । ନୂଆଦିଲ୍ଲୀ-ହାଓ୍ୱଡା ଭାୟା ପାଟନା ସେକ୍ସନର ବିଦ୍ୟାସାଗର ଏବଂ ଜାମତାରା ଷ୍ଟେସନ ମଧ୍ୟରେ କାଳାଝରିଆ ରେଳ ହଲ୍ଟ ନିକଟରେ ଏହି ଅଘଟଣ ଘଟିଥିଲା । ଯାହା ଫଳରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା । ଅନେକ ଯାତ୍ରୀ ଜୀବନ ବଞ୍ଚାଇବା ପାଇଁ ଚଳନ୍ତା ଟ୍ରେନରୁ ଡେଇଁ ପଡିଥିବା ଦେଖିବାକୁ ମିଳିଥିଲା । ଖବର ଅନୁସାରେ ଟ୍ରେନ୍ ଇଞ୍ଜିନ୍ ପଛରେ ଥିବା ତୃତୀୟ କୋଚ୍ ରୁ ହଠାତ୍ ଧୂଆଁ ହୋଇଥିଲା । ଯାହା ଫଳରେ ନିଆଁ ବାହାରି ଥିଲା । ଏହାକୁ ଦେଖିବା ମାତ୍ରେ ଲୋକୋ ପାଇଲଟ୍ ତୁରନ୍ତ ଟ୍ରେନ୍ ଅଟକାଇ ଦେଲେ । ଟ୍ରେନ୍ ଅଟକିବା ମାତ୍ରେ ଯାତ୍ରୀମାନେ ଡବାରୁ ଡେଇଁ ପଡ଼ି ଭୟରେ ଏଣେତେଣେ ଦୌଡ଼ିବାକୁ ଲାଗିଲେ । ଏହି ଘଟଣାରେ କେହି ଗୁରୁତର ଆହତ କିମ୍ବା ମୃତାହତ ହୋଇ ନ ନଥିବା ଖବର ମିଳିଛି । ତେବେ ଘଟଣାସ୍ଥଳରେ ଉପସ୍ଥିତ ରେଳ କର୍ମଚାରୀ ଏବଂ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ । ପ୍ରାୟ ୪୫ ମିନିଟ୍ ଚେଷ୍ଟା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ଯାତ୍ରୀମାନଙ୍କ ମଧ୍ୟରେ ଭୟଭୀତ ଥିବା ଯୋଗୁଁ ଅନେକ ଲୋକ ସେମାନଙ୍କର ସାମଗ୍ରୀ ସହିତ ଟ୍ରେନରୁ ଓହ୍ଲାଇ ଦେଇଥିଲେ । ପ୍ରଭାବିତ କୋଚରେ ଥିବା ଯାତ୍ରୀମାନଙ୍କୁ ପରେ ଏକ ଏସି କୋଚକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ଟ୍ରେନ ଚାଲିଥିଲା । ରେଳବାଇ ସୂତ୍ରରୁ ଜଣାପଡିଛି ଯେ ଦୁର୍ଘଟଣାର କାରଣ ଟ୍ରେନର ବ୍ରେକ୍ ବନ୍ଧିବାରୁ ଧୂଆଁ ଏବଂ ଅଣ୍ଡର- ଗିୟରରୁ ସ୍ପାର୍କିଂ ବୋଲି ଅନୁମାନ କରାଯାଉଛି । ବର୍ତ୍ତମାନ ଏହି ଘଟଣାର ତଦନ୍ତ ଚାଲିଛି । ଯାତ୍ରୀଙ୍କ ସୁରକ୍ଷା ପାଇଁ ଅତିରିକ୍ତ ସତର୍କତା ଅବଲମ୍ବନ କରିବାକୁ ରେଳବାଇ ପ୍ରତିଶ୍ରୁତି ଦେଇଛି । ଯଦିଓ କୌଣସି ବଡ଼ ଦୁର୍ଘଟଣା ଘଟିନାହିଁ, ଏହି ଘଟଣା ପୁଣି ଥରେ ରେଳ ଯାତ୍ରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି ।

## ପୋରବନ୍ଦରରେ ଜାହାଜରେ ଲାଗିଲା ନିଆଁ

ଗୁଜରାଟ : ସମୁଦ୍ର ମଝିରେ ଭୟଙ୍କର ନିଆଁ । ସମୁଦ୍ର ମଝିରେ ଥିବା ଜାହାଜ ହୁତୁହୁତୁ ହୋଇ ଜଳୁଛି । ଗୁଜରାଟ ପୋରବନ୍ଦରରେ ସମୁଦ୍ର ଭିତରେ ଜାହାଜରେ ଲାଗିଲା ନିଆଁ । ସୁଭାଷନଗର ଜେଟିରେ କାର୍ଗୋ ସିପରେ ନିଆଁ ଲାଗିଯାଇଥିଲା । ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇବା ମାତ୍ରେ ତିନୋଟି ଦମକଳ ଗାଡ଼ି ଘଟଣାସ୍ଥଳକୁ ପଠାଯାଇଥିଲା । ଜାମନଗର ସ୍ଥିତ ଐଜଗ ଝ ଝକ୍ଟଭୱ ର ଏହି ଡଙ୍ଗାରେ ଚାଉଳ ଏବଂ ଚିନି ବୋଝେଇ କରାଯାଇଥିଲା, ଯେଉଁଥିରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଛି ।



ଏଥିରେ ୯୫୦ ଟନ ଚାଉଳ ଏବଂ ୧୦୦ ଟନ ଚିନି ଲଦାଯାଇଥିଲା । ଚାଉଳ ବୋଝେଇ ହୋଇଥିବାରୁ ଜାହାଜରେ ନିଆଁ କିଛି ସମୟ ମଧ୍ୟରେ ଉଗ୍ର ରୂପ ନେଇଥିଲା, ତେଣୁ ଜାହାଜଟିକୁ ସମୁଦ୍ର ମଝିକୁ ଟାଣି ନିଆଯାଇଥିଲା । ଅଧିକ କିଛି କ୍ଷତି ନ ହେଉ ସେଥିପାଇଁ ସମୁଦ୍ରକୁ ୧୦୦ କିମି ଯାଏଁ ଟଣାଯାଇଥିଲା । ସୂଚନା ଅନୁଯାୟୀ, ଏହି ଜାହାଜଟି ସୋମାଲିଆର ବୋସାସୋ ଯାଉଥିଲା, ଯେତେବେଳେ କି ସେଥିରେ ନିଆଁ ଲାଗିଯାଇଥିଲା । ବର୍ତ୍ତମାନ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ କରାଯାଉଛି । ତଟରକ୍ଷାବାହିନୀ ନିଆଁ ଲିଭାଇବାକୁ ସମସ୍ତ ପ୍ରକାରର ଚେଷ୍ଟା କରୁଛି । ହେଲେ ଜାହାଜରେ ନିଆଁ କିପରି ଲାଗିଲା ତାହା ଜଣାପଡିନାହିଁ ।

## ବିମାନ ଚକରେ ବସି କାବୁଲରୁ ଦିଲ୍ଲୀ ଆସିଲେ ନାବାଳକ

ନୂଆଦିଲ୍ଲୀ : ସାଧାରଣତଃ ଆପଣମାନେ ଅନେକ ଥର ବିମାନରେ ଯାତ୍ରା କରିଥିବେ । କିନ୍ତୁ ଆପଣ କେବେ ବିମାନର ପଛଚକାରେ ବସି ଯାତ୍ରା କରିଛନ୍ତି କି ? ଶୁଣି ଆଶ୍ଚର୍ଯ୍ୟ ହେଲେ ନା ? ହଁ ଆଜ୍ଞା ଏଭଳି ଏକ ଘଟଣା ଘଟିଛି କାବୁଲରେ । ଜଣେ ଆଫଗାନିସ୍ତାନ ବାଳକ ବିମାନର ଷ୍ଟିଅରିଂ ପାଖରେ ବସି କାବୁଲରୁ ଦିଲ୍ଲୀ ଉଡ଼ାଣ କରିଥିଲା । ଦିଲ୍ଲୀ ବିମାନବନ୍ଦରର ଟର୍ମିନାଲ ୩ ର ଅଧିକାରୀମାନେ ତାଙ୍କୁ ଏକ ନିଷିଦ୍ଧ ଅଞ୍ଚଳରେ ଚାଲୁଥିବା ଦେଖି ପଚରାଉଚରା କରିଥିଲେ । ଯାହା ଫଳରେ ଘଟଣା ସାମ୍ନାକୁ ଆସିଥିଲା । ୧୩ ବର୍ଷୀୟ ଆଫଗାନିସ୍ତାନ ବାଳକଟି ଇରାନ ଭିତରକୁ ଲୁଚି ରହିବାକୁ ଚାହୁଁଥିଲା କିନ୍ତୁ ଭୁଲବଶତଃ ଭାରତ ଯାଉଥିବା ଏକ ବିମାନରେ ସେ ଚଢ଼ିଗଲା । ତାକୁ ଦିଲ୍ଲୀରେ ଓଲହାଇ ଦିଆଗଲା । ଏହି ଘଟଣା କାବୁଲ ବିମାନବନ୍ଦରର ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି । ଏକ ଖବର ଅନୁସାରେ, କିଶୋର ଜଣକ ଇରାନରେ ଆସିବାକୁ ଚାହୁଁଥିଲେ, କିନ୍ତୁ ଏକ ଦ୍ୱନ୍ଦ୍ୱରେ ସେ



କାମ ଏୟାର ଦ୍ୱାରା ପରିଚାଳିତ ଭୁଲ ବିମାନରେ ଚଢ଼ିଥିଲେ । ଏୟାରବସ୍ ଏ୩୪୦ ର ପଛ ଚକପାଖରେ ଲୁଚି ରହିଲା ଏବଂ ସମଗ୍ର ୯୪ ମିନିଟ୍ ର ଉଡ଼ାଣରେ ବଞ୍ଚିଗଲା । ବିମାନଟି କାବୁଲର ହମିଦ କରଜାଇ ଅନ୍ତର୍ଜାତୀୟ ବିମାନବନ୍ଦରରୁ ସକାଳ ୮:୪୬ରେ ଆଇଏସଟି ଛାଡି ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସକାଳ ୧୦:୨୦ ରେ ଅବତରଣ କରିଥିଲା । ବିମାନ ଅବତରଣ କରିବା ପରେ, ପିଲାଟି ବିମାନ ନିକଟରେ ଏକ ନିଷିଦ୍ଧ ଅଞ୍ଚଳରେ ଚାଲିଯାଉଥିବା ଦେଖିବାକୁ ପାଇଲା ଏବଂ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ତୁରନ୍ତ ସତର୍କ କରାଯାଇଥିଲା । ବିମାନର ଚକ ପାଖରେ ରହିବା ଅତ୍ୟନ୍ତ ବିପଦପୂର୍ଣ୍ଣ । ୩୦,୦୦୦ ଫୁଟ ଉଚ୍ଚତାରେ ଥିବା ସମୟରେ ଅମ୍ଳଜାନର ଅଭାବ, ଶୀତଳ ତାପମାତ୍ରା ଏବଂ ଚକ ଦ୍ୱାରା ଚାପି ହୋଇଯିବାର ଆଶଙ୍କା, ବଞ୍ଚିବା ପ୍ରାୟ ଅସମ୍ଭବ କରିଦିଏ । "ଉଡ଼ାଣ ଆରମ୍ଭ ହେବା ପରେ ଚକର ଦ୍ୱାର ବନ୍ଦ ହୋଇଯାଏ, ଏବଂ ଯାତ୍ରୀ କ୍ୟାବିନ ସ୍ଥିତିର ନିକଟତର ହୋଇ ଭିତରେ ତାପମାତ୍ରା ଭଲ ହୋଇଥାଇପାରେ," ସେ କହିଛନ୍ତି । ଏହା ତାଙ୍କୁ ଉଡ଼ାଣରୁ ବଞ୍ଚିବାରେ ସାହାଯ୍ୟ କରିଥାଇପାରେ । ଜଣେ ଚିକିତ୍ସା ବିଶେଷଜ୍ଞ କହିଛନ୍ତି ଯେ ଅଧିକ ଉଚ୍ଚତାରେ, ଅମ୍ଳଜାନ ସ୍ତର ହ୍ରାସ ପାଇଥାଏ ଏବଂ ତାପମାତ୍ରା -୬୦ସ୍ୱଉ ପର୍ଯ୍ୟନ୍ତ ପହଞ୍ଚିପାରେ, ଯାହା ଫଳରେ ଚେତାଶୂନ୍ୟତା ଏବଂ ମୃତ୍ୟୁ ମଧ୍ୟ ହୋଇପାରେ । ଏହା ଏକ ଚମତ୍କାର ଯେ ବାଳକଟି ବଞ୍ଚି ପାରିଛି । ଏପରି ପରିସ୍ଥିତିରେ ବଞ୍ଚିବା ହାର ବହୁତ କମ୍ । ପ୍ରବଳ ଥଣ୍ଡା, ଅମ୍ଳଜାନର ଅଭାବ ଏବଂ ଲ୍ୟାଣ୍ଡିଂ ଗିଅର ଦ୍ୱାରା ପଡ଼ିଯିବା କିମ୍ବା ଚାପି ହୋଇଯିବାର ଆଶଙ୍କା ଯୋଗୁଁ ୫ ଜଣରୁ କେବଳ ୧ ଜଣ ବଞ୍ଚି ପାରନ୍ତି । ଏହା ହେଉଛି ଭାରତୀୟ ବିମାନବନ୍ଦରରେ ହ୍ୱିଲବେସ୍‌ରେ ଜଣେ ବ୍ୟକ୍ତି ଲୁଚି ରହିବାର ଦ୍ୱିତୀୟ ଘଟଣା । ପୂର୍ବରୁ, ୧୪ ଅକ୍ଟୋବର, ୧୯୯୬ରେ, ଦୁଇ ଭାଇ, ପ୍ରଦୀପ ସାଇନି (୨୨) ଏବଂ ବିଜୟ ସାଇନି (୧୯) ଦିଲ୍ଲୀରୁ ଲଣ୍ଡନ ଯାଉଥିବା ଏକ ବ୍ରିଟିଶ ଏୟାରଓ୍ୱେଜ୍ ବୋଇଂ ୭୪୭ ବିମାନର ହ୍ୱିଲବେସ୍‌ରେ ଲୁଚି ରହିଥିଲେ । ରଣଦୀପ ବଞ୍ଚି ଯାଇଥିଲେ, କିନ୍ତୁ ଲଣ୍ଡନରେ ପହଞ୍ଚିବା ପରେ ବିଜୟଙ୍କ ମୃତ୍ୟୁ ହୋଇଥିଲା ।

## ତିରୁପତି ମନ୍ଦିର ଦାନ ଅର୍ଥରେ ବଡ଼ ହେରଫେର

ଆନ୍ଧ୍ରପ୍ରଦେଶ : ତିରୁପତି ତିରୁମାଳା ମନ୍ଦିରକୁ ନେଇ ଆନ୍ଧ୍ରପ୍ରଦେଶ ରାଜନୀତିରେ ନୂଆ ବିବାଦ । ତିରୁପତି ତିରୁମାଳା ମନ୍ଦିରରେ ପ୍ରାୟ ଶହେ କୋଟି ଟଙ୍କାର ଦାନ ଅର୍ଥ ହେରଫେର ହୋଇଥିବା ଅଭିଯୋଗ କରିଛି ବିଜେପି । ଏନେଇ ଟିଡିପି ଏକ ଭିଡିଓ ଜାରି କରିଛି । ଦାନ ଟଙ୍କା ଗଣତି ସମୟରେ କିଭଳି ଅର୍ଥ ହେରଫେର କରାଯାଉଛି ତାର ସିସିଟିଭି ଭିଡିଓକୁ ସାର୍ବଜନୀନ କରିଛନ୍ତି ଦଳର ନେତା ନୋରା ଲୋକେଶ । ସବୁଠୁ ବଡ କଥା ହେଉଛି ଏନେଇ ଦଳ ସିଧାଳଖ ତତକାଳୀନ ସରକାର ଯାଇଏସଆରସିପିକୁ ଦାୟୀ କରିଛି । ଏଥିସହ ଶନିବାର ବିଜେପି ଜଗନ ମୋହନ ରେଡ୍ଡୀଙ୍କ ଦଳ ଉପରେ ତିରୁପତି ତିରୁମାଳା ଦେବସ୍ଥାନମର ସବୁଠୁ ବଡ ଚୋରି ହୋଇଥିବା ଅଭିଯୋଗ କରିଥିଲା ବୋର୍ଡ ସଦସ୍ୟ ବିଜେପି ନେତା ଭାନୁ ପ୍ରକାଶ ରେଡ୍ଡୀ ଏକ ଭିଡିଓ ଜାରି କରି ଦାବି କରିଛନ୍ତି ଯେ ଭଗବାନ ଭେଙ୍କଟେଶ୍ୱରଙ୍କ ଦାନ ଅର୍ଥରୁ ଶହେ କୋଟିରୁ ଅଧିକ ଚୋରି ହୋଇଛି । ତତ୍କାଳୀନ ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀମାନେ ମଧ୍ୟ ଏଥିରେ ସାମିଲ ଥିଲେ ।

## ଆଇଏସଆଇ ସହ ହାତ ମିଳାଇଲେ ବାଂଲାଦେଶୀ ଆତଙ୍କୀ ଗୋଷ୍ଠୀ

ବାଂଲାଦେଶ : ବାଂଲାଦେଶରେ ଶେଖ୍ ହସିନା ସରକାରର ପତନ ପରେ କେତେକ ବାଂଲାଦେଶୀ ଆତଙ୍କୀ ଗୋଷ୍ଠୀ ଏବେ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ସହ ହାତ ମିଳାଇଛନ୍ତି । ସେମାନେ ଭାରତର ଉତ୍ତର-ପୂର୍ବରେ ଅଶାନ୍ତି ସୃଷ୍ଟି ପାଇଁ ଲଗାତାର ପ୍ରୟାସ କରୁଛନ୍ତି । ପାକ୍-ବାଂଲାଦେଶର ମିଳିତ ଷଡ଼ଯନ୍ତ୍ର ସଂପର୍କରେ ପ୍ରମାଣ ମିଳିବା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ହାଇଆଲର୍ଟରେ ଅଛନ୍ତି । ମଣିପୁରର ବିଷ୍ଣୁପୁରରେ ଗତ ସେପ୍ଟେମ୍ବର ୧୯ ତାରିଖରେ ଆସାମ ରାଇଫଲ୍ସ ଉପରେ ହୋଇଥିବା ଆକ୍ରମଣରେ ୨ ଯବାନ ସହିଦ ହୋଇଛନ୍ତି । ସ୍ଥାନୀୟ ଉଗ୍ରପନ୍ଥୀଙ୍କୁ ଅସ୍ତ୍ର ଯୋଗାଣରେ ବିଦେଶୀ ଶକ୍ତିଙ୍କ ହାତ ରହିଥିବାରୁ ସୀମାରେ ସୁରକ୍ଷା କଡ଼ାକଡ଼ି କରାଯାଇଛି । ବେଆଇନ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ ବୃଦ୍ଧି ପାଇଥିବାରୁ ସେନା ହାଇ ଆଲର୍ଟରେ ରହିଛି । ମଣିପୁରରେ ସର୍ଚ୍ଚ ଅପରେସନ ଜାରି



ରହିଛି । ଗତ ସେପ୍ଟେମ୍ବର ୧୯ ତାରିଖରେ ଇମ୍ଫାଲରୁ ବିଷ୍ଣୁପୁର ଯାଉଥିବା ଆସାମ ରାଇଫଲ୍ସର ଏକ ମିନି ଟ୍ରକ୍ ଉପରେ ହଠାତ୍ ଅଜ୍ଞାତ ସଶସ୍ତ୍ର ବ୍ୟକ୍ତିମାନେ ଆକ୍ରମଣ କରିଥିଲେ । ଏଥିରେ ନାଏବ ସୁବେଦାର ଶ୍ୟାମ ଗୁରୁଙ୍ଗ ଏବଂ ରାଇଫଲମ୍ୟାନ୍ ରଣଜିତ ସିଂହ କଶ୍ୟପଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ଅନ୍ୟ ଆହତମାନଙ୍କୁ ରିମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ବିଷ୍ଣୁପୁର ଆକ୍ରମଣ ପାଇଁ କୌଣସି ଉଗ୍ରବାଦୀ ଗୋଷ୍ଠୀ ନିଜକୁ ଦାୟୀ କରିନଥିବା ବେଳେ ମଣିପୁରର ନିଷିଦ୍ଧ ଡ୍ରଗ୍ସ ଗ୍ରୁପ୍ ଉପରେ ସନ୍ଦେହ ରହିଛି । ଗୁଇନ୍ଦା ସୂତ୍ର ଅନୁଯାୟୀ, ଶେଖ୍ହସିନା ସରକାରଙ୍କ ପତନ ପରଠାରୁ ବାଂଲାଦେଶରେ ଜମାତ-ଏ-ଇସଲାମୀ ଏବଂ ଅନ୍ସାର ବାଙ୍ଗ୍ଲା ପରି ମୌଳବାଦୀ ଇସଲାମିକ ଗୋଷ୍ଠୀର ଶକ୍ତି ବୃଦ୍ଧି ପାଇଛି । ସେମାନେ ପାକିସ୍ତାନର ଆଇଏସ୍ଆଇ ସହ ଲଗାତାର ଯୋଗାଯୋଗରେ ରହିଛନ୍ତି । ବାଂଲାଦେଶରୁ ବେଆଇନ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଉତ୍ତର-ପୂର୍ବ ରାଜ୍ୟରେ ଅନୁପ୍ରବେଶ କରୁଛି । ଅପରେସନ୍ ସିନ୍ଦୁର ପରେ ପାକିସ୍ତାନ ଏବେ ପୂର୍ବ ସୀମାରେ ଚାପ ସୃଷ୍ଟି କରୁଛି । ପାକିସ୍ତାନୀ ସେନା ମୁଖ୍ୟ ଅସୀମ ମୁନିର ନିକଟରେ ଦେଇଥିବା କେତେକ ବିବୃତିରୁ ଜଣାପଡୁଛି ଯେ ଯେ ସେ ବାଂଲାଦେଶୀ ଆତଙ୍କୀଙ୍କ ସହଯୋଗରେ ଉତ୍ତର-ପୂର୍ବରେ ଅଶାନ୍ତି ସୃଷ୍ଟି କରିବାକୁ ଚାହୁଁଛନ୍ତି । ସୀମାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇଥିବା ବେଳେ ଅନୁପ୍ରବେଶ ଉଦ୍ୟମ ପଣ୍ଡ କରିବା ଏବଂ ଅସ୍ତ୍ର ଓ ଡ୍ରଗ୍ସ ଚୋରା ଚାଲାଣକାରୀଙ୍କୁ ରୋକିବାକୁ ନୂଆ ରଣନୀତି ଅବଲମ୍ବନ କରାଯାଇଛି । ସେନା ଓ ସିଆର୍ପିଏଫ୍ ମିଳିତ ଅପରେସନ ଆରମ୍ଭ କରିଛନ୍ତି ।

## ତିନି ପର୍ଯ୍ୟାୟରେ ହୋଇପାରେ ବିହାର ବିଧାନସଭା ନିର୍ବାଚନ

ବିହାର : ବିହାର ବିଧାନସଭା ନିର୍ବାଚନ ପାଇଁ ଅକ୍ଟୋବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ତାରିଖ ଘୋଷଣା ସମ୍ଭାବନା ଅଛି । ନଭେମ୍ବର ୨୨ରେ ଚଳିତ ବିଧାନସଭାର କାର୍ଯ୍ୟକାଳ ଶେଷ ହେବ । ତା'ପୂର୍ବରୁ ନଭେମ୍ବର



୫ରୁ ୧୫ ତାରିଖ ମଧ୍ୟରେ ତିନି ପର୍ଯ୍ୟାୟରେ ନିର୍ବାଚନ ହୋଇପାରେ । ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପରେ ସେପ୍ଟେମ୍ବର ୩୦ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ । ଆସନ୍ତା ସପ୍ତାହରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ବିହାର ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ଏହା ସହିତ ବିହାର ବିଧାନସଭା ନିର୍ବାଚନ ପାଇଁ ଅବଗଣନା ଆରମ୍ଭ ହୋଇଯିବ । ଅକ୍ଟୋବର ୨ ଓ ୧୯ ମଧ୍ୟରେ ନିର୍ବାଚନ ତାରିଖ ଘୋଷଣା ସମ୍ଭାବନା ଅଛି । ଅକ୍ଟୋବର ୨୮ରେ ଛଟ୍ ପୂଜା ପରେ ନଭେମ୍ବର ମାସରେ ନିର୍ବାଚନ ହୋଇପାରେ । ନଭେମ୍ବର ୫ରୁ ୧୫ ମଧ୍ୟରେ ତିନି ପର୍ଯ୍ୟାୟରେ ଭୋଟଗ୍ରହଣ ସମ୍ଭାବନା ଅଛି । ଏଥିପାଇଁ ଉଭୟ ଏନଡିଏ ଏବଂ ଇଣ୍ଡିମେଣ୍ଟ ପ୍ରସ୍ତୁତ ଅଛନ୍ତି । ବିହାରରେ ମୁଖ୍ୟତଃ ଏନଡିଏ ଏବଂ ଇଣ୍ଡିମେଣ୍ଟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ଉଭୟ ମେଣ୍ଟ ଜୋରଦାର ପ୍ରଚାର ଚଳାଇଛନ୍ତି । ଏହାଛଡ଼ା ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ମଇଦାନକୁ ଓହ୍ଲାଇଲେ ନୂଆ ସମୀକରଣ ସୃଷ୍ଟି ହୋଇପାରେ । ସେପଟେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ଇଣ୍ଡିମେଣ୍ଟ ଓ ନିର୍ବାଚନ କମିସନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗିରହିଛି । ତେବେ ଚୂଡ଼ାନ୍ତ ଭୋଟର ତାଲିକାରେ ତ୍ରୁଟି ଦେଖିଲେ ସମଗ୍ର ପ୍ରକ୍ରିୟାକୁ ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟ ଚରମବାଣୀ ଶୁଣାଇଛନ୍ତି । ଏପରି ହେଲେ ନିର୍ବାଚନରେ କିଛି ବିଳମ୍ବ ହୋଇପାରେ । କିନ୍ତୁ ନଭେମ୍ବର ୨୨ରେ ଚଳିତ ବିଧାନସଭାର କାର୍ଯ୍ୟକାଳ ସରିବା ପୂର୍ବରୁ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ଶେଷ ହେବ ।

## ଦୁର୍ଘଟଣାରେ ଚାଲିଗଲା ୩ ଛାତ୍ରଙ୍କ ଜୀବନ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶ ଗ୍ରେଟର ନୋଏଡା ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୩ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଏଭଳି ଅଘଟଣ ପାଣି ଟ୍ୟାଙ୍କର ଏବଂ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ଘଟିଛି । ସୂଚନାନୁଯାୟୀ, ରବିବାର ରାତି ସମୟରେ ବିଟା-୨ ଥାନା ଅଞ୍ଚଳର ଯମୁନା ଏକ୍ସପ୍ରେସଓ୍ୱେର ଚୁହଡପୁର ଅଣ୍ଡରପାସ୍ ନିକଟରେ ଏହି ଅଘଟଣ ଘଟିଥିବା ସୂଚନା ମିଳିଛି । ୩ ଜଣ ଛାତ୍ର ଖାଦ୍ୟ ଆଣିବା ପାଇଁ ପୂର୍ବାଞ୍ଚଳ ସୋସାଇଟି ନିକଟରେ ଥିବା ଏକ ଢାବାକୁ ବାଇକରେ ଯାଉଥିଲେ । ଗଛରେ ପାଣି ଦେଉଥିବା ଏକ ପାଣି ଟ୍ୟାଙ୍କରରେ ତାଙ୍କ ବାଇକ୍ ଧକ୍କା ହୋଇଥିଲା । ଫଳରେ ଛାତ୍ରମାନେ ଗୁରୁତର ହୋଇ ପଡିଥିଲେ । ସେମାନଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଯେଉଁଠାରେ ଡାକ୍ତର ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ମୃତ ଘୋଷଣା କରିଥିବାବେଳେ ପରେ ଆଉ ଜଣେ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଏକ ବଡ଼ ହସ୍ପିଟାଲକୁ ପଠାଇଥିଲେ । କିନ୍ତୁ ସେଠାରେ ମଧ୍ୟ ତାଙ୍କର ତାଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟପଟେ ସେହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ ଜଣ ଛାତ୍ରଙ୍କ ପରିଚୟ ମିଳିଛି । ୩ ଜଣ ଛାତ୍ର ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟ (ଏଇଟ)ର ଛାତ୍ର ଥିଲେ ବୋଲି କୌଣସି ଏକ ରିପୋର୍ଟରୁ ଜଣାପଡିଛି । ମୃତକଙ୍କ ନାମ ସ୍ୱୟମ୍ ସାଗର (୧୯ ବର୍ଷ), ଗାଜିପୁର ଜିଲ୍ଲାର ଖୁଦୁରା ଗାଁର ବାସିନ୍ଦା କୁଶ (୨୧ ବର୍ଷ) ଏବଂ ବରେଲି ଜିଲ୍ଲାର ସାଟେଲାଇଟ୍ କଲୋନିର ବାସିନ୍ଦା ସମର୍ଥ ପୁଣ୍ଡିର (୧୮ ବର୍ଷ) ବୋଲି ଚିହ୍ନଟ କରାଯାଇଛି ।

## ରାଜ୍ୟରେ ହେବନି ଜାତିଭିତ୍ତିକ ରାଲି ଓ ପ୍ରଚାର, ଆହ୍ଲାବାଦ ହାଇକୋର୍ଟ

ଉତ୍ତର ପ୍ରଦେଶ : ଜାତିଭିତ୍ତିକ ରାଲି ଏବଂ କାର୍ଯ୍ୟକ୍ରମଗୁଡ଼ିକୁ ନିଷିଦ୍ଧ କରିଛନ୍ତି ଉତ୍ତର ପ୍ରଦେଶ ସରକାର । ପୋଲିସ ଏଫଆଇଆର, ଗିରଫଦାରୀ ମେମୋ, ସାର୍ବଜନୀନ ସ୍ଥାନ ଏବଂ ସରକାରୀ ଦଲିଲରେ ଆଉ ଜାତି ଉଲ୍ଲେଖ କରାଯିବ ନାହିଁ । ଆହ୍ଲାବାଦ ହାଇକୋର୍ଟଙ୍କ ନିଷ୍ପତ୍ତି ପରେ, ଉତ୍ତର ପ୍ରଦେଶ ମୁଖ୍ୟ ସଚିବ ଦୀପକ କୁମାର ସରକାରଙ୍କ ପକ୍ଷରୁ ଏହି ନିର୍ଦ୍ଦେଶ ଜାରି କରିଛନ୍ତି । ସରକାରୀ ନିର୍ଦ୍ଦେଶ ମାଧ୍ୟମରେ, କର୍ତ୍ତୃପକ୍ଷଙ୍କୁ ଏବେ କଲୋନୀ କିମ୍ବା ଏକ ନିର୍ଦ୍ଦିଷ୍ଟ ଜାତି ସଂଖ୍ୟାଗରିଷ୍ଠ ବାସ କରୁଥିବା ଅଞ୍ଚଳଗୁଡ଼ିକୁ ଚିହ୍ନିତ କରିବା ପାଇଁ ଯାନବାହାନ, ବୋର୍ଡ କିମ୍ବା ଷ୍ଟିକରରେ ଜାତି ନାମ ବ୍ୟବହାର କରିବାକୁ ନିଷେଧ କରାଯାଇଛି । ପୋଲିସ ଏବଂ ଜିଲ୍ଲା ପ୍ରଶାସନକୁ ସୋସିଆଲ ମିଡିଆ ଉପରେ କଡ଼ା ନଜର ରଖିବାକୁ ଏବଂ ଏକ ନିର୍ଦ୍ଦିଷ୍ଟ ଜାତିର ପ୍ରଶଂସା କରିବା କିମ୍ବା ସାଧାରଣ ବିଦ୍ୱେଷ ସୃଷ୍ଟି କରିବା ପାଇଁ ଜାତିକୁ ବ୍ୟବହାର କରିବା ପ୍ରୟାସ ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି । ପୋଲିସ ରେକର୍ଡରେ ଅଭିଯୁକ୍ତ ବ୍ୟକ୍ତିଙ୍କ ପିତା ଏବଂ ମାତାଙ୍କ ନାମ ଅନ୍ତର୍ଭୁକ୍ତ ହେବ,



ଏବଂ ଯାନରେ ଜାତିଭିତ୍ତିକ ଷ୍ଟିକର କିମ୍ବା ସ୍ଲୋଗାନଗୁଡ଼ିକୁ ମୋଟର ଯାନ ଆଇନ ଅନୁଯାୟୀ ଚାଲାଣ କରାଯିବ । ସରକାରୀ ନିର୍ଦ୍ଦେଶରେ କୁହାଯାଇଛି ଯେ ସହର ଏବଂ ଗାଁରେ ଜାତିଗତ ପରିଚୟକୁ ମହିମା ପ୍ରଦାନ କରୁଥିବା କିମ୍ବା ଏକ ନିର୍ଦ୍ଦିଷ୍ଟ ଜାତିର ଅଞ୍ଚଳ ଭାବରେ ଚିହ୍ନିତ କରୁଥିବା ବୋର୍ଡ କିମ୍ବା ସାଇନବୋର୍ଡଗୁଡ଼ିକୁ ହଟାଇବାକୁ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । ରାଜ୍ୟବ୍ୟାପୀ ଜାତିଭିତ୍ତିକ ରାଲି ଏବଂ ରାଜନୈତିକ ଉଦ୍ଦେଶ୍ୟ ରଖି ସାର୍ବଜନୀନ କାର୍ଯ୍ୟକ୍ରମଗୁଡ଼ିକୁ ନିଷିଦ୍ଧ କରାଯାଇଛି, ଯେତେବେଳେ ଜାତିଭିତ୍ତିକ ଗର୍ବ କିମ୍ବା ଘୃଣାକୁ ପ୍ରୋତ୍ସାହିତ କରୁଥିବା ସୋସିଆଲ ମିଡିଆ ବିଷୟବସ୍ତୁ ଉପରେ କଡ଼ା ନଜର ରଖାଯିବ । ଅନଲାଇନରେ ଜାତିଭିତ୍ତିକ ଶତ୍ରୁତା ପ୍ରସାର କରୁଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏଥିରେ କୁହାଯାଇଛି । ସରକାର ଅଧିକାରୀମାନଙ୍କୁ ନିର୍ଦ୍ଦେଶର "ତୁରନ୍ତ ଏବଂ ପ୍ରଭାବଶାଳୀ ଅନୁପାଳନ" ନିଶ୍ଚିତ କରିବାକୁ ଏବଂ ନୂତନ ନୀତି ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଅଧସ୍ତନ ଅଧିକାରୀମାନଙ୍କୁ ତାଲିମ ଦେବାକୁ କହିଛନ୍ତି । ପ୍ରବୀଣ ଛେତ୍ରୀ ବନାମ ୟୁପି ରାଜ୍ୟ ଏବଂ ଅନ୍ୟାନ୍ୟ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପୋଲିସକୁ ଅଭିଯୁକ୍ତଙ୍କ ଜାତି ଉଲ୍ଲେଖ କରିବାକୁ ନିଷେଧ କରିଥିଲା ଏବଂ ସାର୍ବଜନୀନ ଏବଂ ଡିଜିଟାଲ୍ ସ୍ଥାନରେ ଜାତି ମହିମାକୁ ରୋକିବା ପାଇଁ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲା । ଜାତି ପ୍ରଥା ଉପରେ ଏକ କଠୋର ମନ୍ତବ୍ୟ ଦେଇଛନ୍ତି ଆହ୍ଲାବାଦ ହାଇକୋର୍ଟ । କୋର୍ଟ ସରକାରୀ କାଗଜପତ୍ର, ଯାନବାହାନ ଏବଂ ସାର୍ବଜନୀନ ସ୍ଥାନରୁ ଜାତି ନାମ, ପ୍ରତୀକ ଏବଂ ଚିହ୍ନ ହଟାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଯଦି ଦେଶକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାକୁ ଅଛି । ଜାତି ପ୍ରଥାକୁ ଉଚ୍ଛେଦ କରିବାକୁ ପଡିବ । ଏହାର ଐତିହାସିକ ନିଷ୍ପତ୍ତିରେ, ହାଇକୋର୍ଟ ଉତ୍ତର ପ୍ରଦେଶର ଇଟାଓ୍ୱାରେ କଥିତ ମଦ ଚୋରାଚାଲାଣ ସହିତ ଜଡିତ ଫୌଜଦାରୀ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବା ପାଇଁ ଆବେଦନକାରୀଙ୍କ ଅନୁରୋଧକୁ ଖାରଜ କରିଛନ୍ତି ।

## ନିଜ ଦେଶର ନାଗରିକଙ୍କ ଉପରେ ଏୟାରଷ୍ଟ୍ରାଇକ କଲା ପାକିସ୍ତାନ, ୩୦ ମୃତ

ପାକିସ୍ତାନ : ନିଜ ଦେଶରେ ଏୟାରଷ୍ଟ୍ରାଇକ୍ କଲା ପାକିସ୍ତାନ ବାୟୁସେନା । ପାକିସ୍ତାନୀ ସେନା ନିଜ ନାଗରିକଙ୍କ ଉପରେ ଏୟାରଷ୍ଟ୍ରାଇକ୍ କରିବାରୁ ଶିଶୁ ଏବଂ ମହିଳା ସମେତ ୩୦ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ଖବର ମୁତାବକ, ପାକିସ୍ତାନୀ ବାୟୁସେନା ଭୋର ପ୍ରାୟ ୨ଟା ସମୟରେ ଖେ?ବର ପଖତୁନଖ୍ୱା ପ୍ରଦେଶର ତିରାହ ଉପତ୍ୟକାର ମତ୍ରେ ଦାରା ଗାଁରେ ଜେଏଫ୍-୧୭ ଲଢ଼ୁଆ ବିମାନରୁ ଅତି କମରେ ୮ଟି ଏଲଏସ-୬ ବୋମା ପକାଇଥିଲା । ଯେଉଁଥିରେ ୩୦ରୁ ଅଧିକ ନିରୀହ ନାଗରିକଙ୍କ ମୃତ୍ୟୁ ହୋଇଥିଲା । ୨୦ରୁ ଅଧିକ ଆହତ ହୋଇଛନ୍ତି । ତେବେ ପାକିସ୍ତାନ ସରକାର ଏହି ଆକ୍ରମଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଜାରି କରିନାହାଁନ୍ତି । ସ୍ଥାନୀୟ ବାସିନ୍ଦା ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଗାଁର ଲୋକମାନେ ଶୋଇଥିବା ସମୟରେ



ଜୋରରେ ବିସ୍ଫୋରଣର ଶବ୍ଦ ଶୁଭିଥିଲା । ଗାଁର ରାସ୍ତା ନଷ୍ଟ ହୋଇଯାଇଥିବାରୁ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇଥିବା ଜଣାଯାଇଛି । ବୋମା ବିସ୍ଫୋରଣ ପରେ ଅନେକ ଲୋକ ଭଗ୍ନାବଶେଷ ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି । ଖୈବରରେ ଚଳିତବର୍ଷ ଅଗଷ୍ଟ ଯାଏଁ ୭୦୦ରୁ ଅଧିକ ଆତଙ୍କୀ ଆକ୍ରମଣ ହୋଇଛି । ୨୫୮ ଯବାନଙ୍କ ଜୀବନ ଚାଲିଯାଇଛି । ସେହିପରି ପାକିସ୍ତାନ ସେନା ଡେରା ଇସ୍ମାଇଲରେ ୭ ଆତଙ୍କୀ ମାରିଥିବା ଦାବି କରିଛି । ପାକିସ୍ତାନ ଦାବି କରୁଛି ଯେ, ଆଫଗାନିସ୍ତାନ ଖୈବରରେ ଟିଟିପିକୁ ସମର୍ଥନ କରୁଛି । ପାକିସ୍ତାନ ଖୋଲାଖୋଲି ଭାବରେ ଆଫଗାନିସ୍ତାନ ଉପରେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବାର ଅଭିଯୋଗ କରିଛି । ଟିଟିପିର ଲକ୍ଷ୍ୟ ହେଉଛି ପାକିସ୍ତାନକୁ ମୌଳବାଦୀ ମୁସଲିମ ଶାସନ ଫେରାଇ ଆଣିବା ।

# ସାତ୍ତ୍ୱିକ-ଚିରାଗ ଯୋଡ଼ି ରନର୍ସ ଅପ୍



ନୂଆଦିଲ୍ଲୀ, ୨୨।୦୯ : ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନରେ ଭାରତର ସାତ୍ତ୍ୱିକସାଇରାଜ ରଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ପୁରୁଷ ଡବଲ୍ସରେ ରନର୍ସ ଅପ୍ ହୋଇଛନ୍ତି। ଫାଇନାଲ୍‌ରେ ଉଭୟ ୧୯-୨୧, ୧୫- ୨୧ ଗେମ୍‌ରେ ବିଶ୍ୱର ଏକ ନମ୍ବର ଯୋଡ଼ି ଦକ୍ଷିଣ କୋରିଆର କିମ୍ ଓନ୍ ହୋ ଓ ସିଓ ସିଉଙ୍ଗ ଜାଏ ଯୋଡ଼ିଙ୍କ ନିକଟରୁ ହାରି ଯାଇଥିଲେ। ଦକ୍ଷିଣ କୋରିଆ ଯୋଡ଼ି ୪୫ମିନିଟ୍ ମଧ୍ୟରେ ବିଜୟ ହାସଲ କରିଥିଲେ। ଏଥିସହ ସାତ୍ତ୍ୱିକ-ଚିରାଗ ଯୋଡ଼ି କ୍ରମାନ୍ୱୟରେ ଦ୍ୱିତୀୟ ଫାଇନାଲ୍‌ରେ ପରାଜିତ ହୋଇଥିଲେ। ଗତ ସପ୍ତାହ ହଂକଂ ଓପନ ଫାଇନାଲ୍‌ରେ ମଧ୍ୟ ଉଭୟଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। କିମ୍-ସିଓ ଯୋଡ଼ି ଚଳିତ ସିଜନରେ ୯ଟି ଫାଇନାଲ୍ ଖେଳିଥିବାବେଳେ ୭ଟି ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି। ସେଥିମଧ୍ୟରେ ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ ପଦକ ସାମିଲ ରହିଛି।

## ପଡ଼ିଆକୁ ଫେରିବେ କ୍ୱିଣ୍ଟନ ଡିକକ୍

ଜୋହାନ୍ସବର୍ଗ, ୨୨।୯ : ଦକ୍ଷିଣ ଆଫ୍ରିକା ଉଇକେଟକିପର ବ୍ୟାଟର କ୍ୱିଣ୍ଟନ ଡିକକ୍ ତାଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ସେ ଅବସର ନେଇସାରିଥିଲେ। ମାତ୍ର ସେ ପୁନର୍ବାର ଖେଳିବା ଲାଗି ଆଗ୍ରହ ଦେଖାଇଛନ୍ତି। ଆଗାମୀ ପାକିସ୍ତାନ ଟୁର୍ ପାଇଁ ତାଙ୍କୁ ଜାତୀୟ ହ୍ୱାଇଟ୍ ବଲ୍ ଦଳରେ ନିଆଯାଇଛି।

ଅନ୍ୟପକ୍ଷରେ ପେଣ୍ଡାରେ ଯନ୍ତ୍ରଣା ଯୋଗୁ ଅଧିନାୟକ ଟେମ୍ବା ବଭୁମା ଟେଷ୍ଟ ସିରିଜରୁ ଓହରି ଯାଇଛନ୍ତି। ଦକ୍ଷିଣ ଆଫ୍ରିକା ଅକ୍ଟୋବର ୧୨ରୁ ୨୪ ଲାହୋର ଓ ରାୱଲପିଣ୍ଡିରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳି ଆଇସିସି ୱାଲର୍ଡ ଟେଷ୍ଟ ଚାମ୍ପିୟନଶିପ୍ ବଜାୟ ରଖିବା ଅଭିଯାନ ଆରମ୍ଭ କରିବ। ବାମହାତୀ ଓପନର ଡିକକ୍ ତାଙ୍କର ଶେଷ ଅନ୍ତର୍ଜାତୀୟ ଦିନିକିଆ ୨୦୨୩ ବିଶ୍ୱକପ୍‌ରେ ଖେଳିଥିଲେ। ଶେଷ ଥର ପାଇଁ ହ୍ୱାଇଟ୍‌ବଲ କ୍ରିକେଟ ମ୍ୟାଚ ବାର୍ବାଡୋସରେ ଟି୨୦ ବିଶ୍ୱକପ୍ ୨୦୨୪ ଫାଇନାଲରେ ଖେଳିଥିଲେ। ଦକ୍ଷିଣ ଆଫ୍ରିକାର ବର୍ତ୍ତମାନ କୋଚ୍ ଶୁକ୍ରି କୋନାର୍ଡ ଏହି ଖେଳାଳିଙ୍କ ସହ ଆଲୋଚନା କରିବା ପରେ ତାଙ୍କୁ ଉଭୟ ସୀମିତ ଓଭର ଦଳରେ ସାମିଲ କରିଛନ୍ତି। ଡିକକ୍ ଦକ୍ଷିଣ ଆଫ୍ରିକାର ୧୫୫ ଅନ୍ତର୍ଜାତୀୟ ଦିନିକିଆରେ ପ୍ରତିନିଧି କରି ୪୫.୭୪ ଆଭରେଜରେ ୬୭୭୦ ରନ ସଂଗ୍ରହ କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍‌ରେଟ୍ ୯୬.୬୪ ରହିଥିଲା। ସେ ଆହୁରି ମଧ୍ୟ ତାଙ୍କର ୯୨ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ୧୩୮.୩୨ ଷ୍ଟ୍ରାଇକ୍‌ରେଟ୍‌ରେ ୨୫୮୪ ରନ ସ୍କୋର କରିଥିଲେ।

# ଗ୍ରାଉଣ୍ଡରେ ପାକିସ୍ତାନ ଖେଳାଳିଙ୍କ ହୀନ ମାନସିକତା





ଦୁବାଇ, ୨୨।୯ : ଭାରତ ବିପକ୍ଷ ଏସିଆ କପର ସୁପର ୪ ମୁକାବିଲାରେ ମୁଜାହିଦ ମାନସିକତା ପ୍ରଦର୍ଶନ କରି ଲୋକହସା ହୋଇଛି ପାକିସ୍ତାନ। ବିଶେଷ କରି ପାକିସ୍ତାନର ଓପନର ଶାହିବଜାଦା ଫରହାନ ଅର୍ଦ୍ଧଶତକ ହାସଲ କରିବା ପରେ ନିଜର ବ୍ୟାଟକୁ ବନ୍ଧୁକ ଭଳି ବ୍ୟବହାର କରି ଲୋକଙ୍କୁ ସଙ୍କେତ ଦେବା ପାକିସ୍ତାନର ଉଗ୍ର ମାନସିକତାକୁ ପ୍ରଦର୍ଶନ କରିଛି। ବ୍ୟାଟିଂ ବେଳେ ଫରହାନ ବନ୍ଧୁକ ସେଲିବ୍ରେସନ କରିଥିବା ବେଳେ ବୋଲିଂ ବେଳେ ହାରିଶ ରୌଫ ଆଉ ପାଦେ ଆଗେଇ ଯାଇଥିଲେ।

ପ୍ରବଳ ମାଡ ଖାଇବା ପରେ ରାଗରେ ତମତମ ହୋଇ ସେ ଭାରତୀୟ ଫ୍ୟାନ୍ସଙ୍କ ଆଗରେ ମିଥ୍ୟାର ପ୍ରଚାର କରିଥିଲେ। ସେ ଯୁଦ୍ଧ ବିମାନ ଓ ୬-୦ ସଙ୍କେତ ଦେଖାଇ ଭାରତକୁ ବଦନାମ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଫରହାନ ବ୍ୟାଟିଂ ବେଳେ ଏକେ ୪୭ର ସଙ୍କେତ ଦେଇଥିବା ବେଳେ ଏହାର ଜବାବରେ ଭାରତର ଦୁଇ ଓପନର ଅଭିଷେକ ଶର୍ମା ଓ ଶୁବମନ ଗିଲ ପାକିସ୍ତାନ ବିରୋଧରେ ବ୍ରହ୍ମୋସ ଲଞ୍ଚ କରିଥିଲେ। ଦୁଇ ଜଣଙ୍କ ବ୍ରହ୍ମୋସ ମାଡରେ ପାକିସ୍ତାନ ପୂରା ଘାଇଲା ହୋଇଯାଇଥିବା ପାକିସ୍ତାନର ପୂର୍ବତନ କ୍ରିକେଟର ଡାନିଶ କାନେରିଆ ମତ ରଖିଛନ୍ତି।

ପାକିସ୍ତାନ ପଡିଆରେ ଯେଉଁଭଳି ମାନସକତା ଦେଖାଇ ଭାରତୀୟ ଖେଳାଳି ଓ ଫ୍ୟାନ୍ସକୁ ଚିଡାଇବାକୁ ଚେଷ୍ଟା କରିଥିଲା, ତା'କୁ ସହଜରେ ଗ୍ରହଣ କରି ନାହାନ୍ତି କାନେରିଆ। ଟସ୍ ? ହାରି ପ୍ରଥମେ ବ୍ୟାଟିଂ କରୁଥିବା ପାକିସ୍ତାନ ପାଇଁ ଫରହାନ ୫୮ ରନ କରିଥିବା ବେଳେ ଶେଷ ଭାଗରେ ଫହୀମ ଅଶର୍ଫ ୮ ବଲରେ ଅପରାଜିତ ୨୦ ରନର ଇନିଂସ ଖେଳିଥିଲେ। ଫଳରେ ପାକିସ୍ତାନ ୨୦ ଓଭରରେ ୫ ୱିକେଟ ହରାଇ ୧୭୧ ରନ କରିଥିଲା।

୧୭୨ ରନର ପିଛା କରୁଥିବା ଭାରତ ପାଇଁ ଦୁଇ ଓପନର ଅଭିଷେକ ଓ ଗିଲ ବିସ୍ଫୋରକ ଆରମ୍ଭ କରିଥିଲେ। ଅଭିଷେକ ଶର୍ମା ୩୯ ବଲରେ ୭୪ ରନ କରିଥିବା ବେଳେ ୬ଟି ଚୌକା ଓ ୫ଟି ଛକା ମାରିଥିଲେ। ଗିଲ ୨୮ ବଲରେ ୪୭ ରନ କରିଥିଲେ। ଉଭୟ ୧୦ ଓଭର ମଧ୍ୟରେ ଦଳୀୟ ସ୍କୋରକୁ ୧୦୫ରେ ପହଞ୍ଚାଇ ଦେବାରୁ ଭାରତ ୬ ୱିକେଟରେ ମ୍ୟାଚ୍‌କୁ ଜିତି ନେଇଥିଲା।

ମ୍ୟାଚ୍ ପରେ କାନେରିଆ ପାକିସ୍ତାନକୁ ତା'ରି ଭାଷାରେ ଜବାବ ଦେଇଛନ୍ତି। ସେ କହିଛନ୍ତି, "ଶାହିବଜାଦା ଫରହାନ ଗୋଟିଏ ଏକେ ୪୭ ରନ ସଙ୍କେତ ଦେଇଥିଲେ। କିନ୍ତୁ ଶୁବମନ ଗିଲ ଓ ଅଭିଷେକ ଶର୍ମା ସେମାନ ବ୍ୟାଟରୁ ଗୋଟିଏ ଗୋଟିଏ ବ୍ରହ୍ମୋସ ଲଞ୍ଚ କରିଥିଲେ। ଶର୍ମା ଏହାପରେ ଫ୍ଲାଇଂ କିସ୍ ? ଦେବାକୁ ବି ପଛାଇ ନଥିଲେ। ଭାରତୀୟ ଓପନରଙ୍କ କାଉଣ୍ଟର ଆଟାକ ଏତେ ବିଧ୍ୱଂସୀ ଥିଲା ଯେ ପାକିସ୍ତାନ ଖେଳାଳି ପୂରା ତଟକା ହୋଇଯାଇଥିଲେ।

ମ୍ୟାଚ୍‌ରେ ଧୂଳେଇ ଓ ମହା ଧୂଳେଇ ହୋଇଛି। ଆପଣଙ୍କ ପାଖରେ ଗିଲ ଓ ଅଭିଷେକଙ୍କ ଭଳି ଖେଳାଳି ଯଦି ଅଛନ୍ତି, ତା'ହେଲେ ୨୦୦ ମଧ୍ୟ ଗୋଟିଏ ଛୋଟିଆ ଟାର୍ଗେଟ ଭଳି ଲାଗିବ। ଉଭୟ ଅତ୍ୟନ୍ତ ଉଚ୍ଚ୍‌ସ୍ତରୀୟ ଖେଳାଳି।"

## ଅମ୍ପାୟାରଙ୍କ ଯୋଗୁଁ ହାରିଲୁ : ପାକିସ୍ତାନ ଅଧିନାୟକ

ଦୁବାଇ୨୨।୯ : ଏସିଆ କପ୍ ୨୦୨୫ର ସୁପର ଫୋର୍ ମ୍ୟାଚ୍ ରେ ଭାରତ ପାକିସ୍ତାନକୁ ୬ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍ ପାଇଁ ପାକିସ୍ତାନ ନିଜ ଦଳରେ ଅନେକ ପରିବର୍ତ୍ତନ କରିଥିଲା। ସବୁଠାରୁ ବଡ଼ ପରିବର୍ତ୍ତନ ଥିଲା ସେମାନଙ୍କର ଓପନିଂ ଯୋଡିରେ। ପାକିସ୍ତାନ ପାଇଁ ସାହିବଜାଦା ଫରହାନ ଏବଂ ଫଖର ଜମାନ ଇନିଂସ ଓପନ କରିଥିଲେ। ସେମାନେ ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ। ତେବେ ତୃତୀୟ ଓଭରରେ ଫଖର ଜମାନ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲରେ ୱିକେଟ ପଛପଟେ ସଂଜୁ ସାମସନଙ୍କ ହାତରେ ଧରା ପଡ଼ିଥିଲେ। କିନ୍ତୁ ଏହି କ୍ୟାଚ୍‌କୁ ନେଇ ବିବାଦ ସୃଷ୍ଟି ହୋଇଛି। କାରଣ ବଲଟି ଭୂମି ସ୍ପର୍ଶ କରିଥିଲା ବୋଲି ପାକିସ୍ତାନ ଖେଳାଳିମାନେ ଦାବି କରୁଛନ୍ତି। ଏହା ସତ୍ତ୍ୱେ ଥାର୍ଡ ଅମ୍ପାୟାର ଏହାକୁ ଆଉଟ ଦେଇଥିଲେ। ଭାରତଠାରୁ ସୁପର ଫୋର୍ ମ୍ୟାଚ୍ ହାରିବା ପରେ, ଯେତେବେଳେ ସଲମାନ ଆଗା ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ହୋଇଥିଲେ, ତାଙ୍କୁ ଫଖର ଜମାନଙ୍କ ଆଉଟ୍ ବିଷୟରେ ପ୍ରଶ୍ନ କରାଯାଇଥିଲା। ଜବାବରେ, ପାକିସ୍ତାନୀ ଅଧିନାୟକ ଅମ୍ପାୟରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ ଯେ ବଲଟି ବାଉନ୍ସ ହୋଇ ( ଭୂମିରେ ପଡ଼ି) କିପରଙ୍କ ହାତକୁ ଯାଇଥିଲା।

## ବସାସାହି ନକଆଉଟ୍ ଫୁଟବଲ : ଆଦିତ୍ୟ ଇଲେଭେନ୍ ବିଜେତା



ଯୋଡ଼ା : ୨୨/୯ ଚମ୍ପୁଆ। ବ୍ଲକ ରଜିଆ। ପଞ୍ଚାୟତ ଅନ୍ତର୍ଗତ ବସାସାହି ବି. ଏମ. ଟି କ୍ଲବ ଆନୁକୂଲ୍ୟରେ ଚତୁର୍ଥ ବର୍ଷ ନକଆଉଟ ଫୁଟବଲ ଟୁର୍ନାମେଣ୍ଟ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ। ର୍ନିବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କ ସହ ବିଜେପି ବରିଷ୍ଠ ନେତା ତଥା ଆଇନଜୀବି ରମେଶ ଚନ୍ଦ୍ର ପ୍ରଧାନ, ସୁଧୀର କୁମାର ସର୍ଦାର, ପହିଲି ନାଏକ, ନରଉମ ମହାନ୍ତ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ସାୟାଁ ଓ ଜର୍ମାନୀ ମହାନ୍ତ ଯୋଗଦେଇଥିଲେ।

ଖେଳକୁ ରେଫ୍ରି ଭାବେ ଏମ.ଡି ହାଲିମ, ଶଙ୍କର ନାୟକ, ସନ୍ତୋଷ କୁମାର ମହାକୁଡ଼ ଓ ଯୋଗେନ୍ଦ୍ର ମାଝୀ ଖେଳ ପରିଚାଳନା କରିଥିଲେ ଏହି ଟୁର୍ନାମେଣ୍ଟରେ ଆଖ ପାଖ ଜିଲ୍ଲାରୁ ପ୍ରାୟ ୩୨ ଟି ଟିମ ଅଂଶ ଗ୍ରହଣ କରିଥିଲେ, ଫାଇନାଲ ମ୍ୟାଚ ଆଦିତ୍ୟ ଇଲେଭେନ କଇଁତା ଓ ପଙ୍କଜ ଇଲେଭେନ ଧୂବଲାବେଡା ମଧ୍ୟରେ ଖୁବ ରମାଞ୍ଚକର ଖେଳ ଦେଖିବାକୁ ମିଳିଥିଲା। ଦୁଇଟି ଯାକ ଟିମର ଗୋଲ ସଂଖ୍ୟା ସମାନ ହୋଇଥିବାରୁ ପେନାଲଟି ମଧ୍ୟମରେ ଆଦିତ୍ୟ ଇଲେଭେନ କଇଁତା ବିଜୟ ହୋଇଥିଲା। ବିଜେତା ଟିମ ମାନଙ୍କ ପାଇଁ ପ୍ରଥମ ପୁରସ୍କାର ୩୦,୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୨୦,୦୦୦ ଟଙ୍କା ଏବଂ ତୃତୀୟ ଓ ଚତୁର୍ଥ ପୁରସ୍କାର ୧୦,୦୦୦ ହଜାର ଲେଖାଏଁ ଦୁଇ ଟିମକୁ ମିଳିଥିବା ଦେଖିବାକୁ ମିଳିଛି ଅତିଥିମାନଙ୍କ ସହିତ ହଜାର ହଜାର ଫୁଟବଲ ପ୍ରେମୀ ଆବାଳ ବୃଦ୍ଧ ବନିତା ଫୁଟବଲ ଖେଳକୁ ଉପଭୋଗ କରିଥିଲେ

## ଓଡ଼ିଶାର ସୁନା ଝିଅ ଅନାହିତା ମିଶ୍ର

ଭୁବନେଶ୍ୱର, ୨୨।୯ : ଓଡ଼ିଶାର ସ୍କେଟିଂ ତାରକା ଅନାହିତା ମିଶ୍ର ପର୍ତ୍ତୁଗାଲରେ ଅନୁଷ୍ଠିତ ଫାରୋ ଇନଲାଇନ ଫ୍ରିଷ୍ଟାଇଲ ବିଶ୍ୱକପରେ ସ୍ୱର୍ଣ୍ଣ ପଦକ ଜିତି ଭାରତକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ସହ ସେ ଏସିଆର ପ୍ରଥମ ଖେଳାଳି ଭାବେ ୟୁରୋପୀୟ ପ୍ରାଧାନ୍ୟ ବିଶିଷ୍ଟ ଏହି ଚାମ୍ପିୟନସିପରେ ସ୍ୱର୍ଣ୍ଣ ଜିତିଛନ୍ତି।

କଟକର ଏହି ଯୁବ ପ୍ରତିଭା ରବିବାର ଅନୁଷ୍ଠିତ ଏହି ପ୍ରତିଷ୍ଠିତ ଇଭେଣ୍ଟରେ ସ୍ପିଡ ସ୍ଲାଲମରେ ବିଶ୍ୱର ୪ ନମ୍ବର ଖେଳାଳିଙ୍କୁ ପରାସ୍ତ କରି ଶୀର୍ଷ ସ୍ଥାନ ସହ ଟ୍ରଫି ଓ ନଗଦ ପୁରସ୍କାର ହାସଲ କରିଛନ୍ତି। ୨୦୨୫ରେ ଏହା ଅନାହିତାଙ୍କ ତୃତୀୟ ଆନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ଏହା ପୂର୍ବରୁ ସେ ପୋଲାଣ୍ଡର କେଟ୍ରଜିନ ଓ ଫ୍ରାନ୍ସର ରେନେସରେ ସ୍ୱର୍ଣ୍ଣ ଜିତି ନିଜକୁ ଏହି ଖେଳର ଉଜ୍ଜ୍ୱଳ ତାରକା ଭାବେ ପ୍ରତିଷ୍ଠିତ କରିଛନ୍ତି। ଭାରତରେ ରୋଲର ସ୍କେଟିଂ ଏକ ସ୍ୱର୍ଣ୍ଣିମ ଯୁଗ ଦେଖୁଛି। ଗତ କିଛି ସପ୍ତାହ ମଧ୍ୟରେ ସ୍ପିଡ ସ୍କେଟର, ଆର୍ଟିଷ୍ଟିକ ସ୍କେଟର ଓ ଇନଲାଇନ ଫ୍ରିଷ୍ଟାଇଲ ସ୍କେଟରମାନେ ଆନ୍ତର୍ଜାତୀୟ ମଞ୍ଚରେ ନିଜର ଛାପ ଛାଡୁଛନ୍ତି।

## ଲଢେଇ ନେଇ ମୁହଁ ଖୋଲିଲେ ଅଭିଷେକ

ନୂଆଦିଲ୍ଲୀ, ୨୨।୯ : ଏସିଆ କପ୍ ୨୦୨୫ର ସୁପର-୪ର ଦ୍ୱିତୀୟ ମ୍ୟାଚ୍ ରେ ଦୁଇ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱି ଭାରତ ପାକିସ୍ତାନ ମଧ୍ୟରେ ଦୁବାଇରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ପାକିସ୍ତାନକୁ ୬ ୱିକେଟରେ ପରାସ୍ତ କରି ପଏଣ୍ଟ ଟେବୁଲରେ ପ୍ରଥମ ସ୍ଥାନ ହାସଲ କରିଛି। ରବିବାର ମ୍ୟାଚ୍ ବେଳେ ଅନେକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ମ୍ୟାଚ୍ ସମୟରେ ଯେତେବେଳେ ଟିମ୍ ଇଣ୍ଡିଆ ବ୍ୟାଟିଂ କରୁଥିଲା, ପାକିସ୍ତାନର ଶାହିନ୍ ଆଫ୍ରିଦ୍ ଏବଂ ହାରିସ୍ ରୌଫ୍ ଭାରତୀୟ ଖେଳାଳିଙ୍କ ସହ ଝଗଡା କରିବାକୁ ଚେଷ୍ଟା କରିଥିଲେ। ଯାହାର ଜବାବ ଅଭିଷେକ ଶର୍ମା ଓ ଶଭମନ୍ ଗିଲ୍ ଦମଦାର ବ୍ୟାଟିଂ ଜରିଆରେ ଦେଇଥିଲେ।



ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ପାକିସ୍ତାନ ଭାରତକୁ ୧୭୨ ରନର ଟାର୍ଗେଟ୍ ଦେବା ପରେ ଭାରତର ଦୁଇ ଓପନର ଅଭିଷେକ ଶର୍ମା ଓ ଶଭମନ୍ ଗିଲ୍ ପଡିଅରକୁ ଓହ୍ଲାଇଥିଲେ। ପ୍ରଥମେ ବୋଲିଂ କରିବାକୁ ଆସିଥିବା ଶାହିନ୍ ଆଫ୍ରିଦ୍‌ଙ୍କ ପ୍ରଥମ ବଲକୁ ଏକ ଶକ୍ତିଶାଳୀ ଛକା ମାରିଥିଲେ ଅଭିଷେକ ଶର୍ମା। ଯାହାକି ଶାହିନଙ୍କୁ କ୍ରୋଧିତ କରିଥିଲା। ଯାହା ପରେ ସେ ଅଭିଷେକଙ୍କ ପ୍ରତି କିଛି ମନ୍ତବ୍ୟ ଦେଇଥିଲେ ଏବଂ ଅଭିଷେକ ମଧ୍ୟ ଏହାର ଉପଯୁକ୍ତ ଜବାବ ଦେଇଥିଲେ। ମ୍ୟାଚ୍ ଶେଷ ହେବା ପରେ ଅଭିଷେକ ପାକିସ୍ତାନୀ ଖେଳାଳିମାନଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟ ବିଷୟରେ ଖୁଲାସା କରିଛନ୍ତି।

ଅଭିଷେକ ଶର୍ମା ଓ ଶୁଭମନ୍ ଗିଲ୍ ଦମଦାର ବ୍ୟାଟିଂ କରୁଥିବା ଦେଖି ପାକିସ୍ତାନ ଖେଳାଳିଙ୍କ ମନରେ କ୍ଷୋଭ ଆସିଥିଲା। ଅଭିଷେକ କହିଛନ୍ତି ପାକିସ୍ତାନ ଖେଳାଳି ଯେଉଁ ଅନ୍ଦାଜରେ ମୋ ଆଡକୁ ଆସୁଥିଲେ ଏବଂ ଓଲଟା ସିଧା କଥାବାର୍ତ୍ତା କରୁଥିଲେ ମୋତେ ପସନ୍ଦ ଆସିନଥିଲା। ସେମାନେ ମୋତେ ବାରମ୍ବାର ଉସୁକାଇବାକୁ ପ୍ରୟାସ କରୁଥିଲେ। ଅଭିଷେକ କହିଛନ୍ତି ମୁଁ ଜବାବ ଦେବାରେ ବିଶ୍ୱାସ କରେ ଏବଂ ଦିଏ ମଧ୍ୟ। ଶାହିନ୍ ଆଫ୍ରିଦ୍ ଏବଂ ହାରିସ୍ ମୋତେ ଉସୁକାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ମୁଁ ବ୍ୟାଟିଂ ଜରିଆରେ ଉଚିତ ଜବାବ ଦେଇଛି। ଶୁଭମନ ଗିଲ୍‌ଙ୍କ ସହ ଅଭିଷେକଙ୍କ ପାଟନର ସିପ୍ ଟିମ୍ ଇଣ୍ଡିଆକୁ ବିଜୟୀ କରିବାରେ ବେଶ ସହାୟକ ହୋଇଥିଲା।

ଏହି ମ୍ୟାଚ୍‌ରେ ପାକିସ୍ତାନ ଖେଳାଳି ଟିମ୍ ଇଣ୍ଡିଆକୁ ବ୍ୟାଟ ଦେଖାଇ ଗୁଳି ମାରିବା ଭଳି ଏକ ଲୁକ୍ ଦେଇଥିଲେ। ଯେଉଁଥିରୁ ଭାରତୀୟ ଦଳ ଅତ୍ୟନ୍ତ କ୍ଷୁବ୍ଧ ହୋଇଥିଲେ। ଯାହାର ଜବାବ ଭାରତୀୟ ଦଳ ବ୍ୟାଟିଂ ଜରିଆରେ ଦେଇ ପାକିସ୍ତାନକୁ ପରାଜିତ କରିଥିଲେ।

# ନେଟ୍‌ସରେ ଝାଳ ବୁହାଇଲେ ରୋହିତ ଏବଂ ରାହୁଲ





ନୂଆଦିଲ୍ଲୀ, ୨୨।୦୯ : ଭାରତୀୟ ଦଳ ଆସନ୍ତା ମାସ ଅଷ୍ଟ୍ରେଲିଆ ଗସ୍ତ କରି ସୀମିତ ଓଭର କ୍ରିକେଟ୍ ସିରିଜ୍ ଖେଳିବ। ଉଭୟ ଦଳ ମଧ୍ୟରେ ୩ଟି ଦିନିକିଆ ଏବଂ ୫ଟି ଟି-ଟ୍ୱେଣ୍ଟି ଖେଳାଯିବ। ଆସନ୍ତା ଅକ୍ଟୋବର ୧୯ତାରିଖରୁ ଦିନିକିଆ ସିରିଜ୍ ଆରମ୍ଭ ହେବ। ଏହି ସିରିଜ୍ ପାଇଁ ଆସନ୍ତା ୨/୩ ଦିନ ମଧ୍ୟରେ ଦଳ ଚୟନ କରାଯିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ। ସୂଚନା ଦେଇଛନ୍ତି। ଟେଷ୍ଟ ଓ ଟି-ଟ୍ୱେଣ୍ଟିରୁ ଅବସର ନେଇ ସାରିଥିବା ଦିନିକିଆ। ଦଳର ଅଧିନାୟକ ରୋହିତ ଶର୍ମାଙ୍କ ସମେତ କେଏଲ୍ ରାହୁଲ ଇତି ମଧ୍ୟରେ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି ଉଭୟ ବେଙ୍ଗାଲୁରୁରେ ଥିବା ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ଠାରେ ଅଭ୍ୟାସ କରୁଛନ୍ତି।

ରୋହିତ ଗତ ଆଇପିଏଲ୍ ପରଠୁ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍ ଖେଳିନାହାନ୍ତି। ସେ ଅଷ୍ଟ୍ରେଲିଆ। ବିପକ୍ଷ ସିରିଜରେ ଦଳର ନେତୃତ୍ୱ ନେବେ। ସେହିପରି ବିରାଟ କୋହଲି ଏହି ସିରିଜ ଜରିଆରେ ମଇଦାନକୁ ଫେରିବେ। ରାହୁଲ ଗତ ଇଂଲଣ୍ଡ ଗସ୍ତରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଟେଷ୍ଟ ସିରିଜ ପରଠୁ କୌଣସି ମ୍ୟାଚ୍ ଖେଳିନାହାନ୍ତି। ସେ ଅଷ୍ଟ୍ରେଲିଆ-ଏ ବିପକ୍ଷ ଦ୍ୱିତୀୟ ଅନଫିସିଆଲ୍ ଟେଷ୍ଟ ଖେଳି ପ୍ରତ୍ୟାବର୍ତ୍ତନ କରିବେ। ଭାରତ ଓ ଅଷ୍ଟ୍ରେଲିଆ। ମଧ୍ୟରେ ଆଗାମୀ ଅକ୍ଟୋବର ୧୯, ୨୩, ୨୫ ତାରିଖରେ ୩ଟି ଦିନିକିଆ ଖେଳାଯିବ। ଏହାପରେ ଉଭୟ ଦଳ ମଧ୍ୟରେ ୫ଟି ଟି-ଟ୍ୱେଣ୍ଟି (ଅକ୍ଟୋବର ୨୯, ୩୧, ନଭେମ୍ବର ୨, ୬, ୮ ତାରିଖ) ଅନୁଷ୍ଠିତ ହେବ।

## ପ୍ରମୋଦଙ୍କ ସୁନେଲି ପ୍ରତ୍ୟାବର୍ତ୍ତନ

ଭୁବନେଶ୍ୱର: ପାରା ବ୍ୟାଡ୍‌ମିଣ୍ଟନ୍ କିଂବଦନ୍ତି ପ୍ରମୋଦ ଭଗତ ନିଜ ପ୍ରତ୍ୟାବର୍ତ୍ତନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ଏହାକୁ ସ୍ମରଣୀୟ କରିଛନ୍ତି। ୱାଡା ନିୟମ ଉଲ୍ଲଂଘନ ପାଇଁ ବାସନ୍ଦାଦେଶର ସମ୍ମୁଖୀନ ହୋଇଥିବା ପ୍ରମୋଦ ଚାଇନା ପାରା ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ପୁରୁଷ ଏସ୍‌ଏଲ୍-୩ ବର୍ଗରେ ଚମତ୍କାର ପ୍ରଦର୍ଶନ କରି ବିଜେତା ହୋଇଥିଲେ। ତା' ସହିତ ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ୧୮ମାସ ଧରି ଅନୁପସ୍ଥିତ ରହିବାର ଦୁଃଖ ଦୂର କରିଛନ୍ତି। ଏହି ଭାବବିହ୍ୱଳ ପ୍ରତ୍ୟାବର୍ତ୍ତନ ତାଙ୍କ ଅପୂର୍ବ ଦକ୍ଷତା, ଲୁଆ ପ୍ରବୃତ୍ତି ଏବଂ ପରିସ୍ଥିତି ଅନୁଯାୟୀ ଖେଳିବାର ନମନୀୟତାକୁ ଦର୍ଶାଉଛି। ତେବେ ତାଙ୍କର ଏହି 'ପ୍ରତ୍ୟାବର୍ତ୍ତନ ସ୍ୱର୍ଣ୍ଣ' ବିଜୟ ଥିଲା ବେଶ୍ ନାଟକୀୟ। ଇଣ୍ଡୋନେସିଆର ମୁ ଅଲ୍ ଇମ୍ରାନଙ୍କ ବିପକ୍ଷ ଫାଇନାଲ୍‌ର ପ୍ରଥମ ସେଟ୍‌କୁ ୧୫-୨୧ରେ ହାରିବା ପରେ ସେ ଅସାଧାରଣ ଏକାଗ୍ରତାର ପରିଚୟ ଦେଇ ପରବର୍ତ୍ତୀ ଦୁଇ ସେଟ୍‌କୁ ୨୧-୧୯, ୨୧-୧୬ରେ ଜିତି ଇତିହାସ ରଚିଥିଲେ। ସେହିଭଳି ସୁକାନ୍ତ କଦମଙ୍କୁ ସାଥୀ କରି ପୁରୁଷ ଯୁଗଳରେ ରେପ୍ୟ ପଦକ ପାଇଥିଲେ। ଉଭୟ କଡା ଟକ୍କର ଦେବା ସତ୍ତ୍ୱେ ଅନ୍ୟତମ ଭାରତୀୟ ଯୋଡି ଜଗଦୀଶ ଦିଲି ଓ ନବୀନ ଶିବକୁମାରଙ୍କଠାରୁ ୧୮-୨୧, ୨୨-୨୦, ୧୮-୨୧ରେ ହାରି ଯାଇଥିଲେ। ଯୁଗଳ ପଦକ ବିଜୟ ପରେ ପ୍ରମୋଦ କହିଥିଲେ, ୧୮ମାସ ପରେ କୋର୍ଟକୁ ଫେରି ନିଜ ଦକ୍ଷତାର ପ୍ରମାଣ ଦେଇଛି।

# ଧରାପଡ଼ିଲା ପାକିସ୍ତାନର ନକଲି ଫୁଟବଲ ଟିମ୍



ନୂଆଦିଲ୍ଲୀ, ୧୯।୯ : ପୁଣି ଚର୍ଚ୍ଚାରେ ପାକିସ୍ତାନ ଏଥର ପାକିସ୍ତାନର ଗୋଟିଏ ନକଲି ଫୁଟବଲ ଟିମର ପର୍ଦ୍ଦାଫାସ ହୋଇଛି। ଜାପାନରେ ବେଆଇନ ଭାବେ ପ୍ରବେଶ କରିବାକୁ ଉଦ୍ୟମ କରିବା ବେଳେ ଧରା ପଡ଼ିଛି। ପାକିସ୍ତାନର ଗୋଟିଏ ନକଲି ଫୁଟବଲ ଟିମ ନିଜକୁ ପାକିସ୍ତାନର ପ୍ରଫେସନାଲ ଫୁଟବଲ ଖେଳାଳିର ପରିଚୟ ଦେଇ ୨୨ ଜଣ ଯୁବକ ଜାପାନରେ ବେଆଇନ ଭାବେ ପ୍ରବେଶ କରୁଥିଲେ।

ଟୁର୍ଣ୍ଣାମେଣ୍ଟ ଖେଳିବା ନାଁରେ ସେମାନେ ଜାପାନରେ ପହଞ୍ଚିଥିଲେ। କିନ୍ତୁ ଏୟାରପୋର୍ଟରେ ସେମାନଙ୍କ ସବୁ ଖେଳ ଶେଷ ହୋଇଛି। ଜାପାନ ଅଧିକାରୀମାନେ ଏପରି ଜାଲିଆତିର ପର୍ଦ୍ଦାଫାସ କରି ପାକିସ୍ତାନର ନକଲି ଫୁଟବଲ ଟିମକୁ ଏୟାରପୋର୍ଟରୁ ହିଁ ନିଜ ଦେଶକୁ ବିଦା କରି ଦେଇଛି। ଏହାପରେ ପାକିସ୍ତାନର ଫେଡରାଲ ଇନଭେଷ୍ଟିଗେସନ ଏଜେନ୍ସି ବା ଏଫଆଇଏ ଏହା ପଛରେ ଥିବା ମାନବ ଚାଲାଣ ରାକେଟର ପର୍ଦ୍ଦାଫାସ କରିବାକୁ ସକ୍ଷମ ହୋଇଛି। ନିଜକୁ ପାକିସ୍ତାନର ଫୁଟବଲ ଖେଳାଳି କହୁଥିବା ସମସ୍ତ ୨୨ ଜଣ ଯୁବକଙ୍କୁ ମଧ୍ୟ ପାକିସ୍ତାନରେ ଗିରଫ କରାଯାଇଛି। ଏଫଆଇଏ ସୂତ୍ରରୁ ଜଣାପଡ଼ିଛି ଯେ ଏହି ଯୁବକମାନେ ନିଜକୁ ପ୍ରଫେସନାଲ ଫୁଟବଲ ଖେଳାଳି କହୁଥିଲେ ସେମାନେ ପାକିସ୍ତାନ ଫୁଟବଲ ଫେଡରେସନ ବା ପିଏଫଏଫ ଦ୍ୱାରା ଅନୁବନ୍ଧିତ ବୋଲି କହିବା ସହ ବୈଦେଶିକ ମନ୍ତ୍ରଣାଳୟ ଠାରୁ ହାସଲ କରିଥିବା ଏନଇସି ମଧ୍ୟ ଦେଖାଇଥିଲେ। ତଥାପି ସେମାନଙ୍କ ଚାଲିଚଳନକୁ ଦେଖି ଏୟାରପୋର୍ଟରେ ଜାପାନ ଅଧିକାରୀମାନଙ୍କ ସନ୍ଦେହ ହୋଇଥିଲା। ସେମାନଙ୍କୁ ଅଟକ ରଖି ଜେରା କରାଯିବାରୁ ସେମାନେ ବେଆଇନ ଭାବେ ଜାପାନରେ ପ୍ରବେଶ କରିବା ମୁଡରେ ଥିବା ଜଣାପଡ଼ିଥିଲା ଫଳରେ ସେମାନଙ୍କୁ ଏୟାରପୋର୍ଟରୁ ପାକିସ୍ତାନକୁ ପଠାଇ ଦିଆଯାଇଥିଲା ତେବେ ଏହି ଯୁବକମାନେ କେମିତି ବିନା ଯାଞ୍ଚରେ ପାକିସ୍ତାନ ଏୟାରପୋର୍ଟରୁ ବିମାନରେ ବସିଲେ, ସେକଥା ଏଫଆଇଏ କହି ନାହିଁ। ଏହି ଘଟଣା ପରେ ତଦନ୍ତକାରୀ ଅଧିକାରୀମାନେ ସିଆଲକୋଟର ପାସରୋରରେ ରହୁଥିବା ପୂରା ରାକେଟର ମାଷ୍ଟରମାଇଣ୍ଡ ମଲିକ ୱାକସକୁ ଗିରଫ କରିଛି। ସେ ଗୋଲ୍ଡେନ ଫୁଟବଲ ଟ୍ରାଏଲ ନାମକ ଗୋଟିଏ ନକଲି କ୍ଲବ ଖୋଲି ସମସ୍ତଙ୍କୁ ଠକି ଚାଲିଥିଲା। ୱାକସ ୨୨ ଜଣ ଯୁବକଙ୍କୁ ଫୁଟବଲ ଖେଳିବାକୁ ଜାପାନ ପଠାଇଥିଲା। ଏଥିପାଇଁ ଜଣଙ୍କ ପିଛା ୪୦ରୁ ୪୫ ଲକ୍ଷ ଟଙ୍କା ମଧ୍ୟ ନେଇଥିଲା। ସେ ନକଲି କ୍ଲବ କରି ଲୋକଙ୍କୁ ଠକେଇ କରୁଥିବା ଜଣାପଡ଼ିବା ପରେ ଏଫଆଇଏ ପକ୍ଷରୁ ତାକୁ ଗିରଫ କରାଯାଇଛି ତା ନାଁରେ ଏକାଧିକ ମାମଲା ମଧ୍ୟ କରାଯାଇଛି।

ଅଧିକାରୀମାନେ କହିଛନ୍ତି ଯେ ୱାକସର ଏପରି ମାନବ ଚାଲାଣ ଫଣ୍ଡା ନୂଆ ନୁହେଁ ୨୦୨୪ ଜାନୁଆରୀରେ ସେ ସମାନ ନକଲି ଯାତ୍ରା କାଗଜ ଓ ନକଲି ନିମନ୍ତ୍ରଣ ପତ୍ର ଜରିଆରେ ୧୭ ଜଣଙ୍କୁ ଜାପାନ ପଠାଇଥିଲେ। ହେଲେ ସେମାନଙ୍କ ମଧ୍ୟରୁ କେହି ବି ଆଉ ଏଯାଏ ପାକିସ୍ତାନ ଫେରି ନାହାନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ